# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୫/୨୦୧୮ (୨୦ ପୃଷ୍ଠା) Bhubaneswar, Monday, November 5/ 2018 ★★★★★★

୪୪ଶ ଭାଗ ୩୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-






KP GROUP
Quality Since 1965
KP®
MADHUBAN
Safal™
PAN MASALA
NO TOBACCO, NO NICOTINE ADDED
4.5g.
₹5/- ରେ ଡବଲ ଡୋଜ୍‌ର ମଜା
Happy Diwali
Safal™
Pan Masala
କରିନିଅ ମଜାରେ ବନ୍ଧୁତା
ନାବାଳକ ମାନଙ୍କ ପାଇଁ ନୁହେଁ । 0% ତମାଖୁ ଏବଂ କୌଣସି ନିକୋଟିନ୍ ମିଶ୍ରିତ ନୁହେଁ । ପାନ ମସାଲା ଚୋବାଇବା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୫/୨୦୧୮ | Bhubaneswar, Monday, November 5/ 2018 | ପୃଷ୍ଠା-୧



**ଲିଲିମାଙ୍କୁ ଏକଲବ୍ୟ ପୁରସ୍କାର**
ଭାରତୀୟ ମହିଳା ହକି ତାରକା ଓଡ଼ିଶାର ଲିଲିମା ମିଞ୍ଜ ରବିବାର ସମ୍ମାନଜନକ ଏକଲବ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

୧୬

୧୦

**ବହୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ ରହମନ୍**
ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ୍ ଅନେକ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ଆତ୍ମଜୀବନୀମୂଳକ ପୁସ୍ତକରେ ବର୍ଣ୍ଣନା କରିଛନ୍ତି।



### ଭାରତୀୟ ଯବାନଙ୍କ ମୁଣ୍ଡ ଗଣୁଛି ଆଇଏସ୍ଆଇ

# ନେପାଳ କାନ୍ଧରେ ଲଶ୍କର ବନ୍ଧୁକ

ନୂଆଦିଲ୍ଲୀ,୪।୧୧

ନିୟନ୍ତ୍ରଣରେଖାରେ ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବାବେଳେ ଆତଙ୍କବାଦୀମାନେ ଅନୁପ୍ରବେଶ କରି ଜମ୍ମୁ-କଶ୍ମୀରରେ ଅସ୍ଥିରତା ସୃଷ୍ଟିରେ ବ୍ୟସ୍ତ। ଏଭଳି ସମୟରେ ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ନେପାଳ କାନ୍ଧରେ ବନ୍ଧୁକ ରଖି ଭାରତୀୟ ଯବାନଙ୍କ ମୁଣ୍ଡ ଗଡ଼ାଇବାକୁ ରଚିଛି ସାଂଘାତିକ ଷଡ଼ଯନ୍ତ୍ର। ଏଥିରେ ନିୟୋଜିତ ହୋଇଛି ପଡ଼ୋଶୀ ଦେଶର ସବୁଠୁ ବିପଜ୍ଜନକ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା(ଏଲ୍ଇଟି)। ଭାରତ ମାଟିରେ ଆତଙ୍କବାଦୀ ଆକ୍ରମଣ ଘଟାଇ ଅଧିକରୁ ଅଧିକ ଲୋକଙ୍କ ଜୀବନ ନେବା ପାଇଁ ଆଇଏସ୍ଆଇ-ଏଲ୍ଇଟି ଛନ୍ଦିଛନ୍ତି ମୃତ୍ୟୁର ନାଗଫାଶ। ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ଏହି ଘାତକ ଚକ୍ରାନ୍ତ ସମ୍ପର୍କରେ ରିପୋର୍ଟ ପ୍ରଘଟ ହେବା ପରେ ତତ୍ପରତା ପ୍ରକାଶ କରିଛି ସୁରକ୍ଷା ବଳ।

ସଦ୍ୟ ପ୍ରକାଶିତ ଗୋଇନ୍ଦା ରିପୋର୍ଟ ମୁତାବକ, ଜମ୍ମୁ-କଶ୍ମୀରର ରାଜଧାନୀ ଶ୍ରୀନଗର ପରେ ନେପାଳର ରାଜଧାନୀ କାଠମାଣ୍ଡୁ ଆଇଏସ୍ଆଇ ପାଇଁ ପାଲଟିଛି ଆତଙ୍କବାଦ ରପ୍ତାନିର ନୂଆ ପ୍ରୟୋଗଶାଳା। ଆଇଏସ୍ଆଇ କାଠମାଣ୍ଡୁରେ ଆତଙ୍କବାଦୀଙ୍କୁ ନିୟୋଜିତ କରି ଭାରତୀୟ ସୁରକ୍ଷା ବଳକୁ ଟାର୍ଗେଟ କରିବାକୁ ଯୋଜନା ଚଳାଇଛି। ଏଥିରେ କାଠମାଣ୍ଡୁସ୍ଥିତ ପାକିସ୍ତାନ ଦୂତାବାସର କେତେଜଣ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଥିବା ସାମ୍ନାକୁ ଆସିଛି। ଲଶ୍କର ନେପାଳରେ ତା'ର କେତୋଟି ଶାଖା ଗଠନ କରିଛି। ସେଠାରେ ଆତଙ୍କବାଦୀଙ୍କୁ ନିଯୁକ୍ତି ଦିଆଯାଉଛି। ନୂଆକରି ନିଯୁକ୍ତି ପାଉଥିବା ଯୁବକଙ୍କୁ ପାକିସ୍ତାନୀ ସେନା ଅସ୍ତ୍ରଶସ୍ତ୍ର ଯୋଗାଉଥିବାବେଳେ ଆଇଏସ୍ଆଇ ସେମାନଙ୍କୁ ଆତଙ୍କବାଦର ତାଲିମ ପାଇଁ ଅର୍ଥ ଯୋଗାଣ କରୁଛି। ଏଥିରେ ପାକିସ୍ତାନୀ ଦୂତାବାସର ସକ୍ରିୟ ଭୂମିକା ସାମ୍ନାକୁ ଆସିଛି। କାଠମାଣ୍ଡୁରେ ଆଇଏସ୍ଆଇ ପକ୍ଷରୁ କେତୋଟି ଇସ୍ଲାମିକ୍ ଏନ୍‌ଜିଓ ଖୋଲାଯାଇଛି। ଉକ୍ତ ଏନ୍‌ଜିଓଗୁଡ଼ିକୁ ଲଶ୍କର ଆତଙ୍କବାଦୀମାନେ ପରିଚାଳିତ କରୁଛନ୍ତି। କାଠମାଣ୍ଡୁସ୍ଥିତ ପାକିସ୍ତାନୀ ଦୂତାବାସରେ କାର୍ଯ୍ୟରତ ୨ ଜଣ ଆଇଏସ୍ଆଇ ଏଜେଣ୍ଟ ନିକଟରେ ନେପାଳର ☞ ପୃଷ୍ଠା-୨



## ବଦ୍ରିନାଥରେ ବରଫପାତ
# ଫସି ରହିଛନ୍ତି ୩୩ ତୀର୍ଥଯାତ୍ରୀ, ୪୨ ଉଦ୍ଧାର

ଭୋଗରାଇ/ଭଞ୍ଜନଗର, ୪।୧୧ (ଡି.ଏନ.ଏ.)

ଉତ୍ତରାଖଣ୍ଡର ବଦ୍ରିନାଥ ଓ ଆଖପାଖ ଅଞ୍ଚଳରେ ପ୍ରବଳ ବରଫପାତ ହୋଇଛି। ଫଳରେ ସ୍ଥାନେ ସ୍ଥାନେ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକ ଫସିରହିଛନ୍ତି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର ୩୩ଜଣ ତୀର୍ଥଯାତ୍ରୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ତୀର୍ଥଯାତ୍ରୀ ରବିବାର କୌଣସି ପ୍ରକାରେ ତାଙ୍କ ପରିବାରକୁ ଫୋନ ଯୋଗେ ଜଣାଇବା ପରେ ଅନ୍ୟ ପରିବାରର ଲୋକମାନେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ହେଲେ ତୀର୍ଥଯାତ୍ରୀଙ୍କ ସହିତ ଯୋଗାଯୋଗ ହୋଇପାରୁ ନ ଥିବାରୁ ପରିବାର ଲୋକେ ନାନା ଦୁଶ୍ଚିନ୍ତାରେ ରହିବା ସହ ପ୍ରଶାସନକୁ ଜଣାଇଛନ୍ତି। ଅନ୍ୟପକ୍ଷରେ ବଦ୍ରିନାଥଙ୍କ ଦର୍ଶନ ସାରି ଫେରିବା ବେଳେ ବରଫପାତ ଯୋଗୁ ଏକ ଧର୍ମଶାଳାରେ ପ୍ରାୟ ୨୪ ଘଣ୍ଟା ଖାଦ୍ୟ ନ ପାଇ ଫସିରହିଥିଲେ ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ୪୨ ତୀର୍ଥଯାତ୍ରୀ। ରାଜ୍ୟ ସରକାର ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ସେଠାକାର ସରକାରଙ୍କ ସହଯୋଗରେ ସେମାନେ ରବିବାର ଉଦ୍ଧାର ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭୋଗରାଇ ବ୍ଲକର କମର୍ଦ୍ଦା, ରାଣୀଗୋଡ଼ା, ଦାହୁଣଦା ଆଦି ଗ୍ରାମର ୫୫ଜଣ ତୀର୍ଥଯାତ୍ରୀଙ୍କୁ ନେଇ ପଶ୍ଚିମବଙ୍ଗର ଏକ ଘରୋଇ ବସ୍ ଦଶହରା ରାତିରେ ଉତ୍ତରଭାରତ ☞ ପୃଷ୍ଠା-୨

# ଚାଷୀ ଆନ୍ଦୋଳନ ରୋକିବାକୁ ୧୪୪
## ଆନ୍ଦୋଳନ ପ୍ରତ୍ୟାହାର ପାଇଁ ପ୍ରସ୍ତାବ ଦେଲେ ଅର୍ଥମନ୍ତ୍ରୀ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ପ୍ରାଇସ୍, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ପୁଣି ରାସ୍ତାକୁ ଓହ୍ଲାଇଛି ନବନିର୍ମାଣ କୃଷକ ସଙ୍ଗଠନ। ସଙ୍ଗଠନ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିଠାରେ ଚାଷୀ ମହାସମାବେଶର ଡାକରା ଦିଆଯାଇଛି। ମାତ୍ର ଏଥିପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରି ନାହାନ୍ତି। ଫଳରେ ରାଜଧାନୀ ଆସୁଥିବା ଚାଷୀଙ୍କୁ ପୋଲିସ୍ ରାସ୍ତାରେ ଅଟକାଇ ରଖିଛି। ବାଲୁଗାଁ ଏବଂ କଟକ ଆଡୁ ପଦଯାତ୍ରାରେ ଆସୁଥିବା ଚାଷୀଙ୍କୁ ଆଇନ ଶୃଙ୍ଖଳା ବାହାନାରେ ମଧ୍ୟ ରାସ୍ତାରେ ପୋଲିସ ଅଟକାଇବା ସହ ୧୪୪ଧାରା ଜାରି କରିଛି। ମହାସମାବେଶକୁ ଆଖି ଆଗରେ ରଖି ୨୫ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପଟେ ଚାଷୀଙ୍କ ଏହି ଆନ୍ଦୋଳନରେ ଉଭୟ କଂଗ୍ରେସ ଏବଂ ଭାଜପା ଟିମ୍ ସାମିଲ ହୋଇ ଫାଇଦା ଉଠାଇବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ ମହାସମାବେଶ ପାଇଁ ସରକାର ଅନୁମତି ପ୍ରଦାନ ନ କଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ହଜାର ହଜାର ଚାଷୀଙ୍କ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ଏରୋସ୍ପେସ୍ ସ୍ୱପ୍ନ

**ଆଜିର ମନ୍ତବ୍ୟ**

"ଲୋକେ ହିଂସା ପରିତ୍ୟାଗ କରି ନିଜ ହୃଦୟରେ ରାମମନ୍ଦିର ନିର୍ମାଣ କରିବା ଉଚିତ।

-ଶଶି ଥରୁର, କଂଗ୍ରେସ ଏମ୍‌ପି

NECC NATIONAL EGG CO-ORDINATION COMMITTEE 04.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 68 | 116 | 126 |
| DKL | 69 | 118 | 128 |
| BDK | 68 | 116 | 126 |
| BLS | 68 | 116 | 126 |
| ANG | 70 | 119 | 129 |

*Conditions Apply
Eggs Retail Price- 50/-Dozen
Issued in the Interest of Consumers







Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. Offer valid only in Odisha. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan.
HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp
Hero GoodLife | Hero MILEAGE EXTRA KILOMETERS PER LITRE | Paytm mall ₹5000/- ର ଲାଭ | HeroFinCorp.

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମ୍‌ଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଲେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 7894020001. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ: ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଣ ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକମରୀ ମୋଟର୍ସ - 7008906387. ସୋରୋ: ଦୁରକିଲ ମୋଟର୍ସ - 221711, 9337375571. ହୀରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହୁଇଲର୍ - ବିଦ୍ୟାଧରପୁର, କଟକ - 8093080012.

**ବରଗଡ଼ ବାଘ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ**

# କଲରାପତରିଆ ନୁହେଁ, ମହାବଳ

ଭୁବନେଶ୍ୱର(ବ୍ୟୁରୋ)/ବରଗଡ଼ ଅଫିସ୍, ୪।୧୧

**ଧରାପଡ଼ିଲା ସତ**
- ବିଦ୍ୟୁତ୍ ତାର ବିଛାଇ ଶିକାର କରାଯାଇଥିଲା
- ପହଞ୍ଚିଲା କ୍ରାଇମବ୍ରାଞ୍ଚ, ଏନ୍‌ଟିସିଏ

ବରଗଡ଼ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରେ ଯେଉଁ ବାଘଟି ମରିଥିଲା ତାହା କଲରାପତରିଆ ନ ଥିଲା। ସେଇଟି ଏକ ମହାବଳ ଥିଲା। ଜଙ୍ଗଲ ଓ ପରିବେଶ ବିଭାଗ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହା ସ୍ୱୀକାର କରିଛନ୍ତି। ଫଳରେ ବାଘ ମୃତ୍ୟୁ ଘଟଣାରୁ ପରଦା ହଟିବା ସହ କଲରାପତରିଆ ବାଘ ମରିଛି ବୋଲି ବନ ବିଭାଗ ଯେଉଁ ଭୁଲ ତଥ୍ୟ ଦେଇଥିଲା ତାହାର ମଧ୍ୟ ପର୍ଦ୍ଦାଫାଶ ହୋଇଛି।

ଗତ ଶନିବାର ଦାମୋଦରପଡ଼ା ଜଙ୍ଗଲରୁ ଏକ ବାଘର ପଞ୍ଝା, ନିଶ ଏବଂ ନଖ ମିଳିଥିଲା। ଏହି ଘଟଣାରେ ବନ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଭଟଲି ଥାନା ଖଜୁରିଆ ଗ୍ରାମର ସତ୍ୟବାନ ସାହୁ, ସୁଶୀଳ ଭୁଏ, ଗୌରୀ ମିର୍ଦ୍ଧା ଏବଂ ଜେକ୍ରିଆ ଟିଡୁ। ସେମାନେ ଗିରଫ ହେବା ପରେ ମୃତ ବାଘର ପ୍ରଜାତିକୁ ଲୁଚାଇବା ନେଇ ବନ ବିଭାଗ ଚଳାଇଥିବା ଅପଚେଷ୍ଟାର ଗୁମର ଫିଟିଛି। ମୃତ ବାଘଟି ମହାବଳ ଥିଲା ବୋଲି ଅଭିଯୁକ୍ତମାନେ ମାନିଛନ୍ତି। ବିଦ୍ୟୁତ ତାର ଯନ୍ତାରେ ବାଘକୁ ଶିକାର କରାଯାଇଥିବା ବନ ବିଭାଗ ତଦନ୍ତରୁ ଜଣାପଡ଼ିଛି। ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବାଘଟି ମୃତ୍ୟୁମୁଖରେ ପଡ଼ିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ବୋଲି ବରଗଡ଼ ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଲେଇ କହିଛନ୍ତି।

ଅଭିଯୁକ୍ତମାନଙ୍କ ବୟାନ ମୁତାବକ, ଗତ ଅକ୍ଟୋବର ୧୩ତାରିଖ ରାତି ପ୍ରାୟ ୮ଟାରେ ସେମାନେ ଘଟଣାସ୍ଥଳ ନିକଟ କୁଇବାହାଲ ଗ୍ରାମର ଏକ ଚାଷଜମିରୁ ଦେବ୍ରିଗଡ଼ ଅଭୟାରଣ୍ୟ ପଟକୁ ଯାଇଥିବା ୧୧କେଭି ବିଦ୍ୟୁତ୍ ତାରରୁ ସଂଯୋଗ କରି ଜିଆଇ ତାର ବିଛାଇଥିଲେ। ପରଦିନ ଭୋର ୪ଟାରେ ସେଠାରେ ଏକ ମହାବଳ ବାଘ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାପରେ ମୃତ ବାଘର ପଞ୍ଝା, ନିଶ, ଦାନ୍ତ ଆଦି କାଢ଼ି ନେଇ ମୃତଦେହକୁ ଭାରରେ ବୋହି ଆଣି କିଛି ଦୂରରେ ପୋତିଦେଇଥିଲେ। ଘଟଣାସ୍ଥଳରୁ ପୂର୍ବରୁ ୪ଟି ବାଘଦାନ୍ତ, ରକ୍ତଭିଜା ଭାର ଜବତ୍ ହୋଇଥିବାବେଳେ ଗିରଫ ପରେ ଅଭିଯୁକ୍ତଙ୍କ ପାଖରୁ ପଞ୍ଝା, ୭ଟି ବାଘନିଶ ଜବତ ହୋଇଛି। ଡିଏଫ୍‌ଓ କହିଛନ୍ତି, ଅଭିଯୁକ୍ତଙ୍କ ବୟାନ ଓ ଜବତ ଅଂଶବିଶେଷରୁ ମୃତବାଘଟି ମହାବଳ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅଭିଯୁକ୍ତଙ୍କୁ ୨ଟି ବାଘର ଫଟୋ ଦେଖାଯାଇଥିଲା ଏବଂ ସେମାନେ ସେଥିରୁ ମହାବଳ ବାଘର ଫଟୋକୁ ଦେଖାଇ ସେହି ପ୍ରଜାତିର ବାଘକୁ ମାରିଥିବା କହିଥିଲେ। ମାତ୍ର ମୃତ ବାଘଟି କେଉଁ ପ୍ରଜାତିର ଥିଲା, ତାହାକୁ ୱାଇଲ୍ଡଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ), ଡେରାଡୁନ ଏବଂ ନ୍ୟାଶନାଲ ସେଣ୍ଟର ଫର୍ ବାୟୋଲୋଜିକାଲ ସାଇନ୍ସେସ୍(ଏନ୍‌ସିବିଏସ୍) ସ୍ପଷ୍ଟ କରିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ନାଗପୁରର ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ହେମନ୍ତ କାମ୍‌ଡି ଏବଂ ଓଡ଼ିଶା କ୍ରାଇମବ୍ରାଞ୍ଚର ଏକ ଟିମ୍ ତଦନ୍ତ ପାଇଁ ରବିବାର ସନ୍ଧ୍ୟାରେ ବରଗଡ଼ରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଗତ ରବିବାର ବାଘ ଶିକାର ସମ୍ପର୍କରେ ଗୁପ୍ତ ଖବର ପାଇ ଘଟଣାସ୍ଥଳକୁ ଯିବା ପରେ ଏହା ଲୋକଲୋଚନକୁ ଆସିଥିଲା। ବରଗଡ଼ ଡିଏଫ୍‌ଓ ଏବଂ ଆର୍‌ସିସିଏଫ୍ ଯେଉଁଭଳି ଅପରାଧ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ଶୁଭେନ୍ଦୁ କହିଛନ୍ତି।

**ବନ ବିଭାଗ ଭୂମିକାକୁ ନେଇ ଚର୍ଚ୍ଚା**

ବିଭାଗୀୟ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ମୃତ ବାଘଟି କଲରାପତରିଆ ବୋଲି କହିଥିଲେ। କାରଣ ସ୍ଥାନୀୟ ବନ ବିଭାଗ ମନ୍ତ୍ରୀଙ୍କୁ ଯାହା ରିପୋର୍ଟ ଦେଇଥିଲା ସେ ଗଣମାଧ୍ୟମକୁ ତାହା କହିଥିଲେ। ତେବେ ଏଠାରେ ବନ ବିଭାଗର ଭୂମିକାକୁ ନେଇ ନାନା ଆଲୋଚନା ହେଉଛି। ପୂର୍ବରୁ ଚୁପ୍ ରହୁଥିବା ସ୍ଥାନୀୟ ବନ ବିଭାଗ ବିନା ତଦନ୍ତରେ କିପରି ମୃତ ବାଘକୁ କଲରାପତରିଆ ବୋଲି କହିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ବନ ବିଭାଗ କର୍ମଚାରୀ ଓ ଅଧିକାରୀମାନେ ନିଜ ତ୍ରୁଟିକୁ ଲୁଚାଇବା ପାଇଁ ଅପଚେଷ୍ଟା କରିଥିଲେ। କିନ୍ତୁ ଯେତେବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦିଆଗଲା ସେତେବେଳେ ସେମାନେ ଫଶିଯିବା ଭୟ ଘାରିଲା। ହାତୀ ମୃତ୍ୟୁ ଘଟଣାରେ କ୍ରାଇମବ୍ରାଞ୍ଚ ୩ ଜଣଙ୍କୁ ଗିରଫ କରିବା ପରେ ବାଘ ମୃତ୍ୟୁ ଘଟଣାରେ ବି ଅନୁରୂପ ବିପଦ ଆସିବ ବୋଲି ଆଶଙ୍କା କରାଯାଇଥିଲା। ସେପଟେ ଏନଟିସିଏ ଏବଂ ଡବ୍ଲ୍ୟୁଆଇଆଇ ମଧ୍ୟ ହସ୍ତକ୍ଷେପ କରିଥିଲା। ତେଣୁ ବନ ବିଭାଗ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କଲା ବୋଲି ବିଶେଷଜ୍ଞମାନେ କହିଛନ୍ତି।








**'କାଦମ୍ବିନୀ' ସାରସ୍ୱତ ସମ୍ମାନ-୨୦୧୯' ନିମନ୍ତେ ପୁସ୍ତକ ଆହ୍ୱାନ**

ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ପାଇଁ ସମର୍ପିତ ପ୍ରତିଷ୍ଠିତ ତଥା ବହୁଳ ପ୍ରସାରିତ ସର୍ବପ୍ରଥମ ଫିଚରଧର୍ମୀ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ପକ୍ଷରୁ **'କାଦମ୍ବିନୀ ସାରସ୍ୱତ ସମ୍ମାନ'** ନିମନ୍ତେ ପୁସ୍ତକ ଆହ୍ୱାନ କରାଯାଉଛି। ସାରସ୍ୱତ ସ୍ରଷ୍ଟାମାନଙ୍କୁ ଅନୁରୋଧ, ସେମାନେ ତାଙ୍କର ୨୦୧୬, ୨୦୧୭ ଓ ୨୦୧୮ ମସିହାରେ ପ୍ରକାଶିତ ପୁସ୍ତକର ପ୍ରଥମ ସଂସ୍କରଣର ତିନିକିତା ସହ ନିଜ ସଂପର୍କରେ ଅନ୍ୟାନ୍ୟ ସମସ୍ତ ବିବରଣୀ ନଭେମ୍ବର ୧୫ ତାରିଖ ସୁଦ୍ଧା ପ୍ରେରଣ କରି ଆବେଦନ କରିପାରିବେ। ଏହି ସମ୍ମାନ ସଂପର୍କିତ ଆମ ବିଚାରକମଣ୍ଡଳୀଙ୍କ ନିର୍ଣ୍ଣୟ ହିଁ ଶେଷ ନିଷ୍ପତ୍ତି। ଏ ସଂପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ **'କାଦମ୍ବିନୀ'**ର ଅକ୍ଟୋବର ଓ ନଭେମ୍ବର ୨୦୧୮ ସଂଖ୍ୟା ସମେତ ଏହାର ୱେବ୍‌ସାଇଟ୍ www.kadambini.org ଦେଖି ପାରିବେ।

**ଆମ ଠିକଣା:** କାଦମ୍ବିନୀ ଭିଲ୍ଲା, ୪୨୧/୨୩୫୮, ପଦ୍ମାବତୀ ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର- ୭୫୧୦୨୧ ଦୂରଭାଷ: ୦୬୭୪-୨୭୪୦୫୧୯ /୨୭୪୧୨୬୦, ମୋ: ୭୦୭୭୭୦୪୧୧୯
E-mail: kadambini.odia@gmail.com
Website: www.kadambini.org

ଓଡ଼ିଶା ଆମ ଗୌରବ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା | ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ** ପକ୍ଷରୁ
ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି, ପ୍ରତାପ ନଗରୀ, କଟକର ସହଯୋଗରେ

**ରାଜ୍ୟସ୍ତରୀୟ ସଂକୀର୍ତ୍ତନ ଉତ୍ସବ**

**ତା. ୫ ଓ ୬ ରିଖ, ନଭେମ୍ବର, ୨୦୧୮**
**ସ୍ଥାନ : ମା' ଧାକୁଲେଇ ପୀଠ, ପ୍ରତାପ ନଗରୀ, କଟକ**

**୦୫.୧୧.୨୦୧୮**

ମୁଖ୍ୟ ଅତିଥି : **ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ବିଶିଷ୍ଟ ଅତିଥି : **ଶ୍ରୀଯୁକ୍ତ ଚନ୍ଦ୍ର ସାରଥି ବେହେରା**
ମାନ୍ୟବର ମନ୍ତ୍ରୀ, କ୍ରୀଡ଼ା ଓ ଯୁବବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି : **ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
**ଡ. ରାମକୃଷ୍ଣ ସାହୁ,** ସ୍ୱତନ୍ତ୍ର ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଓ ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର
**ଶ୍ରୀଯୁକ୍ତ ବନମାଳୀ ଦାସ**
ସଂପାଦକ, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ, କଟକ ଜିଲ୍ଲା ଶାଖା

**୦୬.୧୧.୨୦୧୮**

ମୁଖ୍ୟ ଅତିଥି : **ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ**
ମାନ୍ୟବର ଲୋକସଭା ସାଂସଦ, କଟକ
ସମ୍ମାନନୀୟ ଅତିଥି : **ଶ୍ରୀମତୀ ମିନାକ୍ଷୀ ବେହେରା**
ନଗରପାଳ, କଟକ ମହାନଗର ନିଗମ, କଟକ
**ଶ୍ରୀଯୁକ୍ତ ଅରବିନ୍ଦ ଅଗ୍ରୱାଲ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, କଟକ
**ଡଃ. ରାମକୃଷ୍ଣ ସାହୁ,** ସ୍ୱତନ୍ତ୍ର ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଓ ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର
**ଶ୍ରୀ ବିଷ୍ଣୁ ଚରଣ ମହାପାତ୍ର**
ସଭାପତି, ନିଖିଳ ଉତ୍କଳ ସଂକୀର୍ତ୍ତନ ମହାସଂଘ, ଭୁବନେଶ୍ୱର

**ଏହି କାର୍ଯ୍ୟକ୍ରମରେ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବାକୁ ସାଦର ନିମନ୍ତ୍ରଣ।**

**ଡ. ବିଜୟ କୁମାର ଜେନା, ସଚିବ**
**ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର**



JWT.8135.2018

ବର୍ତ୍ତମାନ ସେହି ନିର୍ଦ୍ଧାରିତ ସମୟ ଆସିଯାଇଛି । ଏତିକି ବେଳେ ହିଁ ଆମ ସମସ୍ତଙ୍କୁ ବୃତାନ୍ତ ଓ ନିଶ୍ଚିତ ସିଦ୍ଧାନ୍ତ ନେବାକୁ ପଡିବ । ପ୍ରଭୁ ! ମିଥ୍ୟାକୁ ଜୟକରିବା ଲାଗି ଆମକୁ ଶକ୍ତି ଦିଅ ଏବଂ ଆମେ ଯେପରି ତୁମରି ସତ୍ୟ ଓ ପବିତ୍ରତାକୁ ସଂପୂର୍ଣ୍ଣ ଭାବେ ଆଦରି ନେଉ ଏବଂ ତୁମର ବିଜୟ ସକାଶେ ଉପଯୁକ୍ତ ହେଉ ।

–ଶ୍ରୀମା



# ଏରୋସ୍ପେସ୍ ସ୍ୱପ୍ନ

ମହାକାଶ ଓ ପ୍ରତିରକ୍ଷା ସଂକ୍ରାନ୍ତ ସାମଗ୍ରୀ କିଣା କ୍ଷେତ୍ରରେ ଭାରତ ଅନ୍ୟ ରାଷ୍ଟ୍ର ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ । ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ହେଉଥିବା ଯନ୍ତ୍ରପାତି ଆବଶ୍ୟକତା ମେଣ୍ଟାଇ ପାରୁ ନ ଥିବାରୁ ଦେଶ ଭିତରେ ଏ ସମ୍ବନ୍ଧୀୟ ଅଧିକ ଶିଳ୍ପ ଗଢ଼ିବା ଲାଗି କେତେକ ସ୍ତରରେ ଉଦ୍ୟମ ହେଉଛି । କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ଅଧୀନରେ ସେଭଳି କିଛି ବିଶେଷ ସଫଳତା ମିଳିନାହିଁ । ଏଭଳି ସ୍ଥଳେ ଓଡ଼ିଶା ସରକାର 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ ଜରିଆରେ ମହାକାଶ ଓ ପ୍ରତିରକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ର ସକାଶେ ଦରକାର ସାମଗ୍ରୀ ପାଇଁ ୟୁନିଟ୍ ସ୍ଥାପନ ଲାଗି ଆହ୍ୱାନ ଦେବା ନିଶ୍ଚିତ ଭାବେ ଉତ୍ସାହଜନକ ।

ତେବେ ପ୍ରାରମ୍ଭରେ ମନେରଖିବାକୁ ହେବ ଯେ, ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ । ସାମାଜିକ ସ୍ତରରେ, ଏ ପର୍ଯ୍ୟନ୍ତ ଶିଳ୍ପର ଗୁରୁତ୍ୱ ଜନସାଧାରଣଙ୍କ ମଧ୍ୟରେ ଗଢ଼ି ଉଠିନାହିଁ । ତାହାର ମୁଖ୍ୟ କାରଣ ହେଉଛି, ଏପର୍ଯ୍ୟନ୍ତ ରାଜ୍ୟକୁ ଯେତୋଟି ବୃହତ୍ ଶିଳ୍ପ ଆସିଛି, ସେଗୁଡ଼ିକ ମଧ୍ୟରୁ ପ୍ରାୟ ସବୁତକ ଖଣିଜ ପଦାର୍ଥଭିତ୍ତିକ । ଉଦାହରଣ ସ୍ୱରୂପ ଇସ୍ପାତ, ଆଲୁମିନିୟମ୍, ଶକ୍ତି କିମ୍ବା କ୍ରୋମ୍ ଉପରେ ନିର୍ଭରଶୀଳ । ଏତଦ୍‌ବ୍ୟତୀତ ଯେଉଁ କେତୋଟି ବୃହତ୍ ଶିଳ୍ପ ଏହି ରାଜ୍ୟରେ ସଫଳତା ହାସଲ କରିଛି, ସେହିସବୁ ଶିଳ୍ପର ମାଲିକାନା ସବୁବେଳେ ଚେଷ୍ଟିତ ରହି ଆସିଛି ଯେ, ସ୍ଥାନୀୟ ଯୁବତୀଯୁବକଙ୍କୁ ସର୍ବନିମ୍ନ ସ୍ତରରେ ଚାକିରି ଦେବା ବ୍ୟତୀତ ଅନ୍ୟ କୌଣସି ଭାବେ କୌଶଳୀ ବା ଦକ୍ଷ କରାଇବେ ନାହିଁ । ଯାହାଫଳରେ ଓଡ଼ିଶାର ଯୁବପିଢ଼ି ଅଧାପନ୍ତରିଆ ଆଇଟିଆଇ ପାସ୍ କରି ଭାବିନେଉଛନ୍ତି ଯେ ସେମାନେ ଯୋଗ୍ୟ ହୋଇଗଲେଣି । ଅନ୍ୟପଟେ ରାଜ୍ୟର ଜମି, ଜଳ ଏବଂ ଖଣିଜ ସମ୍ପଦ ଲୁଟିବା ସହିତ ଏହି ଶିଳ୍ପଗୁଡ଼ିକ ଜଙ୍ଗଲ ଏବଂ ପରିବେଶ ଧ୍ୱଂସ କରିଚାଲିଛନ୍ତି । ଏଭଳି ପ୍ରଚ୍ଛଦପଟରେ ଯେତେବେଳେ ଏରୋସ୍ପେସ୍ ବା ମହାକାଶ ଏବଂ ଡିଫେନ୍ସ ବା ପ୍ରତିରକ୍ଷା ଭଳି ଅତି ଉଚ୍ଚକୋଟୀର ହାଇ ପ୍ରିସିଶନ ଶିଳ୍ପ ଆଣିବାର ସ୍ୱପ୍ନ ଦେଖାଯାଉଛି, ସେଥିରେ ମନେରଖିବାକୁ ହେବ ଯେ ସ୍ଥାନୀୟ ଯୁବଶକ୍ତିର ସେହି ସବୁ ଶିଳ୍ପରେ କୌଣସି ସ୍ଥାନ ରହିବ ନାହିଁ । ଏହିସବୁ ଶିଳ୍ପ ପ୍ରତିଷ୍ଠା କରିପାରୁଥିବା ବଡ଼ କମ୍ପାନୀଗୁଡ଼ିକ ଓଡ଼ିଶା ଭଳି ରାଜ୍ୟରେ ସେମାନଙ୍କର ମୁଖ୍ୟ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରିବେ ନାହିଁ । ଏହାର ଅର୍ଥ ହେଲା, ସେସବୁ କମ୍ପାନୀ ତାଙ୍କର ଟିକସ ଓଡ଼ିଶାରେ ଦେବେ ନାହିଁ । ଏଥିରୁ ବୁଝିବାକୁ ହେବ ଯେ, କେନ୍ଦ୍ରୀୟ ରାଜସ୍ୱରେ ରାଜ୍ୟର ଭାଗ ମଧ୍ୟ ବୃଦ୍ଧିପାଇବ ନାହିଁ । ଅନ୍ୟପଟେ ଜମି, ବିଦ୍ୟୁତ୍ ଶକ୍ତି, ଜଳ, ଜିଏସ୍‌ଟି ଇତ୍ୟାଦିରେ ଏହିସବୁ କାରଖାନା ଓଡ଼ିଶାରୁ ଅନେକ ରିହାତି(ସବ୍‌ସିଡି) ନିଶ୍ଚିତ ଭାବେ ନେବେ । ଅପରପକ୍ଷେ ଏହିଭଳି ଉଚ୍ଚ ବୈଷୟିକ ଜ୍ଞାନକୌଶଳ ସମ୍ପୃକ୍ତ ଥିବା ଶିଳ୍ପର ଉପର ବା ତଳ ମୁଣ୍ଡରେ କ୍ଷୁଦ୍ର କିମ୍ବା ମଧ୍ୟମ ଶିଳ୍ପର କୌଣସି ଭୂମିକା ରହିବ ନାହିଁ । ଏହାଦ୍ୱାରା ଓଡ଼ିଆ ଉଦ୍ୟୋଗୀଙ୍କର ମଧ୍ୟ କୌଣସି ଆବିର୍ଭାବ ହେବ ନାହିଁ ।

ଓଡ଼ିଶାର ଭିତ୍ତିଭୂମି ଏବଂ ସାମାଜିକ ପରିସ୍ଥିତିକୁ ଦେଖିଲେ ଆମ ରାଜ୍ୟର ମୁଖ୍ୟ ଲକ୍ଷ୍ୟ ହେବାକଥା ଲଘୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ସ୍ଥାପନ । ଏହି ଶିଳ୍ପଗୁଡ଼ିକ କୃଷିଭିତ୍ତିକ ହୋଇପାରେ କିମ୍ବା ଅନ୍ୟ ବୃହତ୍ ଶିଳ୍ପକୁ ଯୋଗାଇଲା ଭଳି ସାମଗ୍ରୀ ଉତ୍ପାଦନ କରିପାରେ । ପ୍ରତ୍ୟେକ ଗ୍ରାମରେ ଗୋଟିଏ ସାମଗ୍ରୀ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖାଯାଇଥିଲେ ଏହି ରାଜ୍ୟର ଉନ୍ନତି ଆଖିଦୃଶିଆ ହୋଇପାରନ୍ତା । ଏଠାରେ ଢେଙ୍କାନାଳ ଜିଲା ଆମ୍ବ ଉତ୍ପାଦନକୁ ଉଦାହରଣ ଭାବେ ନିଆଯାଇପାରେ । ସେହି ଫଳକୁ ସଂରକ୍ଷିତ ରଖିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଯଥା ଶୀତଳଭଣ୍ଡାର ସୃଷ୍ଟି କରାଯାଇ ତାହାର ବିଦେଶକୁ ରପ୍ତାନି ବ୍ୟବସ୍ଥା କରାଯାଇପାରନ୍ତା । ସେହିଭଳି କନ୍ଧମାଳର ହଳଦୀ, କଳାହାଣ୍ଡି ଓ ସମ୍ବଲପୁରର ବାସମତୀ ଚାଉଳ, କୋରାପୁଟର କଫିଭଳିପ୍ରାୟ ପ୍ରତ୍ୟେକ ଜିଲାରେ ଥିବା ନିଜସ୍ୱ ସାମଗ୍ରୀ କେବଳ କ୍ଷେତରୁ ସିଧାସଳଖ ଅନ୍ୟ ରାଜ୍ୟକୁ ଚାଲିଯାଉଛି । ତାହାର ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଶେଷରେ ପ୍ୟାକିଂ କରାଯାଇ ବିଦେଶକୁ ପଠାଇବାର ବ୍ୟବସ୍ଥା କରିବାର କାହାରି ଚିନ୍ତା ନାହିଁ ।

ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ରହିଥିବା ସରକାରୀ ବ୍ୟବସ୍ଥା କେବଳ ବୃହତ୍ କମ୍ପାନୀମାନଙ୍କ ପ୍ରତି ଧ୍ୟାନ ଦେଉଥିବା ବେଳେ ରାଜ୍ୟର ଉଦ୍ୟୋଗୀମାନଙ୍କୁ ନିରୁତ୍ସାହିତ କରିବା ପାଇଁ ଆଗଭର ହେଉଛି । ଅନେକ ହଜାର ଏକର ଜମି ବଡ଼ ଶିଳ୍ପପତିଙ୍କୁ ଦେଇ ଦେବେ ପଛେ, ୩ରୁ ୫ ଏକର ଜମି ସ୍ଥାନୀୟ ଉଦ୍ୟୋଗୀଙ୍କୁ ଦେବା ପାଇଁ କେବେହେଲେ ଆଗ୍ରହ ପ୍ରକାଶ କରିବେ ନାହିଁ । ଏହିଭଳି ନକାରାତ୍ମକ ଆଭିମୁଖ୍ୟ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୨୦୧୬ ନଭେମ୍ବରର ବିମୁଦ୍ରୀକରଣ ଏବଂ ୨୦୧୭ ଜୁଲାଇର ଜିଏସ୍‌ଟି ବ୍ୟବସ୍ଥା ରାଜ୍ୟର କ୍ଷୁଦ୍ର ଶିଳ୍ପକୁ ସମ୍ପୂର୍ଣ୍ଣ ଭାବେ ହତ୍ୟା କରିସାରିଲାଣି । ଏବେ ମେକ୍ ଇନ୍ ଓଡ଼ିଶା ସ୍ୱପ୍ନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ କହିଲା ବେଳକୁ ମନରେ ବ୍ୟସ୍ତତା ମଧ୍ୟ ପ୍ରକାଶ ପାଉଛି । ସମସ୍ତଙ୍କୁ ମନେରଖିବାକୁ ହେବ ଯେଉଁ ପର୍ଯ୍ୟନ୍ତ ସ୍ଥାନୀୟ ଶ୍ରମଶକ୍ତିକୁ ସୁହାଇଲା ଭଳି ଶିଳ୍ପ ସ୍ଥାନୀୟ ଉଦ୍ୟୋଗୀଙ୍କ ଦ୍ୱାରା ସ୍ଥାପନ କରିବାରେ ସରକାର ପ୍ରୋତ୍ସାହନ ଦେବେ ନାହିଁ, ସେ ପର୍ଯ୍ୟନ୍ତ ଏହିସବୁ ଧ୍ୱନି କେବଳ ଧୂଆଁବାଣ ହୋଇ ରହିଯିବ ।

## ଚିରନ୍ତନୀ

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ–ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି !
(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | | | C | 3 | | | 2 | | | 1 | | | 5 |
| | | | | 6 | A | | | | | | | | | 0 |
| | | | | | 7 | | | | B | | D | | | C |
| | A | 8 | | | | | 6 | | | | | | | |
| 1 | E | 9 | | 2 | | | | | | 5 | | 4 | 3 | 6 |
| 5 | | 3 | | 4 | | A | | | 1 | | C | 6 | | |
| | 9 | C | | A | | E | | | 3 | | | | | 2 |
| | | | B | | | | | | | | | | E | 7 |
| 7 | | | C | 9 | | | | 1 | D | A | | | | |
| 8 | | A | | E | | 5 | | | | 2 | 7 | | 4 | D |
| | | D | | | 1 | B | C | | | | | 3 | 0 | |
| A | B | 6 | | | | 3 | | 9 | | 4 | | | | |
| | 8 | | | | | | 4 | | | | 0 | | | B |
| | | 5 | 4 | 7 | | | | | | | E | | 9 | 1 |
| 9 | | 1 | | | | | | 5 | C | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | 2 | 8 | 1 | C | B | A | E | 3 | 4 | D | 0 | 7 | 9 |
| 4 | C | A | 3 | 5 | 7 | 9 | 2 | 6 | 0 | B | 8 | D | 1 | E |
| 1 | E | 8 | B | 2 | 4 | 0 | 7 | D | 9 | A | 6 | 5 | C | 3 |
| D | 7 | 3 | 0 | 9 | 6 | 5 | 4 | 1 | E | C | 2 | B | 8 | A |
| B | 9 | 0 | A | D | E | 3 | 8 | C | 5 | 1 | 7 | 4 | 6 | 2 |
| C | 0 | 1 | D | E | 5 | 2 | 3 | 9 | A | 6 | 4 | 7 | B | 8 |
| 6 | 2 | 9 | C | 7 | 8 | 4 | E | B | 1 | 0 | 5 | 3 | A | D |
| E | 5 | B | 1 | 6 | 0 | 8 | D | A | 7 | 3 | 9 | C | 2 | 4 |
| A | 4 | D | 9 | 3 | 2 | 1 | 6 | 7 | B | 8 | C | E | 0 | 5 |
| 8 | 3 | 7 | 4 | B | A | C | 0 | 5 | D | 2 | E | 1 | 9 | 6 |
| 9 | 1 | 5 | 2 | 4 | 3 | E | C | 0 | 8 | 7 | A | 6 | D | B |
| 2 | D | E | 6 | 8 | 1 | A | B | 4 | C | 5 | 0 | 9 | 3 | 7 |
| 3 | A | 4 | 5 | C | 9 | 7 | 1 | 2 | 6 | D | B | 8 | E | 0 |
| 7 | 8 | 6 | E | 0 | B | D | 5 | 3 | 2 | 9 | 1 | A | 4 | C |
| 0 | B | C | 7 | A | D | 6 | 9 | 8 | 4 | E | 3 | 2 | 5 | 1 |

ଗତକାଲିର ଉତ୍ତର

# ରାସ୍ତାର ଅନେକ ବାପା



ବୈଷ୍ଣବ ଚରଣ ମହାନ୍ତି

ନିୟମଭଙ୍ଗକାରୀଙ୍କୁ ରାସ୍ତାର ନିୟମ ସମ୍ବନ୍ଧରେ ସଚେତନ କରିବାକୁ ଯାଇ ଅଭିନେତା ଅକ୍ଷୟ କୁମାର ଏକ ବିଜ୍ଞାପନରେ କହିବାର ଦେଖାଯାଉଛି– 'ରାସ୍ତା କିସିକେ ବାପ୍‌କି ନେହିଁ (ରାସ୍ତା କାହା ବାପାର ନୁହେଁ) ।' ରାସ୍ତା କାହା ବାପାର ନ ହୋଇପାରେ, ରାସ୍ତାର କିନ୍ତୁ ଅନେକ ବାପା । ଅନେକ ଅର୍ଥ ଏଠାରେ ଦୁଇ, ଚାରି କି ଶହେ ହଜାରେ ନୁହଁ, ରାସ୍ତାର ବାପାଙ୍କ ସଂଖ୍ୟା ଲକ୍ଷେ କି କୋଟିଏରୁ ବି ଅଧିକ ହେବ । ସେମାନଙ୍କ ଭିତରୁ ରାସ୍ତାର ଏକ ନମ୍ବର ବାପା ହେଉଛନ୍ତି ନେତାଜାତୀୟ ନରମାନେ । ରାସ୍ତା ଉପରେ ସର୍ବାଧିକ ବାପାତ୍ୱ ଜାହିର କରନ୍ତି ଆମ ନେତାମାନେ । ଗଜା ବୟସରୁ ଯୋଉ ଲୋକର ବ୍ୟକ୍ତିତ୍ୱରେ ନେତୃତ୍ୱ ଗଜୁରେ, ସେ ଆଗ ପଳେଇ ଆସେ ରାସ୍ତା ଉପରକୁ ଆପଣା ନେତୃତ୍ୱର ଗଜାକୁ ଶସ୍ୟଳ କରି ବଢ଼େଇବା ପାଇଁ । ରାସ୍ତାରୋକୋରୁ ଆରମ୍ଭ ହୁଏ ଗଜାନେତାଙ୍କ ନେତୃତ୍ୱର ଖଡ଼ିପାଠ । ବୁଢ଼ା ନେତାମାନେ ଆଗରେ ଚାଲନ୍ତି ସ୍ଲୋଗାନ ଦେଇ– 'ଆମର ଦାବି ପୂରଣ ହେଉ...' ; କୁଜି ନେତା, କରମା ନେତାମାନେ ପଛରୁ ପାଳି ଧରନ୍ତି– 'ପୂରଣ ହେଉ...ପୂରଣ ହେଉ' ; ପୁଣି ବୁଢ଼ାନେତା ଚିତ୍କାର ଛନ୍ଦରେ ରଡ଼ି କରନ୍ତି– 'ଯଦି ନ ହେବ, ନିଆଁ ଜଳିବ' ; ଗଜାନେତା କଣ୍ଠଫଟେଇ ସ୍ୱର ତୋଳନ୍ତି– 'ନିଆଁ ଜଳିବ... ନିଆଁ ଜଳିବ...' ।

ନିଆଁ ଜାଳନ୍ତି ଏମାନେ ରାସ୍ତାର ଛାତି ଉପରେ ଟାୟାର ରଖି । ରାସ୍ତାରେ ଏମାନେ ତାଣ୍ଡବ ରଚନ୍ତି, କଂସ ଲୀଳା, ରାବଣ ଲୀଳା, ଶୁମ୍ଭନିଶୁମ୍ଭ ଲୀଳା କରନ୍ତି । ଦି'ଚକିଆର ପମ୍ପ ଖୋଲନ୍ତି, ଚାରିଚକିଆର କାଚକୁ ବାଡ଼େଇ ଭାଙ୍ଗନ୍ତି । ରାସ୍ତାକଡ଼ ଦୋକାନ ବଜାର ଖୋଲାଥିଲେ ଏମାନେ ଲୁଟ୍ କରନ୍ତି, ଜିନିଷପତ୍ର କାଢ଼ି ରାସ୍ତାକୁ ଫିଙ୍ଗନ୍ତି । ଏମାନଙ୍କ କିଳିକିଳା ରଡ଼ିରେ ରାସ୍ତା କମ୍ପମାନ ହୁଏ । ସାଧାରଣ ଜନତା ହୀନସ୍ତା ହୁଅନ୍ତି, ନିରୀହ ଲୋକେ ଏମାନଙ୍କଠାରୁ ମାଡ଼ ଖାଆନ୍ତି, ରୋଗୀ ଡାକ୍ତରଖାନା ଯାଇ ନ ପାରି ମରେ । ସବୁଯାକ ଅଶୋଭନୀୟ କାମ କରି ଏମାନେ କହନ୍ତି ଆମେ ଶୋଭାଯାତ୍ରା କରୁଛୁ । ରାସ୍ତାକଡ଼ରୁ ଢେଲା ଗୋଟେଇ ଏମାନେ ପୋଲିସ ଉପରକୁ ଫିଙ୍ଗନ୍ତି । ତଥାପି ପୋଲିସ ଆସି ବାପଲୋ ଧନଲୋ କହି ଏମାନଙ୍କୁ ବୁଝାଏ । ଅତି ଉଦ୍‌ବାର୍ଯ୍ୟ ହେଲେ ଦି'ଚାରି ପାହାର ଦିଏ ; ଶେଷକୁ ଗିରଫ କରି ଗାଡ଼ିରେ ପୂରେଇବା ବେଳକୁ ଏମାନେ ଆରମ୍ଭ କରନ୍ତି ଯେତେକଯାକ ନାଟ ନବରଙ୍ଗ । ପ୍ରସୂତି ଶୂଳ ଖାଇଲା ଭଳି କିଏ ଗୋଡ଼କୁ ଫାଙ୍କଟେଇ ଭୂଇଁ ଅଣ୍ଡାଳିବସେ ତ କିଏ ଲମ୍ବଳାଲ ହେଇ ରାସ୍ତାଟା ଉପରେ ମୁର୍ଦ୍ଦାର ଭଳି ଶୋଇଯାଏ । ଝିଅ ବିଦାବେଳେ ଆଗେ ଭାଇମାନେ ଭଉଣୀକି ଯେମିତି ଟେକିନେଇ ସବାରିରେ ପୂରଉଥିଲେ, ପୋଲିସଭାଇମାନେ ସେମିତି ନେତାମାନଙ୍କୁ ଟେକିନେଇ ଭ୍ୟାନ୍‌ରେ ଭର୍ତ୍ତିକରନ୍ତି । ତା'ଛଡ଼ା ବେଳେବେଳେ ରାସ୍ତାକଡ଼ରେ ନେତାପ୍ରାୟୋଜିତ ବିଭିନ୍ନ ଅନୁଷ୍ଠାନ, ସଂଘ, ସଂଗଠନ ଅନଶନ ଟୁଙ୍ଗୀ ଓ ସତ୍ୟାଗ୍ରହ ଚାଳିଆମାନ କରି ଅଖଣ୍ଡ କୀର୍ତ୍ତନ ଶୈଳୀରେ ଦିବାରାତ୍ର ଅଖଣ୍ଡ ସ୍ଲୋଗାନ ଦେଇ ରାସ୍ତାରେ ଯାଉଥିବା ପଥଚାରୀଙ୍କ କାନ ତାବ୍‌ଦା କରନ୍ତି ଏମାନେ । କେତେକ ପ୍ରତିବାଦ ସ୍ୱରୂପ ପଥଚାରୀଙ୍କ ଜୋତା ପାଲିସ କରନ୍ତି ତ କେତେକ ରାସ୍ତା ଉପରେ ମାଣ ବସେଇ ଲକ୍ଷ୍ମୀପୂଜା, ଖୁଦୁରୁକୁଣୀ ପୂଜା କରନ୍ତି, କେତେକ ଅଣ୍ଟାରେ ହାତଦେଇ ରାସ୍ତାମଝିରେ ମାଇଗୁଲିଆ ନାଚ ବି ନାଚନ୍ତି ତ ଆଉ କେତେକ ଜନଗର୍ଜନ କରନ୍ତି । ଦାବି ପୂରଣ ପାଇଁ କେତେକ ମାସ ମାସ ଧରି ଖରାବର୍ଷା, ଶୀତକାକରକୁ ବେଖାତିର କରି ରାସ୍ତା ଅବରୋଧ କରି ଶୋଇ ରହନ୍ତି । ଏମାନେ ସବୁ ରାସ୍ତାର ରାଜନୈତିକ ଦଳୋଦ୍ଭବ ବାପା, ସଂଘୀୟ ବାପା, ଅନୁଷ୍ଠାନୀୟ ବାପା ।

ରାସ୍ତାର ଧର୍ମୀୟ ବାପାମାନେ କିନ୍ତୁ ରାସ୍ତାଟା ଉପରେ ତଥାକଥିତ ଧର୍ମାନୁଷ୍ଠାନମାନ ଗଢ଼ି କୋଉଠି ଅନ୍ନପ୍ରସାଦ ବେପାର କରନ୍ତି ତ କୋଉଠି ଚିଲମସେବା କରନ୍ତି । ଏବେ ବାବାମାତାଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବା ସାଙ୍ଗକୁ ସେମାନଙ୍କ ଭକ୍ତଙ୍କ ସଂଖ୍ୟା, ଆଶ୍ରମ, ମଠ, ମନ୍ଦିର ସଂଖ୍ୟା ବି ବଢ଼ୁଛି । ଭକ୍ତଙ୍କ ଗମନାଗମନର ସୁବିଧା ଦୃଷ୍ଟିରୁ ଏ ସବୁ ଅନୁଷ୍ଠାନ ରାସ୍ତାକୁ ଲାଗି ଗଢ଼ିଉଠିବା ସହିତ ରାସ୍ତାରୁ କିଛି ମଧ୍ୟ ଏମାନେ ମାଡ଼ିବସୁଛନ୍ତି । କିଛି ନ ହେଲେ ରାସ୍ତା ଉପରେ ଗାଡ଼ି ମୋଟର ଥୋଇ ରାସ୍ତା ଅବରୋଧ କରିବାକୁ କେହି ଏବେ ବେଆଇନ ମଣୁନାହାନ୍ତି । ଶ୍ରାବଣ ମାସରେ ତ କାଉଡ଼ିଆମାନେ କାବୁକରି ବସୁଛନ୍ତି ସବୁ ରାସ୍ତାଘାଟ । ରାସ୍ତାକଡ଼ ବାଉଁଶଭାଡ଼ିରେ ବାହୁଙ୍ଗି ରଖି, ରାସ୍ତାକଡ଼ର ତମ୍ବୁତଳେ ଭାତଡାଲ୍‌ମା ଖାଇ ତାଣ୍ଡବନାଚ ନାଚି, ରାସ୍ତାରେ ଅଇଁଠାପତର ପକେଇ, ରାସ୍ତାକଡ଼ରେ ପେଟସଫା କରି ଏମାନେ ରାସ୍ତାକୁ ଗନ୍ଧିଆ କରନ୍ତି, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମକୁ ପରାହତ କରନ୍ତି । 'ଗଣେଶ ଫାଦର୍ ପାର୍ କରେଗା, ପାର୍ବତୀ ହଜ୍‌ବ୍ୟାଣ୍ଡ୍ ପାର୍ କରେଗା, ଭୋଲାବାବା ପାର୍ କରେଗା' ଢୁହାଟ ସାଙ୍ଗକୁ 'ଆମକୁ ବାଟ ଛାଡ଼ରେ, ଆମେ ତ କାଉଡ଼ିବାଲା...' ଚିତ୍କାରିଆ ଗୀତରେ ରାସ୍ତାରେ ଯାଉଥିବା ଲୋକେ ଆମ୍ବୁଲାନ୍ସକୁ ବାଟ ନ ଛାଡ଼ନ୍ତୁ ପଛେ ୟାଙ୍କୁ ବାଟ ଛାଡ଼ିବାକୁ ବାଧ୍ୟ । ବାଟଓଷା, ବାଟମଙ୍ଗଳା ଓଷା, ଅଷ୍ଟପ୍ରହର, ରାହାସ, କଳସ ଶୋଭାଯାତ୍ରା, ମେଢ଼ ବିସର୍ଜନ, ଭସାଣିରେ ମହିଷାସୁରିଆ ନାଚ, ବରଯାତ୍ରୀଙ୍କ ବାତମରା ନାଚ ଆଦି ଯେତେସବୁ ଧାର୍ମିକ ଉତ୍ପାତ, ସାଂସ୍କୃତିକ ଅସାମାଜିକତା ସବୁ ହୁଏ ରାସ୍ତା ଉପରେ ।

ଏଥର ଆସିବା ରାସ୍ତାର ବ୍ୟବସାୟିକ ବାପାମାନଙ୍କ ପାଖକୁ । ରାସ୍ତା ଭୂମିଷ୍ଠ ହେବାର ବହୁ ପୂର୍ବରୁ ଆରମ୍ଭ ହେଇଯାଏ ବ୍ୟବସାୟିକ ଗୋଟିଚାଳନା । ରାଜନୈତିକ, ଦାପ୍ତରିକ ବାପାମାନଙ୍କ ସାଙ୍ଗକୁ ଦାଦାମାନେ ମଧ୍ୟ ଆସନ୍ନଭୂମିଷ୍ଠ ରାସ୍ତାର ବାପାହେଇ ଠିଆ ହୁଅନ୍ତି ; ଟେଣ୍ଡର ଫିକ୍ସିଂ ହୁଏ, ନେତାଜାତୀୟ ନରମାନେ, ମନ୍ତ୍ରିଜାତୀୟ ମଣିଷମାନେ ତାଙ୍କ ସିଂହଭାଗ ଆଗ ନେଇଯାଆନ୍ତି । ଦପ୍ତରର ଅବାବୁମାନେ ତାଙ୍କ ବକ୍ସିସ୍, ସାନବାବୁମାନେ ତାଙ୍କ ପାନଖିଆ, ବଡ଼ବାବୁମାନେ ଅଣ୍ଟାଗୁଞ୍ଜା, ତହୁଁ ବଡ଼ବାବୁ ଓ ଅତି ବଡ଼ବାବୁମାନେ ସେମାନଙ୍କ ପିସି ନେଇଯାଆନ୍ତି, ଦାଦାମାନେ ତାଙ୍କ ବଟି ଆଦାୟ କରିନିଅନ୍ତି । ରାସ୍ତାକଡ଼ ଗ୍ରାମର ଗ୍ରାମକମିଟି, ପୂଜାକମିଟି, ଯୁବକସଂଘ, କ୍ରିକେଟ୍ କ୍ଲବ୍, ମନ୍ଦିରନିର୍ମାଣ କମିଟି, ମଦୁଆ ମହାସଂଘ ଆସି ଠିକାଦାରଙ୍କଠାରୁ ଚାନ୍ଦା ଆଦାୟ କରି ନିଅନ୍ତି । ଠିକାଦାରଙ୍କ ଢୋଲ ଭିତରର ମୂଷାମାନେ ବି ବାଲି, ସିମେଣ୍ଟ ଆଣିବା ବେଳେ କିଛି ବାଟମାରଣା କରନ୍ତି । ଏମିତି ଏମିତି ଶହେରୁ ଷାଠିଏ ଭାଗ ଭାଗବଣ୍ଟାରାରେ ପଳେଇଗଲା ପରେ ଆରମ୍ଭ ହୁଏ ରାସ୍ତା ଭୂମିଷ୍ଠ ହେବାର ପର୍ବ । ଶେଷକୁ ଧଡ଼ିଆ ଧେଡ଼ଙ୍ଗ ନିର୍ଜୀବ, ଦୁର୍ବଳ ହୋଇ ଭୂମିଷ୍ଠ ହୁଏ ରାସ୍ତାଟି । ରାସ୍ତା ପାଇଁ ଏତେ ଶ୍ରାଦ୍ଧ ହୋଇସାରିବା ପରେ ବି ଶେଷ ମାପଚୁପ ଓ ବିଲ୍ ବେଳକୁ ଲେପଭାଗ ଦେବାକୁ ପଡ଼େ ରାସ୍ତାମପାଳି, ବିଲ୍‌ପାସାଳି ବାବୁଙ୍କୁ ।

ରାସ୍ତା ଭୂମିଷ୍ଠ ହେବା ପରେ ବାସହୀନ ବିପିଏଲ୍ ବାପାମାନେ ବସ୍ତି କରନ୍ତି ସହରର ରାସ୍ତାକଡ଼ରେ । ରାସ୍ତାକଡ଼ ପାଲଟେ ସେମାନଙ୍କ ପାଇଁ ମୁକ୍ତାକାଶ ମଳତ୍ୟାଗର ମହାତୀର୍ଥ, ତାଙ୍କ ଛେଳିମେଣ୍ଢା, ଗାଈମଇଁଷିଙ୍କ ଗୁହାଳ । ନେତାମାନେ ସେମାନଙ୍କ ଦୁଃଖ ଦେଖି କୁନ୍ଥେଇ କାନ୍ଦନ୍ତି, ଆଉ ନିଜ ଦଳ ପାଇଁ ଭୋଟ୍ ଗୋଟେଇ ବାନ୍ଧନ୍ତି । ଡାଳଚେର ମେଲେଇଥିବା ରାସ୍ତାକଡ଼ର ବିରାଟ ଗଛସବୁକୁ ସରକାର ସହଜରେ କାଟିଦେଇ ପାରନ୍ତି, କିନ୍ତୁ ରାସ୍ତାକଡ଼ରେ ଚେର ଲାଗିଯାଇଥିବା ବସ୍ତିକୁ ଉଚ୍ଛେଦ କରିବା ସହଜ ହୁଏନାହିଁ । ବସ୍ତି ଭିତରେ ଦି'ଚାରିଟା ଚାଳିଆ କରି ଭଡ଼ା ଦେଇଥିବା ଦାଦା ନେତା ସାଜନ୍ତି, ରାସ୍ତାରୋକୋ କରନ୍ତି । ସେଥିପାଇଁ ସରକାରୀ ଜାଗାକୁ ଜବରଦଖଲମୁକ୍ତ କରିବାକୁ ତାଙ୍କ ଜିନିଷପତ୍ର ସ୍ଥାନାନ୍ତର ପାଇଁ ମାଗଣା ଟ୍ରକ୍ ଯୋଗାଇବା ସହିତ ଅସ୍ଥାୟୀ ଘର ଲାଗି ଟଙ୍କା, ସ୍ଥାୟୀ ଘର ଯୋଗାଇବା ବନ୍ଦୋବସ୍ତ କରିବାକୁ ପଡ଼େ । ଅଥଚ ରାଜଧାନୀରେ ନିଜ ଜାଗା ଉପରେ ଅନୁମୋଦିତ ନକ୍ସାରୁ ଫୁଟେ ବଢ଼େଇକି ଘର କରିଥିଲେ ବିଡିଏ ହଜାର ହଜାର ଟଙ୍କା ଘରମାଲିକଠୁ ଜରିମାନା ଆଦାୟ କରେ ।

ରାସ୍ତା ହେବା ପରେ କିଏ ରାସ୍ତା ଉପରକୁ ମଡ଼େଇ ଘର କରେ ତ କିଏ ରାସ୍ତା ଉପରେ ଉଠାଦୋକାନ କରେ, କିଏ କ୍ୟାବିନ ପକାଏ ତ କିଏ ରାସ୍ତାକୁ କାଟି ପାଣି ମାହାରା କରେ ଏବଂ ପ୍ରାୟ ଅନେକେ ନିଜ ଘରର ଅଳିଆକୁ ଆଣି ରାସ୍ତା ଉପରେ ଫୋପାଡ଼ନ୍ତି । ଏ ବହୁବାବୁଆ ରାସ୍ତା ଉପରେ ସମସ୍ତେ ବାପାତ୍ୱ ଜାହିର କରନ୍ତି । ଏଣୁ ଦେଖିବାକୁ ଗଲେ ଏ ଦେଶଟା, ଏ ରାଜ୍ୟଟା ସତରେ ରାସ୍ତା ପାଇଁ ଖାଲି ବାପାମୟ, ବାପାମୟ ।

'ଆମଘର', ୧୨–ମୈତ୍ରୀ ଜନପଦ, ନହରକଣ୍ଟା, ଭୁବନେଶ୍ୱର, ମୋ–୭୦୨୦୧୬୮୧୧୮

# ବାଣ ଓ ବାଜା: ନ୍ୟାୟାଳୟଙ୍କ ତାଗିଦ



ଡ. ରମେଶ ଚନ୍ଦ୍ର ପରିଡ଼ା

ପର୍ବପର୍ବାଣି ବା ଉତ୍ସବକୁ ଅଧିକ ଉପଭୋଗ୍ୟ କରିବା ଆଳରେ ବାଣ ଫୁଟାଇବା ଏବଂ ଉଚ୍ଚ ଧ୍ୱନିସମ୍ପନ୍ନ ବାଜା ବଜାଇବା ଆମର ଏକ ଅଭ୍ୟାସ ଓ ପରମ୍ପରାରେ ପରିଣତ ହୋଇଯାଇଛି । ଭୟଙ୍କର ବାୟୁ ଏବଂ ଧ୍ୱନି ପ୍ରଦୂଷଣକାରୀ ହୋଇଥିଲେ ମଧ୍ୟ ଆମେ ତାକୁ ଛାଡିବାକୁ ନାରାଜ । ତେବେ ସୁଖର କଥା ଯେ, ଏହି ଅବିବେକିତା ପିଠିରେ ଚାବୁକ ମାରି ସମଗ୍ର ଦେଶରେ ଏହା ଉପରେ କଟକଣା ଜାରି କରିଛନ୍ତି ଉଚ୍ଚତମ ନ୍ୟାୟାଳୟ । ୨୦୧୫ ମସିହାରେ ପୃଥିବୀର ବାୟୁ ପ୍ରଦୂଷଣର ରାଜଧାନୀ ରୂପେ କୁଖ୍ୟାତି ଅର୍ଜନ କରିଥିବା ଦିଲ୍ଲୀର ତିନିଜଣ ଅବୋଧ ଶିଶୁ ବଞ୍ଚିବା ପାଇଁ ତାଙ୍କର ସୁସ୍ଥ ପରିବେଶଟିଏ ଲୋଡ଼ା ବୋଲି ଦର୍ଶାଇ ସେମାନଙ୍କ ପିତାଙ୍କ ମାଧ୍ୟମରେ ଏହାର ଦ୍ୱାରସ୍ଥ ହୋଇଥିଲେ । ତାହାରି ଉପରେ ବିଚାର କରି ଏ ରାୟଟି ପ୍ରକାଶ ପାଇଛି ।

ଏଥିପୂର୍ବରୁ ଉଚ୍ଚତମ ନ୍ୟାୟାଳୟ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ମତାମତ ଲୋଡ଼ିଥିଲେ । ମନ୍ତ୍ରଣାଳୟ ପ୍ରଦାନ କରିଥିବା ମତାମତ ହେଉଛି– ସାଧାରଣ ବାଣରେ ନିମ୍ନମାନର କଞ୍ଚାମାଲ ବ୍ୟବହୃତ ହେଉଛି । ଏହା ଅର୍ଦ୍ଧ କିମ୍ବା ଆଂଶିକ ଦଗ୍ଧ ହୋଇ ବାୟୁରେ ଭାସମାନ କଣିକା ସୃଷ୍ଟି କରୁଛି । ଏଣୁ ଏହାର ପ୍ରତିକାର କରାଯାଉ । ଫଟକାମାନଙ୍କରେ ଆର୍ଦ୍ରତା ଦୂରକାରୀ ରୂପେ ପାଉଁଶ ଭଳି ପଦାର୍ଥ ବଦଳରେ କୋଇଲା ଗୁଣ୍ଡ ବ୍ୟବହାର ଲାଗି ନିର୍ଦ୍ଦେଶ ଦିଆଯାଉ । ଏହାଦ୍ୱାରା ବାୟୁରେ ଭାସମାନ କଣିକା ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହୋଇପାରିବ । କେତେକ ବାଣରୁ ଅଧିକ ନିର୍ଗମନ ହୋଇଥାଏ । ଏହାକୁ ଚିହ୍ନଟ କରି ବାରଣ କରାଯାଉ ଏବଂ କମ୍ ନିର୍ଗମନ ଘଟାଉଥିବା ବାଣକୁ ଅନୁମତି ମିଳୁ । କେବଳ ଅନୁମତିପ୍ରାପ୍ତ ରସାୟନରେ ପ୍ରସ୍ତୁତ ବାଣ ବ୍ୟବହାର ଲାଗି ଅନୁମତି ଦିଆଯାଉ । ହାନିକାରକ ହୋଇଥିବା ଉଚ୍ଚ ଡେସିବଲଯୁକ୍ତ ଫଟକାମାନ ନିଷେଧ କରାଯାଉ । ବାଣରେ ବ୍ୟବହୃତ ବିବିଧ ଧାତବ ପଦାର୍ଥ, ବିଶେଷକରି ରଙ୍ଗ ସୃଷ୍ଟିକାରୀ ବେରିୟମ୍ ଇତ୍ୟାଦିକୁ ବାରଣ କରାଯାଉ ।

ଏହାକୁ ଭିତ୍ତିକରି ନ୍ୟାୟାଧୀଶ ଏ.କେ. ସିକ୍ରି ଓ ଅଶୋକ ଭୂଷଣଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଣଫୁଟା ଓ ବାଜା ଉପରେ କଟକଣାମାନ ଜାରି କରିଛନ୍ତି । ଏଥିରେ ସୂଚିତ କରାଯାଇଛି ଯେ ଆବେଦନକାରୀଙ୍କ ପ୍ରାର୍ଥନା ଏବଂ ବାଣ ବ୍ୟବସାୟୀ ତଥା ଜନସାଧାରଣଙ୍କ ଧାର୍ମିକ ଭାବନା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ହେଲେ ବାଣଫୁଟାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ସମ୍ଭବ ନୁହେଁ । ତେବେ ଏଥିପାଇଁ ନିମ୍ନ କେତୋଟି ମାର୍ଗଦର୍ଶିକାକୁ କଡାକଡି ଭାବେ ପାଳନ କରିବାକୁ ହେବ । ଦୀପାବଳିରେ ରାତି ୮ରୁ ୧୦ଟା ମଧ୍ୟରେ ଏବଂ ଖ୍ରୀଷ୍ଟମାସ ଓ ନବବର୍ଷରେ ରାତ୍ର ୧୨.୫୫ରୁ ୧.୩୦ ମଧ୍ୟରେ ହିଁ କେବଳ ବାଣ ଫୁଟାଯାଇପାରିବ । ରଙ୍ଗିନ ବାଣରେ ବେରିୟମ୍ ଭଳି ଧାତବ ପଦାର୍ଥ ବ୍ୟବହାର ହେବନାହିଁ । କ୍ରମାଗତ ଦୀର୍ଘ ସମୟ ଧରି ଏବଂ ଉଚ୍ଚ ଧ୍ୱନି କରି ଫୁଟୁଥିବା ଫଟକା ଫୁଟାଯିବ ନାହିଁ । ବାଣଗୁଡିକର ମାନ ଠିକ୍ ଅଛି କି ନାହିଁ ତାହା ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ନିରାପତ୍ତା ସଂସ୍ଥା ପରୀକ୍ଷା କରି ଅନୁମତି ପ୍ରଦାନ କରିବ । ଅନ୍‌ଲାଇନରେ ବାଣ ବିକ୍ରୟ ହୋଇପାରିବନାହିଁ । କେବଳ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀ ହିଁ ଏହା ତିଆରି ଏବଂ ବିକ୍ରି କରିପାରିବେ । ଏ ସବୁ କଟକଣା ଯେପରି ଠିକ୍‌ରୂପେ ପାଳନ କରାଯାଏ, ତାହା ଦେଖିବା ଦାୟିତ୍ୱ ସ୍ଥାନୀୟ ପୋଲିସର ।

ବିଗତ ବର୍ଷ ଦିଲ୍ଲୀରେ ଦୀପାବଳି ସମେତ ତିନିଦିନ ଧରି ବାଣ ବିକ୍ରି ବନ୍ଦ ରଖିବାକୁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ । ତେବେ ପରେ ଜଣାପଡିଲା ଯେ, ପ୍ରତିବର୍ଷ ଯେତିକି ବାଣ ଫୁଟାଯାଉଥିଲା ସେତିକି ଫୁଟାଯାଇଛି । ଏହାର ପରିମାଣ ଥିଲା ୫୦ ଲକ୍ଷ କିଲୋଗ୍ରାମ୍ । ତହିଁରୁ ଅଧିକାଂଶ ବିକ୍ରି ହୋଇଥିଲା କଳାବଜାରରେ । ଫଳରେ ବାୟୁ ପ୍ରଦୂଷଣର ମାତ୍ରା ଅତି ଉଚ୍ଚସ୍ତର ସ୍ପର୍ଶ କଲା । ଅତଏବ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ କୌଣସିମତେ ଫଳବତୀ ହେଲାନାହିଁ ।

ଚଳିତ ବର୍ଷ ଦୁର୍ଗାପୂଜାରେ ମଧ୍ୟ ସେଠାରେ ଘଟିଥିଲା ସେହିପରି ଘଟଣା । ଏହି ଅବସରରେ ଦିଲ୍ଲୀର ବାୟୁ ପ୍ରଦୂଷଣ ମାତ୍ରା ଥିଲା ବିଗତ ୪ ବର୍ଷ ତୁଳନାରେ ସର୍ବାଧିକ । ଏଠାରେ ଯାହା ଘଟୁଛି ସାରା ଦେଶର ଅନ୍ୟାନ୍ୟ ସହରାଞ୍ଚଳମାନଙ୍କରେ ବି ଅଳ୍ପ ବହୁତ ଘଟୁଛି । ଏପରି ସ୍ଥଳେ, ବର୍ତ୍ତମାନର ନିର୍ଦ୍ଦେଶ କେତେଦୂର ଫଳପ୍ରଦ ହେବ ତାହା ସମୟ ହିଁ କହିବ ।

ବାଣର ମୁଖ୍ୟ ଉପାଦାନଗୁଡିକ ହେଲା ଅଙ୍ଗାର, ଗନ୍ଧକ, ଆଲୁମିନିୟମ, ଫସ୍‌ଫରସ, ପଟାସିୟମ୍ ନାଇଟ୍ରେଟ୍, ବେରିୟମ୍ ନାଇଟ୍ରେଟ୍ ଇତ୍ୟାଦିର ଗୁଣ୍ଡ ଏବଂ ଏହାର ଶିଖାକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରିବାକୁ ସେଥିସହିତ ଯୋଗ କରାଯାଇଥାଏ ସୋଡିୟମ୍, ତମ୍ବା, ଷ୍ଟ୍ରୋଞ୍ଚିୟମ୍, ମ୍ୟାଗ୍ନେସିୟମ୍, ଟାଇଟାନିୟମ, କ୍ୟାଲ୍‌ସିୟମ୍ ଆଦି ଧାତୁମାନଙ୍କ ଲବଣ । ଏଣୁ ତାହା ଫୁଟିଲେ ତହିଁରୁ ନିର୍ଗତ ହୁଏ ସୂକ୍ଷ୍ମାତିସୂକ୍ଷ୍ମ ବାୟୁରେ ଭାସମାନ କଣିକା ସହିତ ବିଷାକ୍ତ ବାଷ୍ପ । ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏଗୁଡିକର ଅତ୍ୟନ୍ତ କୁପ୍ରଭାବ ରହିଛି ।

ଏହା ବ୍ୟତୀତ ବିଭିନ୍ନ ପ୍ରକାର ଫଟକା ବାଣରୁ ନିର୍ଗତ ହୋଇଥାଏ ୧୨୦/୧୪୦ ଡେସିବଲ ପର୍ଯ୍ୟନ୍ତ ଉଚ୍ଚଧ୍ୱନି, ଯାହାକି ସହନୀୟ ସୀମା (୫୦ରୁ ୬୦ ଡେସିବଲ)ଠାରୁ ଅନେକ ବେଶି । ପର୍ବପର୍ବାଣିରେ ଏଥିସହିତ ବ୍ୟବହାର ହେଉଥିବା ଉଚ୍ଚ ଧ୍ୱନିକାରୀ ବାଦ୍ୟଯନ୍ତ୍ର (୯୦ରୁ ୧୪୦ ଡେସିବଲ) ଏବଂ ଡାକବାଜି ଯନ୍ତ୍ର (୧୦୦ରୁ ୧୩୦ ଡେସିବଲ) ଘୋର ଧ୍ୱନି ପ୍ରଦୂଷଣ ଘଟାନ୍ତି । ଦିଲ୍ଲୀ, ମୁମ୍ବାଇ, ଲକ୍ଷ୍ନୌ, କଲିକତା ଆଦି ନଗରୀମାନଙ୍କରେ ଏବଂ ଏପରି କି ଆମ କଟକରେ ମଧ୍ୟ ଏହାର ସ୍ତର ଅନେକ ସମୟରେ ୧୩୦/୧୪୦ ଡେସିବଲ ଅତିକ୍ରମ କରିଯାଏ । ଆମ ସ୍ମୃତି ଓ ଶ୍ରବଣ ଶକ୍ତିଠାରୁ ଆରମ୍ଭ କରି ହୃତ୍‌ପିଣ୍ଡର କ୍ରିୟାକଳାପ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ପ୍ରକ୍ରିୟା ଉପରେ ଏହାର କୁପ୍ରଭାବ ଅତି ଗମ୍ଭୀର । ଏଣୁ ଉଚ୍ଚତମ ନ୍ୟାୟାଳୟଙ୍କ ରାୟ ଆମଠାରେ ଚେତନାର ଉଦ୍ରେକ କରୁ । ଆମେ ପର୍ବପର୍ବାଣି ପାଳନ ସମୟରେ ବାଣ ଓ ଉଚ୍ଚ ଧ୍ୱନିକାରୀ ବାଦ୍ୟରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବା ଆବଶ୍ୟକ ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ–୯୯୩୭୯୮୫୭୬୭

## ଏଇ ଭାରତରେ

ମାନବ ସେବା ହେଉଛି ମାଧବ ସେବା । ପୀଡ଼ିତ ମାନବର ସେବା କରିବା ଫଳରେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରିହୁଏ । ଏଭଳି ଆଦର୍ଶର ଉଦାହରଣ ଦେଇଛନ୍ତି ୬୭ବର୍ଷୀୟା ବନ୍ଦନା ଗୁପ୍ତା । ସେ ଭି. କେୟାର ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା । ଶନିବାର ମୁମ୍ବାଇ ନଗରୀର ୫୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଆବଶ୍ୟକ ଉପହାର ପ୍ରଦାନ କରିଛନ୍ତି । ଏହା ରୋଗୀଙ୍କ ପ୍ରତି ଦିୱାଲି ଭେଟି ବୋଲି କୁହାଯାଉଛି । ସେ କେତେକ ଅଭିନେତା ଅଭିନେତ୍ରୀଙ୍କ ସହିତ ହସ୍ପିଟାଲ ଯାଇ ରୋଗୀ ଏବଂ ସେମାନଙ୍କ ଆତ୍ମୀୟଙ୍କୁ ଭେଟିଥିଲେ । ପ୍ରତିଟି ଉପହାର ବ୍ୟାଗ୍‌ରେ ଥିଲା ଚାମଚ, ପ୍ଲେଟ୍ ସମେତ କିଛି ଖାଦ୍ୟଦ୍ରବ୍ୟ । ନାନାବତୀ, ଲୀଳାବତୀ, ବ୍ରିଚ୍‌କ୍ୟାଣ୍ଡି ଏବଂ ଯଶଲୋକ ହସ୍ପିଟାଲ୍ ରୋଗୀଙ୍କୁ ସମ ପରିମାଣର ଉପହାର ମଧ୍ୟ ଦିଆଯାଇଥିଲା । ଅଭିନେତା ଓ ଅଭିନେତ୍ରୀ ସେମାନଙ୍କ ଦୁଃଖରେ ଭାଗୀଦାର ହେଉଥିବାର ଜାଣି ସେମାନେ ଖୁବ୍ ଖୁସି ପ୍ରକାଶ କରିଥିଲେ । ବନ୍ଦନା ଗୁପ୍ତାଙ୍କୁ ୪୨ବର୍ଷ ହୋଇଥିବା ବେଳେ କ୍ୟାନ୍‌ସରରେ ପୀଡିତ ଥିଲେ । ସେ ଚିକିତ୍ସାଧୀନ ଥିବାବେଳେ ରୋଗୀମାନେ ବାହାର ଲୋକଙ୍କ ସ୍ନେହ ସଦିଚ୍ଛା ଆବଶ୍ୟକ କରୁଥିବା ସେ ଅନୁଭବ କରୁଥିଲେ । ତେଣୁ ସେ ଆରୋଗ୍ୟ ହୋଇଯିବାର କିଛିଦିନ ପରେ ଭି. କେୟାର ଫାଉଣ୍ଡେଶନ ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନ ଡାକ୍ତରୀ ଚିକିତ୍ସା ବାହାରେ ରୋଗୀ ଏବଂ ସେମାନଙ୍କ ପରିବାରଙ୍କୁ ଆବେଗିକ ସହାୟତା ଯୋଗାଇ ଦେଇଆସୁଛି । ବିଗତ ୨୫ବର୍ଷ ମଧ୍ୟରେ ୧ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ସରଞ୍ଜାମ, ଆର୍ଥିକ ସହାୟତା ଓ ପରାମର୍ଶ ଦେଇଆସୁଛି । ଏହି ପ୍ରତିଷ୍ଠାନର ସେବା ଓ ସହାୟତାରେ କ୍ୟାନସର ରୋଗୀଙ୍କ ମୁହଁରେ ହସ ଫୁଟିପାରିଛି ।

## ୨୫ ବର୍ଷ ତଳର ଧରିତ୍ରୀ

୫ ନଭେମ୍ବର ୧୯୯୩

- ଓଡ଼ିଶା ପ୍ରମୋଦ କର ସଂଶୋଧନ ବିଲ୍ ୧୯୯୩ ବିଧାନସଭାରେ ଅନୁମୋଦନ ।
- ଓଡ଼ିଶାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ତାଙ୍କ ପ୍ରତିଶ୍ରୁତି ତଥା ବୁଝାମଣାରୁ ସେ ଓହରିଯାଇ ନାହାନ୍ତି ବୋଲି କାପାରୋ ଶିଳ୍ପଗୋଷ୍ଠୀର ଅଧ୍ୟକ୍ଷ ସ୍ୱରାଜ ପଲ ସ୍ପଷ୍ଟ କରିଦେଇଛନ୍ତି ।

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୨୮ – ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ମାଧବନ୍ ନାୟାର ଭାଜପାରେ ଯୋଗ ଦେଲେ ।

୨୯– ଇଣ୍ଡୋନେସିଆରେ ଯାତ୍ରୀବାହୀ ଲାୟନ ଏୟାର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ରରେ ଖସିପଡ଼ିବା ଫଳରେ ୧୮୯ ଜଣଙ୍କ ମୃତ୍ୟୁ ଘଟିଛି ।

୩୦– ଭାରତ ଗସ୍ତରେ ଆସିଥିବା ଇଟାଲି ପ୍ରଧାନମନ୍ତ୍ରୀ ଜିଉସେପେ କୋଣ୍ଟେ ନୂଆଦିଲ୍ଲୀରେ ତାଙ୍କ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ଭେଟିବା ଅବସରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି ।

୩୧– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗୁଜରାଟର ସର୍ଦ୍ଦାର ସରୋବର ଡ୍ୟାମ୍ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ଲୋକାର୍ପିତ ।

ନଭେମ୍ବର ୧ –ଝାରସୁଗୁଡ଼ାରେ ନିବନିର୍ମିତ ବିମାନବନ୍ଦର 'ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର' ଭାବେ ନାମିତ ହେଲା ।

୨– ଆତଙ୍କବାଦୀ ସଂଗଠନ ଲସ୍କର–ଇ–ତୋଇବା ପ୍ରତିଷ୍ଠାତା ତଥା ଜେୟୁଡି ମୁଖ୍ୟ ହାଫିଜ୍ ସଇଦ ଏବଂ ହିଜ୍‌ବୁଲ ମୁଜାହିଦ୍ଦିନ୍ ମୁଖ୍ୟ ସୟିଦ ସଲାଉଦ୍ଦିନଙ୍କ ବିରୋଧରେ ଏନ୍‌ଆଇଏ କୋର୍ଟ ଜାମିନ୍ ବିହୀନ ଗିରଫ ପରୱାନା ଜାରି କରିଛନ୍ତି ।

## ଆମ ସମସ୍ୟା

### ମୋ ଗାଁ ବିକାଶ ଯୋଜନା

ମହାଶୟ,

କଟକ ସଦରରେ ଥିବା ତେଇଶିଟି ଗ୍ରାମପଞ୍ଚାୟତ ମଧ୍ୟରୁ କେବଳ ଯଶପଡ଼ା ଗ୍ରାମପଞ୍ଚାୟତକୁ ମୋ ଗାଁ ବିକାଶ ଯୋଜନାରେ ସଂଶ୍ଳିଷ୍ଟ କରାଯାଇ ଅର୍ଥ ପ୍ରଦାନ କରାଯାଇଛି । କିନ୍ତୁ ଅନ୍ୟ ବାଇଶିଟି ଗ୍ରାମପଞ୍ଚାୟତକୁ ତୁରନ୍ତ ସମାନ ଧାରାରେ ନିଆଯାଉ । ଯାହାଫଳରେ ବିକାଶର ଧାରା ସମତୁଲ ହୋଇ ରହିପାରିବ ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

### ସ୍ୱର୍ଗଦ୍ୱାରରେ ପାନୀୟ ଜଳ ବ୍ୟବସ୍ଥା ନାହିଁ

ପୁରୀ ସ୍ୱର୍ଗଦ୍ୱାର ହେଲା ମୁକ୍ତିର ଦ୍ୱାର । ପ୍ରତିଦିନ ଏଠାରେ ଶହ ଶହ ମୃତଦେହ ଦାହ ହେଉଛି । ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ଏଠାରେ ଶବ ଦାହ କରୁଛନ୍ତି । ଏଥିପାଇଁ ବି ପ୍ରଚୁର ଅର୍ଥ ଖର୍ଚ୍ଚ କରୁଛନ୍ତି । କିନ୍ତୁ ଦୁଃଖର କଥା, ପୁରୀ ସ୍ୱର୍ଗଦ୍ୱାରରେ ପିଇବା ପାଣିର ବ୍ୟବସ୍ଥା ନାହିଁ । ଏଠାରେ ପ୍ରଚଣ୍ଡ ଖରାବେଳେ ଲୋକମାନେ ଶୋଷରେ ତଡ଼ଳବିକଳ ହେଉଛନ୍ତି । ତେଣୁ ପୌରସଂସ୍ଥା ତରଫରୁ ଏଠାରେ ତୁରନ୍ତ ପାନୀୟ ଜଳର ବ୍ୟବସ୍ଥା କରାଯାଉ ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମାଓବାଦୀଙ୍କୁ ବିପ୍ଳବୀ କହି କଂଗ୍ରେସର ବରିଷ୍ଠ ନେତା ହରଡ଼ଘଣାରେ ପଡ଼ିଛନ୍ତି। ଏକ ବୈଠକରେ ରବିବାର ଉତ୍ତରପ୍ରଦେଶ କଂଗ୍ରେସ କମିଟି ସଭାପତି ରାଜ ବବର ନିଜ ଅଧିକାର ପାଇଁ ଛତିଶଗଡ଼ରେ ମାଓବାଦୀମାନେ ଲଢ଼େଇ କରୁଥିବା କହିଛନ୍ତି। ନିଜ ଅଧିକାର ପାଇଁ ଲଢୁଥିବା ବ୍ୟକ୍ତିଙ୍କୁ ବିପ୍ଳବୀ କୁହାଯାଇଥାଏ ବୋଲି ସେ କହିଛନ୍ତି। ରାଜ ବବରଙ୍କ ଏଭଳି ମନ୍ତବ୍ୟ କଂଗ୍ରେସ ପାଇଁ ଏକ ସମସ୍ୟା ସୃଷ୍ଟି କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।




## ସଂକ୍ଷେପରେ

### ପୁଣି ଶ୍ରୀମନ୍ଦିର ଫଟୋ ଭାଇରାଲ

**ପୁରୀ ଅଫିସ,୪।୧୧:** ପୁଣି ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଶ୍ରୀମନ୍ଦିରର ବେଢ଼ା ଭିତର ଫଟୋ। ବେଙ୍ଗାଲୁରୁର ମେଘା ଲୁଥ୍ରା ନାମ୍ନୀ ଜଣେ ମହିଳାଙ୍କ ଫେସ୍‌ବୁକ ଆକାଉଣ୍ଟରେ ରହିଥିବା ଏହି ଫଟୋ ଶ୍ରୀମନ୍ଦିର ଭିତର ସାତ ପାହଚ ନିକଟରେ ଉଠାଯାଇଥିବା ଜଣାପଡୁଛି। ଗତ ୩ ତାରିଖରେ ଲୁଥ୍ରାଙ୍କ ଫେସ୍‌ବୁକ ପେଜ୍‌ରେ ଏହା ପୋଷ୍ଟ ହୋଇଛି। ଲୁଥ୍ରା ଇଣ୍ଡିଗୋ ଏୟାର ଲାଇନ୍ସ କ୍ୟାବିନ କ୍ରୁ ଭାବେ କାର୍ଯ୍ୟ କରୁଥିବା ତାଙ୍କ ପୋଷ୍ଟରେ ଉଲ୍ଲେଖ ରହିଛି। ତେବେ ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଥିବା ସତ୍ତ୍ୱେ ଲୁଥ୍ରା କିଭଳି ଏହି ଫଟୋ ଉଠାଇ ପୋଷ୍ଟ କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଫଟୋ ବାରମ୍ବାର ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହାଦ୍ୱାରା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ରୋକିବା ଦିଗରେ କାହାର ଆନ୍ତରିକତା ନ ଥିବା ମନେ ହେଉଛି। ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ୍ୟ ବାହାରେ ବୁଲୁଛି। ଗତମାସ ୮ ତାରିଖରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶିପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ।

# ଖସିଗଲା ସୁନ୍ଦରୀ, ଟ୍ରାଙ୍କୁଲାଇଜିଂ ବିଫଳ

**ବନ୍ତଲା, ୪।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ଆତଙ୍କ ସୃଷ୍ଟି କରିଥିବା ବାନ୍ଧବଗଡ଼ର ବାଘୁଣୀ 'ସୁନ୍ଦରୀ'କୁ ହାତୀ ସହାୟତାରେ ଟ୍ରାଙ୍କୁଲାଇଜିଂ ଉଦ୍ୟମ ବିଫଳ ହୋଇଛି। ରବିବାର ସକାଳେ ମକ୍‌ଡ୍ରିଲ ପରେ ବାଘୁଣୀକୁ ଠାବ କରାଯାଇ ଟ୍ରାଙ୍କୁଲାଇଜିଂ ଉଦ୍ୟମ ବେଳେ ଏହା ଖସିଯାଇଥିବା ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି. ପ୍ରକାଶ କରିଛନ୍ତି। ଶନିବାର ଭୋର ୪ ଟାରେ ପୁରୁଣାକୋଟ ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚିଥିଲା ଚନ୍ଦକା ଅଭୟାରଣ୍ୟର କୁମୁକି ହାତୀ 'ଯଶୋଦା'। ରବିବାର ସକାଳ ୫ ଟାରେ ଟ୍ରାଙ୍କୁଲାଇଜିଂ ପାଇଁ ମକଡ୍ରିଲ କରାଯାଇଥିଲା। ପରେ ଟିକରପଡ଼ା ରେଞ୍ଜ ମଝିପଡା ରିଜର୍ଭ ଜଙ୍ଗଲ କଦଳୀ ଖୋଲା ଗେମ ଟ୍ୟାଙ୍କ ପଞ୍ଜାବି ରୋଡ଼ଠାରେ ବାଘୁଣୀକୁ ଠାବ କରାଯାଇ ସେଠାକୁ ଯଶୋଦାକୁ ନିଆ ଯାଇଥିଲା। ଭାରତୀୟ ବନ୍ୟ ପ୍ରାଣୀ ସଂସ୍ଥାନ ଡେରାଡୁନର ବିଶେଷଜ୍ଞ ଡ. କେ ରମେଶ ସାତକୋଶିଆରେ ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶରେ ଉଦ୍ୟମ ଆରମ୍ଭ ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ୧୨ଟାରେ ଯଶୋଦା ସୁନ୍ଦରୀ ପାଖରେ ପହଞ୍ଚିଥିଲା। ମାହୁନ୍ତଙ୍କ ସହ ସାତକୋଶିଆ ଡାକ୍ତର କିଶୋର କୁମାର ସାହୁ ଟ୍ରାଙ୍କୁଲାଇଜ କରିବା ପାଇଁ ଯାଇଥିଲେ। ହେଲେ ଏହି ଉଦ୍ୟମ ମଧ୍ୟ ବିଫଳ ହୋଇଥିବା ଜଣାପଡିଛି। ଉକ୍ତ ସ୍ଥାନରେ ଡବ୍ଲ୍ୟୁଆଇଆଇ ଟିମ୍‌ର ଡ. ସ୍ୱରୂପ ସାହୁ, ନନ୍ଦନକାନନ ଡାକ୍ତର ଶରତ ସାହୁ, ବାନ୍ଧବଗଡ଼ ଓ ପେଞ୍ଚ ବ୍ୟାଘ୍ର ପ୍ରକଳ୍ପର ବିଶେଷଜ୍ଞ ଡ. ସନ୍ଦୀପ ଅଗ୍ରୱାଲ ଓ ଅଖିଳେଶ ମିଶ୍ର, ସାତକୋଶିଆ ଡିଏଫ୍‌ଓ, ଏସିଏଫ ଶୁଭେନ୍ଦୁ ବେହେରା, ସରୋଜ କୁମାର ପଣ୍ଡା, ଏସ୍. କେ. ସ୍ୱାଇଁ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରା, ଟିକରପଡା ରେଞ୍ଜର ଜୟନ୍ତ ପଟ୍ଟନାୟକଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ବନ କର୍ମଚାରୀ ଉପସ୍ଥିତ ଥିଲେ।

## ■ ଠାକୁରଗଡ଼ ଥାନା ରାଣୀବନ୍ଧରେ ଚାଞ୍ଚଲ୍ୟ

# ମାଟି ତଳୁ ୨ ନାବାଳକଙ୍କ ମୃତଦେହ ଉଦ୍ଧାର

**ବଇଣ୍ଡା, ୪।୧୧(ଡି.ଏନ.ଏ.)**

- ■ ୧୨ ଦିନ ହେଲା ନିଖୋଜ ଥିଲେ
- ■ ବଳି କିମ୍ବା ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ମୃତ୍ୟୁ ସନ୍ଦେହ
- ■ ଥାନାରେ ହତ୍ୟା ଅଭିଯୋଗ

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ରାଣୀବନ୍ଧ ଗ୍ରାମ ନାଳ ନିକଟରୁ ରବିବାର ସକାଳେ ୨ ନାବାଳକଙ୍କ ମୃତଦେହ ମାଟି ତଳୁ ଉଦ୍ଧାର କରାଯାଇଛି। ମୃତକ ହେଲେ ହତାଶିମିଳି ଗ୍ରାମର ବିଜୟ ନାୟକଙ୍କ ପୁଅ ସିପୁନ ନାୟକ(୧୪) ଓ ଭୀମସେନ ନାୟକଙ୍କ ପୁଅ ଅମୂଲ୍ୟ ନାୟକ(୧୭)। ୧୨ ଦିନ ତଳେ ଉଭୟେ ନିଖୋଜ ଥିବାବେଳେ ଏବେ ସେମାନଙ୍କ ମୃତଦେହ ଉଦ୍ଧାର ଘଟଣା ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଛି।

ଠାକୁରଗଡ ଆଇଆଇସି ଗବାକ୍ଷ ନାୟକଙ୍କ ସୂଚନାରୁ ପ୍ରକାଶ, ଗତ ୨୪।୧୦।୨୦୧୮ ତାରିଖ ରାତିରେ ସିପୁନ ଓ ଅମୂଲ୍ୟ ମାଛ ଧରିବା ପାଇଁ କହି ଘରୁ ଯାଇଥିଲେ। ସେହିଦିନଠାରୁ ସେମାନେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ବି ପାଇ ନ ଥିଲେ। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ନ କରି ଉଭୟଙ୍କ ପରିବାର ଲୋକେ ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ଏକ ବୈଠକ କରିବା ସହ ଗ୍ରାମ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରିବାକୁ ପରାମର୍ଶ ଦେଇଥିଲେ। ରବିବାର ସକାଳେ ଗ୍ରାମର କେତେଜଣ ଯୁବକ ମାଛ ମାରିବା ପାଇଁ ଉକ୍ତ ନାଳ ନିକଟକୁ ଯାଇଥିଲେ। ସେଠାରୁ ଦୁର୍ଗନ୍ଧ ହେବାରୁ ସେମାନେ କେତେଜଣ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚିବାରେ ସେଠାରେ ମାଟି ତଳେ ହାତର କିଛି ଅଂଶ ଦେଖିବାକୁ ପାଇ ଠାକୁରଗଡ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଅନୁଗୋଳ ଅତିରିକ୍ତ ଏସ୍‌ପି ବି. କେ. ପ୍ରଧାନ, ଠାକୁରଗଡ ଆଇଆଇସି, ମାଜିଷ୍ଟ୍ରେଟ ଭାବେ ଆଠମଲ୍ଲିକ ତହସିଲଦାର ବି. ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ପୋତା ହୋଇଥିବା ଦୁଇ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ଦାରିଙ୍ଗବାଡ଼ିରେ ତାପମାତ୍ରା ୧୬ ଡିଗ୍ରୀ

**ଭୁବନେଶ୍ୱର, ୪।୧୧(ବ୍ୟୁରୋ)**

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ପୂର୍ବ ଆସାମ ଉପରେ ରହିଛି। ଓଡ଼ିଶାରେ ଏହାର ପ୍ରଭାବ ଦେଖାଯିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିଠାରେ ୧୬ ଡିଗ୍ରୀ ସେଲ୍‌ସିୟସ ଥିବାବେଳେ ତାଳଚେରଠାରେ ସର୍ବୋଚ୍ଚ ତାପମାତ୍ରା ୩୫.୧ ଡିଗ୍ରୀ ସେଲ୍‌ସିୟସ ରହିଛି। ନଭେମ୍ବର ପ୍ରଥମ ସପ୍ତାହ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶୀତ ପ୍ରକୋପ ଅନୁଭୂତ ହୋଇନାହିଁ। ଇତିମଧ୍ୟରେ ଦୁଇଟି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାରୁ ପାଗରେ ପରିବର୍ତ୍ତନ ଆସିନାହିଁ। ଏହା ସମ୍ପୂର୍ଣ୍ଣ ଛାଡ଼ିଯିବା ପରେ ଖୁବ୍‌ଶୀଘ୍ର ଶୀତ ପଡ଼ିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ମଞ୍ଜୁର ହେଉନାହିଁ ଅପରାଜିତାଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନ

**ଭୁବନେଶ୍ୱର,୪।୧୧(ବ୍ୟୁରୋ)**

ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ ଅପରାଜିତା ଷଡ଼ଙ୍ଗୀ କେନ୍ଦ୍ରୀୟ ଡେପୁଟେସନରୁ ଫେରି ସାରିଛନ୍ତି। ଚଳିତବର୍ଷ ଅଗଷ୍ଟରେ ତାଙ୍କ ୫ ବର୍ଷିଆ ଡେପୁଟେଶନ ସମାପ୍ତ ହୋଇଥିଲା। ଏହା ପରେ ଅପରାଜିତା ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପାଇଁ ଆବେଦନ ମଧ୍ୟ କରିସାରିଛନ୍ତି। ହେଲେ ରାଜ୍ୟ ସରକାର ନା ତାଙ୍କୁ ପୁନଃ ନିଯୁକ୍ତି ଦେଉଛନ୍ତି, ନା ସ୍ୱେଚ୍ଛାକୃତ ଅବସରକୁ ମଞ୍ଜୁର କରୁଛନ୍ତି।

ଅପରାଜିତାଙ୍କ ସ୍ୱେଚ୍ଛାକୃତ ଅବସର ଆବେଦନକୁ ପ୍ରାୟ ମାସେ ବିତିଗଲାଣି। ହେଲେ ଏ ସମ୍ପର୍କିତ ଫାଇଲ ଏବେ ବି ନାଲିଫିତା ତଳେ ପଡିରହିଛି। ଇତି ମଧ୍ୟରେ ଅପରାଜିତା ୨୪ ବର୍ଷ ଚାକିରି କରି ସାରିଛନ୍ତି। ନିୟମ ଅନୁଯାୟୀ ଜଣେ ଆଇଏଏସ୍ ଅଧିକାରୀ ଚାକିରିର ୨୦ ବର୍ଷ ପରେ ସ୍ୱେଚ୍ଛାକୃତ ଅବସର ନେଇ ପାରିବେ। ଏଥିପାଇଁ ସରକାରଙ୍କ କୌଣସି ଅନୁମୋଦନ ଆବଶ୍ୟକତା ନାହିଁ। ଜଣେ ଅଧିକାରୀ ୩ ମାସ ପୂର୍ବରୁ ଆଗୁଆ ନୋଟିସ୍ ଦେଇ ଅବସର ନେଇ ପାରିବେ। ରାଜ୍ୟ ସରକାର ଚାହିଁଲେ ମଧ୍ୟ ତାହାକୁ ରୋକି ପାରିବେ ନାହିଁ। ତେଣୁ ଅପରାଜିତାଙ୍କ ଆବେଦନକୁ ସରକାର ମଞ୍ଜୁର କରୁଛନ୍ତି ନା ସେ ସ୍ୱେଚ୍ଛାକୃତ ଭାବେ ଅବସର ନେଉଛନ୍ତି। ତାହା ଉପରେ ସମସ୍ତଙ୍କ ନଜର ରହିବ।

ପ୍ରକାଶ ଯେ, ୧୯୯୪ ବ୍ୟାଚ୍‌ର ଅପରାଜିତା ବିଏମ୍‌ସି କମିଶନର, ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟ କରିସାରିଛନ୍ତି। ନିଜର ସ୍ୱତନ୍ତ୍ର କାର୍ଯ୍ୟଶୈଳୀ ପାଇଁ ସେ ପରିଚିତ। ବିଏମ୍‌ସି କମିଶନର ଏବଂ ପଞ୍ଚାୟତିରାଜ ବିଭାଗ ସଚିବ ଥିବା ସମୟରେ ଅପରାଜିତାଙ୍କ ବିଭାଗୀୟ ମନ୍ତ୍ରୀମାନଙ୍କ ସହ ମତପାର୍ଥକ୍ୟ ସମ୍ପର୍କରେ ସମସ୍ତଙ୍କୁ ଜଣା। ସେହିପରି ଗଣଶିକ୍ଷା ସଚିବ ଥିବା ବେଳେ ନିଜର ଆକ୍ରମଣାତ୍ମକ କାର୍ଯ୍ୟଶୈଳୀ ବିଭାଗୀୟ ଅଫିସର ଏବଂ ଶିକ୍ଷକ ସମାଜରେ କୋକୁଆ ଭୟ ସୃଷ୍ଟି କରିଥିଲା। ରାଜ୍ୟ ପ୍ରଶାସନ ସହ ଭଲ ପଡୁ ନ ଥିବାରୁ ନିଜ ଆଡୁ ଡେପୁଟେଶନ ଆବେଦନ କରି ସେ ଦିଲ୍ଲୀରେ ଅବସ୍ଥାପିତ ହୋଇଥିଲେ। ହେଲେ କେନ୍ଦ୍ରୀୟ ଡେପୁଟେଶନରୁ ଫେରି ସ୍ୱେଚ୍ଛାକୃତ ଅବସର ଆବେଦନ ତାଙ୍କୁ ପୁଣି ଚର୍ଚ୍ଚାକୁ ଆଣିଥିଲା। ଦୀର୍ଘ ୨୪ ବର୍ଷ ଚାକିରି କରିବା ପରେ ସ୍ୱେଚ୍ଛାକୃତ ଅବସର ଆବେଦନ କାରଣକୁ ନେଇ ବିଭିନ୍ନ ମହଲରେ ଉତ୍ସୁକତା ପ୍ରକାଶ ପାଇଥିଲା। ଏମିତି ସରକାରୀ ଚାକିରି ପରେ ଅପରାଜିତା ରାଜନୀତିରେ ପାଦ ଥାପି ପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା। ହେଲେ ଅପରାଜିତା ନିଜ ଭବିଷ୍ୟତକୁ ନେଇ କୌଣସି ପ୍ରତିକ୍ରିୟା ଏଯାବତ୍ ରଖିନାହାନ୍ତି।





ମଣିଷ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୪।୧୧(ବ୍ୟୁରୋ): ଶହୀଦନଗର ଥାନା କେଶୁରା ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଅଭିଯୁକ୍ତ କେଶୁରାର ସୁଶୀଲ ସ୍ୱାଇଁ(୩୬) ଓରଫ ସୁକେଇଙ୍କୁ ଗିରଫ କରିଛି। କେଶୁରା ପଡିଆ ବସ୍ତିରେ ରହୁଥିବା ପ୍ରକାଶ ଦାସ ଏବଂ ସୁକେଇଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଗତ ୧ ତାରିଖ ରାତିରେ ସୁକେଇ ଘରକୁ ଫେରୁଥିବାବେଳେ ପ୍ରକାଶଙ୍କ ସହ କଥା କଟାକଟି ହୋଇଥିଲା। ପରେ ବଚସା ବଢିବାରୁ ସୁକେଇ ଓ ତାଙ୍କ ସହଯୋଗୀମାନେ ମିଶି ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପରିବାର ଲୋକେ ପ୍ରକାଶଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏ ନେଇ ପ୍ରକାଶଙ୍କ ପରିବାର ଲୋକ ୨ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(୪୮୧/୧୮) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ରବିବାର ପୋଲିସ ସୁକେଇଙ୍କୁ କୋର୍ଟ ଚାଲଣ କରିଛି।

### ବାଇକ୍‌ରୁ ଖସି ପଡିବା ପରେ ମୋବାଇଲ୍ ଲୁଟ ଅଟୋ ଡ୍ରାଇଭର ଗିରଫ

ଭୁବନେଶ୍ୱର, ୪।୧୧(ବ୍ୟୁରୋ): ଖାରବେଳନଗର ଥାନା ୟୁନିଟ-୪ ଆରବିଆଇ କଲୋନୀ ନିକଟରେ ଜଣେ ବ୍ୟକ୍ତିଙ୍କଠାରୁ ମୋବାଇଲ୍ ଲୁଟ ହୋଇଛି। ଲୁଟର ଶିକାର ହୋଇଛନ୍ତି କପିଳେଶ୍ୱର ଅଞ୍ଚଳର ଉମାକାନ୍ତ ସାହୁ। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୋବାଇଲ୍ ଲୁଟ କରିଥିବା ସାନ୍ତନୁ ନାୟକଙ୍କୁ ଗିରଫ କରି ତାଙ୍କ ନିକଟରୁ ମୋବାଇଲ୍ ଜବତ କରିଛି। ରାତି ୭ଟାରେ ଉମାକାନ୍ତ ଆର୍‌ବିଆଇ କଲୋନୀ ଦେଇ ଯାଉଥିଲେ। ହେଲେ ହଠାତ୍ ସେ ଗାଡିରୁ ପଡି ଯାଇଥିଲେ। ତାଙ୍କ ମୋବାଇଲ୍ ମଧ ତଳେ ପଡିଯାଇଥିଲା। ଏହି ସମୟରେ ଅଟୋ ଡ୍ରାଇଭର ସାନ୍ତନୁ ମୋବାଇଲ ଧରି ଚମ୍ପଟ ମାରିଥିଲେ। ଉମାକାନ୍ତଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

■ ଦୁବାଇକୁ ଟିକେଟ ବୁକିଂ ନାଁରେ ଶିଳ୍ପପତିଙ୍କୁ ୭୩ ଲକ୍ଷ ଠକେଇ

# ଟ୍ରାଭେଲ ଏଜେନ୍ସି ମାଲିକ ଗିରଫ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ଦୁବାଇରେ ଟିକେଟ ବୁକିଂ କରିଦେବା ଆଳରେ ଜଣେ ଶିଳ୍ପପତିଙ୍କୁ ୭୩ ଲକ୍ଷ ଠକେଇ କରିବା ଅଭିଯୋଗରେ ସ୍ପେଶାଲ ସ୍କ୍ୱାଡ୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସତ୍ୟନଗରରେ ରହୁଥିବା ନଳିନୀକାନ୍ତ ନନ୍ଦ। ତାଙ୍କ ବିରୋଧରେ ଏକ ମାମଲା(୧୨୩/୧୮) ଦଫା ୪୨୦ରେ ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ଯୋଡା ଅଞ୍ଚଳର ଶିଳ୍ପପତି ତାରିଣୀ ପ୍ରସାଦ ମହାନ୍ତି ତାଙ୍କ ଝିଅଙ୍କ ନିର୍ବନ୍ଧ ଦୁବାଇରେ ଏକ ହୋଟେଲରେ କରିବା ପାଇଁ ଯୋଜନା କରିଥିଲେ। ବିବାହ ପାଇଁ ଦୁବାଇରେ ହୋଟେଲ ବୁକିଂ, ବିମାନ ଟିକେଟ ବୁକିଂ ପାଇଁ ସମ୍ପୃକ୍ତ ଶିଳ୍ପପତି ଏୟାରଫିଲ୍ଡ ଥାନା ଅଞ୍ଚଳର ଏକ ଟ୍ରାଭେଲ ଏଜେନ୍ସି ସହ ଯୋଗାଯୋଗ କରିଥିଲେ। ଟ୍ରାଭେଲ ଏଜେନ୍ସିର ମାଲିକ ନଳିନୀକାନ୍ତ ସବୁ ଆୟୋଜନ ଠିକ୍‌ଭାବେ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ସେ ଅଗ୍ରିମ ଆକାରରେ ୭୩ ଲକ୍ଷ ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ନଳିନୀକାନ୍ତ କୌଣସି ବୁଝାବୁଝି କରି ନ ଥିଲେ। ବରଂ ସେ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଶିଳ୍ପପତି ତାରିଣୀ ତାଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ କି ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ତାରିଣୀ ୨୦୧୮ ଏପ୍ରିଲ ୨୧ରେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ପରେ ନଳୀନକାନ୍ତ ପୋଲିସକୁ ଚକ୍କା ଦେଇ ଫେରାର ହୋଇଯାଇଥିଲେ। ଶେଷରେ ତାରିଣୀ ପୋଲିସ କମିଶନରଙ୍କୁ ଭେଟି ତାଙ୍କ ଘଟଣା ସମ୍ପର୍କରେ ଜଣାଇବା ପରେ ଏହି ଘଟଣାର ତଦନ୍ତ ସ୍ପେଶାଲ ସ୍କ୍ୱାଡ୍ ନେଇଥିଲା।

## କଣ୍ଟ୍ରାକ୍ଟରଙ୍କୁ ବନ୍ଧୁକ ଦେଖାଇ ଅପହରଣ

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

**ଭୁବନେଶ୍ୱର ବୁଲାଇବା ପରେ ଲୁଟ୍‌ପାଟ କରି ଛାଡିଲେ**

ନୟାପଲ୍ଲୀ ଥାନା ଜାଭିୟର ସ୍କୁଲ ନିକଟରୁ କଣ୍ଟ୍ରାକ୍ଟର ସୁଦୀପ ତ୍ରିପାଠୀଙ୍କୁ ଶନିବାର ରାତିରୁ ଅପହରଣ କରାଯାଇଥିଲା। ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମୁହଁରେ କଳାକନା ବାନ୍ଧି କାର୍‌ରେ ଉଠାଇ ନେଇଥିଲେ। କାର ଭିତରେ ତାଙ୍କୁ ମାଡ଼ମାରି ସୁନାଚେନ, ବ୍ରେସ୍‌ଲେଟ୍, ମୋବାଇଲ ଓ ୪୦ ହଜାର ଟଙ୍କା ଲୁଟି ନେଇଥିଲେ। ଶେଷରେ ଚେତାଶୂନ୍ୟ ଅବସ୍ଥାରେ ପଟିଆ ଅଞ୍ଚଳରେ ଛାଡି ପଳାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଖୋଳତାଡ଼ କରୁଛି।

କଣ୍ଟ୍ରାକ୍ଟର ସୁଦୀପ ଆମ୍ରି ହସ୍ପିଟାଲର କିଛି କାମକୁ ଠିକାରେ ନେଇଥିଲେ। ସେ ଶନିବାର ରାତି ପ୍ରାୟ ୧୦ଟା ୩୦ରେ କାମ ସାରି ଗାୟତ୍ରୀ ବିହାରସ୍ଥିତ ଘରକୁ ଫେରୁଥିଲେ। ହେଲେ ଜାଭିୟର ସ୍କୁଲ ନିକଟରେ ସେ କାର୍ ଅଟକାଇ ନିକଟରେ ଥିବା ଏକ ଦୋକାନରେ ସିଗାରେଟ୍ ଟାଣୁଥିଲେ। ଏହି ସମୟରେ ୯ ଯୁବକ ୩ଟି ବାଇକ୍‌ରେ ମୁହଁରେ ମୁଖା ପିନ୍ଧି ଆସିଥିଲେ। ସେମାନେ ସୁଦୀପଙ୍କ କାର ନିକଟରେ ଅଟକିଥିଲେ। ହଠାତ ସେମାନେ ସୁଦୀପଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କୁ ତାଙ୍କ କାର୍‌ରେ ବସାଇଥିଲେ। ଏହା ପରେ ତାଙ୍କୁ ବନ୍ଧୁକ ପଛରେ ମାଡ ମାରିଥିଲେ। ଏପରି କି ରାତି ସାରା ରାଜଧାନୀରେ ତାଙ୍କୁ ମାଡ଼ମାରି ବୁଲାଇଥିଲେ। ସୁଦୀପଙ୍କ ବ୍ରେସ୍‌ଲେଟ୍, ସୁନା ଚେନ୍, ଦୁଇଟି ଦାମୀ ଫୋନ୍, ଲାପଟପ୍ ଓ ନଗଦ ୪୦ ହଜାର ଟଙ୍କା ଲୁଟି ନେଇଥିଲେ। ପରେ ତାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପଟିଆ ଅଞ୍ଚଳରେ ଫିଙ୍ଗି କାର ଛାଡି ଫେରାର ହୋଇଯାଇଥିଲେ। ଚେତା ଫେରିବା ପରେ ସୁଦୀପ ହସ୍ପିଟାଲକୁ ଯାଇ ଚିକିତ୍ସିତ ହୋଇଥିଲେ। ପରେ ଏ ନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଞ୍ଚଳରେ ବାରମ୍ବାର ଲୁଟ ହେଉଥିବା ବେଳେ ପିସିଆର ଭ୍ୟାନ୍ ପାଟ୍ରୋଲିଂ କରୁ ନ ଥିବା ଅଭିଯୋଗ ହେଉଛି।

## ସ୍କୁଲ ହୀରକ ଜୟନ୍ତୀରେ ଯୋଗଦେବେ ରାଜ୍ୟପାଳ

ବାଲକାଟୀ, ୪।୧୧(ଡି.ଏନ୍.ଏ.)

ଆସନ୍ତା ୧୦ତାରିଖରେ ବାଲକାଟୀସ୍ଥିତ ପ୍ରତାପ ଶାସନ ନୋଡାଲ(ବାଳକ) ଉଚ୍ଚ ବିଦ୍ୟାଳୟର ୬୦ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ଉତ୍ସବ ପାଳନ ହେବ। ସ୍କୁଲର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଡ. ଗଣେଶୀ ଲାଲ ଯୋଗଦେବେ। ରବିବାର ଛାତ୍ରସଂସଦ ପକ୍ଷରୁ ସ୍କୁଲ ସମ୍ମିଳନୀ କକ୍ଷରେ ଡା. ବନମାଳୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ହୀରକ ଜୟନ୍ତୀ ୧୦ଓ ୧୧ ତାରିଖ ଦୁଇ ଦିନ ହେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁହଁ ଉପରେ ଆରେ ହୁର
ପଛ ହୋଇଗଲେ ଦୂର୍ ଦୂର୍ ।**

ମୁହଁ ଉପରେ ଅନେକେ ଭଲେଇ ହୋଇ କଥା କହିଥାନ୍ତି। ଆପଣାର ଭାବ ଦେଖେଇ ହେବା ସହ ବଡ଼ ବଡ଼ କଥା କହିଥାନ୍ତି। ଏପରି କି ନେଇ ଆଣି ଥୋଇ ପାରିବାର ମିଛ ଆଶ୍ୱାସନା ଦେଇଥାନ୍ତି। ପରନ୍ତୁ ମୁହଁ ପଛରେ ନାନା ସମାଲୋଚନା କରିବା ସହ ବେଖାତିର କରିବାକୁ ପଛାଇ ନ ଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମହାକାଳ ଫଳ ବଡ଼ ସୁନ୍ଦର
ଭିତର ଦେଖିଲେ ପୋଡ଼ା ଅଙ୍ଗାର ।**

ମହାକାଳ ଫଳ ଦେଖିବାକୁ କେତେ ସୁନ୍ଦର ଅଥଚ ଭିତରେ ପୋଡ଼ା ଅଙ୍ଗାର । ବାହ୍ୟସ୍ୱରୂପ ଦେଖି ଭିତରର ପ୍ରକୃତି ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ବ୍ୟକ୍ତିର ଆକୃତିରୁ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି ତାହା ଠଉରେଇବା ମଧ କାଠିକର ପାଠ ହୋଇଯାଇଥାଏ। ବାହାରେ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ତଥା ମିଷ୍ଟଭାଷୀ ବୋଲାଉଥିବା କିଛି ବ୍ୟକ୍ତି ଭିତରେ ଭିତରେ କପଟାଚରଣ କରୁଥିବା ଦେଖିବାକୁ ମିଳୁଥିବା ବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



ସେଣ୍ଟ୍ରାଲ୍ ଆୟୁର୍ବେଦ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ହେପାଟୋବିଲିଆରୀ ଡିସ୍‌ଅର୍ଡର ଭୁବନେଶ୍ୱର ପକ୍ଷରୁ ରବିବାର ଫରେଷ୍ଟ ପାର୍କଠାରୁ ବାହାରିଥିବା ଗଣଦୌଡ଼ 'ରନ୍ ଫର୍ ଆୟୁର୍ବେଦ'।

## ନବଜାତ ଶିଶୁ ମୃତ୍ୟୁ ନେଇ ଉତ୍ତେଜନା

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

ନବଜାତ ଶିଶୁମୃତ୍ୟୁକୁ ନେଇ ରବିବାର ଅପରାହ୍ଣରେ କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଶିଶୁର ପରିବାର ଲୋକେ ଡାକ୍ତରଙ୍କ ଅବହେଳା ଯୋଗୁ ମୃତ୍ୟୁ ଘଟିଥିବା ଦର୍ଶାଇଥିଲେ। ମୃତ ଶିଶୁଙ୍କ ପରିବାର ଲୋକେ କ୍ୟାପିଟାଲ ଥାନାରେ ଡାକ୍ତରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୁରୁଣା ଭୁବନେଶ୍ୱରର ପିଙ୍କି ସାହୁ ରବିବାର ସକାଳେ ଗର୍ଭ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଅଣାଯାଇଥିଲା। ହେଲେ ଡାକ୍ତର କି ନର୍ସ ତାଙ୍କର ଚିକିତ୍ସା କରି ନ ଥିଲେ। ପିଙ୍କି ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଡାକ୍ତର ଓ ନର୍ସ ଶିଶୁକୁ ଭିଡାଭିଡି କରିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏ ନେଇ ହସ୍ପିଟାଲ ପକ୍ଷରୁ କୁହାଯାଇଛି ଯେ, ଶିଶୁ ନାଭିରୁ ବାହାରିଥିବା ଶିରା ତାର ବେକରେ ଗୁଡାଇ ହୋଇଯାଇଥିବାରୁ ତା'ର ମୃତ୍ୟୁ ଘଟିଥିଲା।

## ବଳଦ ଆକ୍ରମଣରେ ୩ ଗୁରୁତର

ପୁରୁଣା ଭୁବନେଶ୍ୱର, ୪।୧୧(ବ୍ୟୁରୋ): ବୁଲା ବଳଦ ଆକ୍ରମଣରେ ୩ରୁ ଊର୍ଦ୍ଧ୍ୱ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଘଟଣା ଘଟିଛି ଶିଶୁପାଳଗଡ ଗ୍ରାମରେ। ଗାଁର ରୋଜନା ମୁଖୀ(୭୫) ଦୟାନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ବୁଲା ବଳଦ ତାଙ୍କୁ ଆକ୍ରମଣ କରିଥିଲା। ମୁମୂର୍ଷୁ ଅବସ୍ଥାରେ ନଦୀପଠାରେ ପଡିଥିବା ଦେଖି ଘର ଲୋକ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେହିପରି ଜଣେ ବଙ୍ଗାଳୀ ରାଜମିସ୍ତ୍ରୀଙ୍କୁ ଓ ଅନ୍ୟ ଜଣଙ୍କୁ ବଳଦ ଆକ୍ରମଣ ମଧ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଗ୍ରାମବାସୀ ବନବିଭାଗ ସହ ଯୋଗାଯୋଗ କରିଥିଲେ ମଧ୍ୟ କର୍ମଚାରୀମାନେ ହାତୀ ପାଇଁ ବ୍ୟସ୍ତ ଅଛନ୍ତି କହିଥିବା ଗାଁର କମଳ ମୁଖୀ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

# CLASSIFIED DISPLAY

ALL EDITION-B/W (Every Day) — For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୂଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୂଠ୍‌କରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହ୍ମେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag, New Delhi
8433378861
7379665376

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ସବୁଠାରୁ ଜ୍ଞାନୀ ଓ ସବୁଠାରୁ ନିର୍ବୋଧ - ଏ ଦୁଇଜଣ ନିଜ ନିଜ ମତ ବଦଳାନ୍ତି ନାହିଁ।
- କନ୍‌ଫୁସିୟସ








## ସଂକ୍ଷେପରେ

### ପୁଣି ମାକେନା ହାତୀ ଆତଙ୍କ ମଇଁଷି ମୃତ, ୩ ନିଖୋଜ

ବାରଙ୍ଗ,୪।୧୧(ଡି.ଏନ୍.ଏ.)- ଗତ କିଛିମାସର ବ୍ୟବଧାନ ପରେ ପୁଣି ଆତଙ୍କ ଖେଳାଇଛି ମାକେନା ହାତୀ। ଶନିବାର ରାତିରେ ମାକେନାର ଆକ୍ରମଣରେ ଅନ୍ଧାରୁଆ ପଞ୍ଚାୟତର ଚଗଲା ବେହେରାଙ୍କ ଏକ ଛଅ ମାସର ମଇଁଷିର ମୃତ୍ୟୁ ହୋଇଥିବା ବେଳେ ତିନି ମଇଁଷି ନିଖୋଜ ହୋଇଛନ୍ତି। ପ୍ରକାଶ ଯେ, ଚଗଲା ଶନିବାର ଅବିକିନାଳି ଆମ୍ବତୋଟା ନିକଟରେ ମଇଁଷି ଗୋଠକୁ ବାନ୍ଧି ରଖିଥିଲେ। ରବିବାର ସକାଳ ୧୦ଟାରେ ଗୋଠକୁ ଯାଇ ଦେଖିବା ବେଳେ ୧୦ଟି ମଇଁଷି ମଧ୍ୟରୁ ଛୁଆ ମଇଁଷିଟିର ମୃତ୍ୟୁ ହୋଇଥିବାବେଳେ ୩ନିଖୋଜ ଥିଲେ। ମାକେନା ହାତୀ ଦ୍ୱାରା ଏହି ଆକ୍ରମଣ ହୋଇଥିବା ନେଇ ଚଗଲା ବନ ବିଭାଗକୁ ଜଣାଇଥିଲେ। ବିଭାଗ କର୍ମଚାରୀ ପହଞ୍ଚି ଅନୁଧାନ କରି ମୃତ ମଇଁଷିର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହା ପୂର୍ବରୁ ମଧ ଚଗଲାଙ୍କ ସାତଟି ମଇଁଷି ମାକେନା ହାତୀ ଆକ୍ରମଣର ଶିକାର ହୋଇଥିବା କହିଛନ୍ତି।

### କେଆଇଏଫ୍‌ଏଫ୍‌ରେ ପ୍ରଦର୍ଶନ ହେବ 'ନିୟମଗିରି- ଦି ମାଉଣ୍ଟେନ୍ ଅଫ୍ ଲ'

**ଭୁବନେଶ୍ୱର,୪।୧୧(ବ୍ୟୁରୋ):** ବହୁଚର୍ଚ୍ଚିତ ନିୟମଗିରି ପାହାଡ଼ ଉପରେ ଆଧାରିତ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର 'ନିୟମଗିରି- ଦି ମାଉଣ୍ଟେନ୍ ଅଫ୍ ଲ' ୨୪ତମ କୋଲକାତା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ ୨୦୧୮(କେଆଇଏଫ୍‌ଏଫ୍)ରେ ପ୍ରଦର୍ଶନ ହେବାକୁ ମନୋନୀତ ହୋଇଛି। ନଭେମ୍ବର ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଫିଲ୍ମ ଫେଷ୍ଟିଭାଲର ଡକ୍ୟୁମେଣ୍ଟାରୀ ସେକ୍ସନରେ 'ନିୟମଗିରି- ଦି ମାଉଣ୍ଟେନ୍ ଅଫ୍ ଲ' ପ୍ରଦର୍ଶନ ହେବ। ଚଳଚ୍ଚିତ୍ର ନିର୍ମାତା ସୂର୍ଯ୍ୟଶଙ୍କରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଓଡ଼ିଆ ଏବଂ କୁଇ ଭାଷାରେ ନିର୍ମିତ ହୋଇଛି। ୯ ମିନିଟ୍ ୫୦ ସେକେଣ୍ଡର ଫିଲ୍ମରେ ନିୟମଗିରି ପାହାଡ଼ରେ ରହୁଥିବା ଆଦିମ ଜନଜାତି ନିଜ ଭିଟାମାଟି ପାଇଁ କିଭଳି ବେଦାନ୍ତ ସହ ସଂଘର୍ଷ କରୁଛନ୍ତି, ତାହାକୁ ଦର୍ଶାଯାଇଛି। ନିୟମଗିରିରେ ବେଦାନ୍ତ ଆଲୁମିନିୟମ୍ ପ୍ରୋଜେକ୍ଟକୁ ବିରୋଧ କରି ଡଙ୍ଗରିଆ କନ୍ଧ କରିଥିବା ରକ୍ତର ଲଢ଼େଇକୁ ଫିଲ୍ମରେ ନିର୍ମାତା ଦେଖାଇବାର ପ୍ରଚେଷ୍ଟା କରିଛନ୍ତି। ଜନ୍ମମାଟି ପାଇଁ ପିଢ଼ି ପରେ ପିଢ଼ି କରିଥିବା ଦୀର୍ଘ ଦଶବର୍ଷର ସଂଘର୍ଷ କାହାଣୀକୁ ଫିଲ୍ମରେ ମାତ୍ର ୧୦ ମିନିଟରେ ଅତି ନିଖୁଣ ଭାବେ ଦର୍ଶାଯାଇଛି। ପୂର୍ବରୁ ଏହି ଫିଲ୍ମ ଗତ ଜାନୁୟାରୀରେ ଇଣ୍ଡୋନେସିଆରେ ଅନୁଷ୍ଠିତ ପ୍ରଥମ ଇଣ୍ଟରନ୍ୟାଶନାଲ ଇଣ୍ଡିଜିନିୟସ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ବାଲିରେ ପ୍ରଦର୍ଶିତ ହୋଇଥିଲା। ଏହାବ୍ୟତୀତ ଗତ ସେପ୍ଟେମ୍ବରରେ ପ୍ରଥମ କାଲିମାଣ୍ଟନ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିଲା।

## ଶ୍ରୀମନ୍ଦିର ଜଗମୋହନ ଭିତରେ ଅଣାୟତ୍ତ ଭିଡ଼

# ଠେଲାପେଲାରେ ଚାପିହୋଇ ମହିଳା ଆହତ

- ହସ୍ପିଟାଲରେ ଭର୍ତ୍ତି
- ହବିଷିଆଳି, ଭକ୍ତ ଅଣନିଃଶ୍ୱାସୀ
- ଅସହାୟ ହୋଇପଡ଼ିଲେ ସୁରକ୍ଷା କର୍ମୀ



ପୁରୀ ଅଫିସ,୪।୧୧

ଚାଲିଛି କାର୍ତ୍ତିକ ମାସ। ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ହବିଷିଆଳି ଓ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ଏଥିସହ ଛୁଟିଦିନ ଯୋଗୁ ରବିବାର ଶ୍ରୀମନ୍ଦିରରେ ଭିଡ଼ ଅଣାୟତ୍ତ ହୋଇପଡିଥିଲା। ସାତପାହାଚ ଓ ଜଗମୋହନରେ ଠେଲାପେଲା ସହ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜଗମୋହନର ଭିତରକାଠ ନିକଟରେ ଭିଡ଼ରେ ଚାପି ହୋଇ ଜଣେ ମହିଳା ତଳେ ପଡି ଆହତ ହୋଇଥିଲେ। ତାଙ୍କ ଚିତ୍କାର ଶୁଣି ତାଙ୍କୁ ଉଦ୍ଧାର କରାଯିବା ପରେ ଶ୍ରୀମନ୍ଦିର ପରିସର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେହିପରି ଭିଡ଼ରେ ଫସି ରହି ଅନେକ ହବିଷିଆଳି ଓ ଭକ୍ତ ଅଣନିଃଶ୍ୱାସୀ ହୋଇପଡିଥିଲେ। ବହୁ ହବିଷିଆଳି ଭିଡ଼କୁ ଦେଖି ଭିତରକୁ ପଶିପାରି ନ ଥିଲେ। ସେମାନେ ବେଢା ପରିସର ଅନ୍ୟାନ୍ୟ ମନ୍ଦିର ବୁଲି ଆଶ୍ରୟସ୍ଥଳକୁ ଫେରିଥିବା ଦେଖିବାକୁ ମିଳିଥିଲା।

ଦ୍ୱାର ଫିଟିବା ମାତ୍ରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ଲାଗି ଭକ୍ତ ଓ ହବିଷିଆଳି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ହଠାତ୍ ସାତପାହାଚ ନିକଟରେ ପ୍ରଥମେ ଅସମ୍ଭାଳ ଭିଡ଼ ସୃଷ୍ଟି ହୋଇଥିଲା। ନିୟନ୍ତ୍ରଣ ପାଇଁ ମୁତୟନ ଥିବା ପୋଲିସ କର୍ମଚାରୀ ବି ଅସହାୟ ହୋଇପଡିଥିଲେ। ସେହିପରି ଭିତରେ ବି ପ୍ରବଳ ଭିଡ଼ ହୋଇଥିଲା। ହବିଷିଆଳିମାନେ ଠାକୁରଙ୍କୁ ଦର୍ଶନ କରିବା ଏକପ୍ରକାର ଅସମ୍ଭବ ହୋଇପଡିଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସୁଦ୍ଧା ଭିତରକାଠ ନିକଟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଯାଇଥିଲା। ଭିଡ଼ ଭିତରେ ଫସି ଯାଇଥିଲେ ବହୁ ମହିଳା ଭକ୍ତ। ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଗୀତାଞ୍ଜଳି ପଣ୍ଡା କହିଛନ୍ତି, ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଜଣେ ମହିଳାଙ୍କ ଅବସ୍ଥା ସଂକଟାପନ୍ନ ହୋଇଯାଇଥିଲା। ବର୍ଷକ ପୂର୍ବରୁ ତାଙ୍କ ପେଟରେ ଅସ୍ତ୍ରୋପଚାର ହୋଇଥିଲା। ଠେଲାପେଲା ଭିତରେ ସେ ଅଣନିଃଶ୍ୱାସୀ ହୋଇପଡିବା ସହ ତାଙ୍କ ପେଟ ଚାପି ହୋଇଯାଇଥିଲା। ପ୍ରବଳ ଯନ୍ତ୍ରଣା ହେବାରୁ ମହିଳା ଜଣକ ପେଟ ପେଟ କହି ତଳେ ପଡିଯାଇଥିଲେ। ସେଠାରେ ମୁତୟନ ଥିବା ପୋଲିସ ତାଙ୍କୁ ସାତପାହାଚ ନିକଟକୁ ନେଇ ଆସିବା ପରେ ଗୀତାଞ୍ଜଳିଙ୍କ ସହ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ରଶ୍ମିତା ମହାରଣା, ସୂର୍ଯ୍ୟକାନ୍ତି ପ୍ରଧାନ ଓ ଅନ୍ୟମାନେ ଉକ୍ତ ଅସୁସ୍ଥ ମହିଳାଙ୍କୁ ଶ୍ରୀମନ୍ଦିର ପରିସର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସୁସ୍ଥ ହେବା ପରେ ସମ୍ପୃକ୍ତ ମହିଳା ଘରକୁ ଫେରିଥିବା ଗୀତାଞ୍ଜଳି କହିଛନ୍ତି।

### ପାଣି ପାଇଁ ଡହଳବିକଳ

ଅନ୍ୟପକ୍ଷରେ ରବିବାର ପ୍ରବଳ ଖରା ଏବଂ ଗୁଳୁଗୁଳି ଯୋଗୁ ଭକ୍ତମାନେ ପାଣି ପାଇଁ ଡହଳବିକଳ ହୋଇଥିଲେ। ପିଇବା ପାଇଁ ପାଣି ଖୋଜି ଖୋଜି ନୟାନ୍ତ ହୋଇପଡିଥିଲେ। ସେମାନଙ୍କ ସହ ଯାଇଥିବା ଅନ୍ୟ ସଦସ୍ୟମାନେ ଏଥିପାଇଁ ଧାଁଦୌଡ଼ କରି ଏଠି ସେଠି ପାଣି ମାଗୁଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଆନନ୍ଦ ବଜାର ଏବଂ ଦକ୍ଷିଣ ଦ୍ୱାରରେ ପାଣି ରଖାଯାଉଛି। କିନ୍ତୁ ଗହଳି ସ୍ଥାନ ସାତପାହାଚ ନିକଟରେ ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ। ଗତବର୍ଷ ଏଠାରେ ପାଣି ବ୍ୟବସ୍ଥା ଥିଲା। ପାଣି ପଡ଼ିଲେ ଗୋଡ଼ ଖସିବା ଆଶଙ୍କା କରି ଶ୍ରୀମନ୍ଦିର ପ୍ରଶାସନ ଚଳିତ ବର୍ଷ ସାତପାହାଚରେ ପାଣି ରଖୁ ନାହିଁ। ସାତପାହାଚ ସମ୍ମୁଖ ଫୁଲଗୁଛା ପିଣ୍ଡି ପାଖରେ ପାନୀୟ ଜଳର ବ୍ୟବସ୍ଥା କରାଗଲେ ଶ୍ରଦ୍ଧାଳୁ ଉପକୃତ ହୁଅନ୍ତେ ବୋଲି ଦାବି ହେଉଛି।

## ଆନନ୍ଦ ବଜାରରେ ଶୋଷଣ

# ଅବଢ଼ା ଦର ତିନିଗୁଣ

ପୁରୀ ଅଫିସ,୪।୧୧

ମହାପ୍ରସାଦ ଦର ଉପରେ ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ। ମନଇଚ୍ଛା ଦାମ୍ ନେଉଛନ୍ତି ମହାପ୍ରସାଦ ବିକ୍ରି କରୁଥିବା ସୁଆର ସେବକ। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ଏଥିସହ ହବିଷିଆଳିମାନେ ମଧ ପ୍ରତ୍ୟହ ବହୁ ସଂଖ୍ୟାରେ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ ପାଇଁ ଆସୁଛନ୍ତି। ଏହାର ସୁଯୋଗ ନେଉଛନ୍ତି ମହାପ୍ରସାଦ ବିକ୍ରି କରୁଥିବା କେତେଜଣ ସୁଆର ସେବକ। ସେମାନେ ଭକ୍ତ ଏବଂ ହବିଷିଆଳିଙ୍କଠାରୁ ମନଇଚ୍ଛା ଦାମ୍ ନେଇ ଶୋଷଣ କରୁଥିବା ଅଭିଯୋଗ ହେଉଛି। ରବିବାର ଆନନ୍ଦ ବଜାରରେ ଅବଢ଼ା ଦର ବେଶ୍ ଅଧିକ ରହିଥିଲା। କାର୍ତ୍ତିକ ମାସ ପୂର୍ବରୁ ଯେଉଁ ଅବଢା ୧୦୦ ଟଙ୍କାରେ ମିଳୁଥିଲା ବର୍ତ୍ତମାନ ତାହା ତିନିଗୁଣା ଅର୍ଥାତ୍ ୩୦୦ ଟଙ୍କା ଦେବାକୁ ପଡୁଛି। ଅନେକ ଭକ୍ତଙ୍କୁ ଏହି ଦାମ୍ ବାଧୁଛି। କିନ୍ତୁ ଅନ୍ୟ ଉପାୟ ନ ଥିବାରୁ ମହାପ୍ରଭୁଙ୍କ ମହାପ୍ରସାଦ ଚଢା ଦାମ୍‌ରେ କିଣିବାକୁ ବାଧ ହେଉଛନ୍ତି।

ବାଲେଶ୍ୱର ସିମୁଳିଆରୁ ଆସିଥିବା ପ୍ରମୋଦ କୁମାର ପଣ୍ଡା କହିଛନ୍ତି, ପୂର୍ବରୁ ମୁଁ ବହୁଥର ଶ୍ରୀମନ୍ଦିରକୁ ଆସିଛି। ସବୁଥର ମହାପ୍ରଭୁଙ୍କ ମହାପ୍ରସାଦ ପାଇଥାଏ। ହେଲେ ରବିବାର ଅବଢ଼ା ଦର ତିନିଗୁଣା ଦେଇ କିଣିଥିଲି। ବାଧୁଥିଲେ ମଧ ଠାକୁରଙ୍କ ମହାପ୍ରସାଦ ଭାବି କିଛି କହି ନ ଥିଲି। କେବଳ ପ୍ରମୋଦ ନୁହନ୍ତି, ଅବଢ଼ା ଦରକୁ ନେଇ ଆନନ୍ଦ ବଜାରରେ ଭକ୍ତମାନେ ଏଭଳି ଶୋଷଣର ଶିକାର ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଥିଲା।

ସୂଚନାଥାଉ କି, ଭକ୍ତଙ୍କୁ ଶୋଷଣରୁ ମୁକ୍ତ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆନନ୍ଦ ବଜାରରେ ମହାପ୍ରସାଦ ଦର ତାଲିକା ଲଗାଇବ ବୋଲି ଘୋଷଣା କରିଛି। ହେଲେ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। କାର୍ତ୍ତିକ ପରେ ପରୀକ୍ଷାମୂଳକ ଭାବେ ମହାପ୍ରସାଦ ପ୍ରସ୍ତୁତ ହେବ। କେତେ ଖର୍ଚ୍ଚ ଯାଉଛି ଏବଂ ଲାଭାଂଶକୁ ଦେଖି ରେଟ୍ ଧାର୍ଯ୍ୟ କରାଯିବା ପରେ ଓଳି ଚିତ୍ର ସହ ମହାପ୍ରସାଦ ଦର ତାଲିକା ଲଗାଯିବ ବୋଲି ସ୍ଥିର ହୋଇଛି।

# ୮ ବାଣ କାରଖାନାରେ ଚଢାଉ, ୫ ଗିରଫ

କଟକ ଅଫିସ୍/ସାଲେପୁର (ଡି.ଏନ୍.ଏ.), ୪।୧୧

ଦୀପାବଳିକୁ ଆଉ ୨ ଦିନ ବାକି ଥିବାବେଳେ ରବିବାର ଜଗତପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର, ମହାରାଜନଗର ଅଞ୍ଚଳର ୮ଟି ବେଆଇନ ବାଣ କାରଖାନା ଉପରେ ଚଢାଉ କରିଛି କମିଶନରେଟ ପୋଲିସର ସ୍ପେଶାଲ ଟିମ୍। ବାରୁଦକୁ ମିଶାଇ ୧୨ କୁଇଣ୍ଟାଲ ୭୦ କେଜି ବାଣ ତିଆରି ସାମଗ୍ରୀ ଜବତ କରାଯାଇଛି। ଉକ୍ତ କାରଖାନାରୁ ପୋଲିସ ୫ ଜଣଙ୍କୁ ଗିରଫ କରିଥିବା ବେଳେ ୪ ଜଣଙ୍କୁ ଅଟକ ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗତପୁର ଥାନା ଅନ୍ତର୍ଗତ ହାତିକଣ ଅଞ୍ଚଳର କିଶୋର ସାହୁ ଓରଫ୍ ମକରା(୨୧), ତ୍ରିଲୋଚନପୁର ଅଞ୍ଚଳର ଗିଲି ନାୟକ(୩୫), ଲକ୍ଷ୍ମୀଧର ବିଶ୍ୱାଳ ଓରଫ କାବୁଲି(୪୨), ରବି ନାରାୟଣ ସ୍ୱାଇଁ(୨୩), ମହାଜନପୁର ଅଞ୍ଚଳର ରଘୁନାଥ ଭୋଇ(୨୫)। ଏନେଇ ଆଇପିସି ଦଫା ୨୮୬, ୩୪ ଏବଂ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସ ଆକ୍ଟ ୪, ୫ ଅନୁଯାୟୀ ୮ଟି ମାମଲା ରୁଜୁ କରାଯାଇଛି। ବେଆଇନ ଭାବେ ଚାଲିଥିବା ଏହି କାରବାରରେ ଆଉ କେତେଜଣଙ୍କ ସମ୍ପୃକ୍ତି ରହିଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ବେଆଇନ ବାଣ କାରଖାନା ଉପରେ ଚଢାଉ କରିବା ପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ନିକଟରେ ନିର୍ଦ୍ଦେଶ ଦେଇଥିଲେ। ଜଗତପୁର ଅଞ୍ଚଳରେ ବେଆଇନ ବାଣ ତିଆରି ହେଉଥିବା କମିଶନରେଟ ପୋଲିସକୁ ସୂଚନା ମିଳିଥିଲା। ତଦନୁଯାୟୀ ଚଢାଉ କରିବା ପାଇଁ କମିଶନରେଟ ପୋଲିସ କଟକ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଜୋନ୍-୧ ଏସିପି ତ୍ରିନାଥ ମିଶ୍ରଙ୍କ ନେତୃତ୍ୱରେ ଗଠନ ହୋଇଥିବା ଏହି ଟିମ୍‌ରେ ଚାଉଳିଆଗଞ୍ଜ, ମାଲଗୋଦାମ, କନ୍ଦରପୁର, ଚୌଦ୍ୱାର, ମହିଳା ଥାନା ଅଧିକାରୀଙ୍କ ସମେତ ୨୦ ଅଫିସର ଥିଲେ। ଏଥିସହିତ ୭ ପ୍ଲାଟୁନ୍ ପୋଲିସ ଫୋର୍ସଙ୍କୁ ସାଙ୍ଗରେ ନେଇ ଏହି ଟିମ୍ ରବିବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ୮ଟି ବାଣ କାରଖାନା ଉପରେ ଚଢାଉ କରିଥିଲା। ସେଠାରେ ବିନା ଲାଇସେନ୍ସରେ ବାଣ ତିଆରି ଚାଲିଥିବା ପୋଲିସ ଜାଣିବା ପରେ ଗିରଫଦାରି ଏବଂ ଜବତ ଆରମ୍ଭ କରିଥିଲା। ଜବତ ସାମଗ୍ରୀ ମଧ୍ୟରେ ୨୦୦ କେଜି ନାଇଟ୍ରେଟ୍ ବାରୁଦ, କଷ୍ଟ ଆଇରନ ୫୦୦କେଜି, ମେଟାଲ ବ୍ଲାକ ପାଉଡର ୩୦୦କେଜି, ସଲଫର ବାରୁଦ ୧୦୦ କେଜି, ଧଳା ବାରୁଦ ୧୫୦କେଜି, ଆଲୁମିନିୟମ ଗୁଣ୍ଡ ୧୦କେଜି, ୭ହଜାର ବାଣ ସମେତ ଅନ୍ୟାନ୍ୟ ବାଣ ତିଆରି ସାମଗ୍ରୀ ରହିଛି। ଜବତ ସାମଗ୍ରୀର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ସୂଚନା ଦେଇଛି।



୧୨ କୁଇଣ୍ଟାଲ ୭୦ କେଜି ସାମଗ୍ରୀ ଜବତ

### ନନ୍ଦନକାନନରେ ସମ୍ବର ମୃତ୍ୟୁ ▶

**ବାରଙ୍ଗ,୪।୧୧(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ତୃଣଭୋଜି ସଫାରିରେ ରହୁଥିବା ୬ବର୍ଷର ଏକ ମାଈ ସମ୍ବରର ରବିବାର ମୃତ୍ୟୁ ହୋଇଛି। ମୃତ୍ୟୁ ପରେ ସେମାନଙ୍କ ସଂଖ୍ୟା ୨୦କୁ ହ୍ରାସ ପାଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ବିଭାଗ ପକ୍ଷରୁ ସମ୍ବରର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଜଙ୍ଗଲରେ ଯୁବତୀଙ୍କୁ ଗଣବଳାତ୍କାର

## ୩ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ଖୋର୍ଦ୍ଧା ଅଫିସ, ୪।୧୧

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳର ଏକ ଜଙ୍ଗଲରେ ଜନୈକା ୨୨ ବର୍ଷୀୟା ଯୁବତୀ ଶନିବାର ଅପରାହ୍ନରେ ଗଣବଳାତ୍କାରର ଶିକାର ହୋଇଛନ୍ତି। ୩ ଯୁବକ ଏଭଳି କାଣ୍ଡ ଘଟାଇ ଫେରାର ହୋଇ ଯାଇଛନ୍ତି। ଏ ନେଇ ପୀଡ଼ିତାଙ୍କ ଭାଇଙ୍କ ଅଭିଯୋଗକ୍ରମେ ପୋଲିସ ଆଇପିସି ଦଫା ୩୭୬ (ଘ) ଅନୁଯାୟୀ ୧୬୩/୧୮ନମ୍ବରରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତା ଶନିବାର ଅପରାହ୍ନରେ ସମ୍ପର୍କୀୟା ଭଉଣୀଙ୍କ ସହ ବାରିପଟ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ୩ ଜଣ ଯୁବକ ଆସି ପୀଡ଼ିତାଙ୍କୁ ଉଠାଇ ନେଇଥିଲେ। ତାଙ୍କ ସମ୍ପର୍କୀୟ ଭଉଣୀ ଘଟଣାସ୍ଥଳରୁ ଖସିଆସି ଘର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଖୋଜା ଖୋଜି କରି ପୀଡ଼ିତାଙ୍କୁ ପାଇଥିଲେ। ହେଲେ ସେ ଠିକ୍‌ରେ କଥା କହିପାରନ୍ତି ନାହିଁ। ଖନେଇ ଖନେଇ କିଛି କହିବା ପୂର୍ବରୁ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକେ ଏ ନେଇ ପୋଲିସକୁ ଖବର ଦେଇ ପୀଡ଼ିତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି। ଘଟଣାରେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଶରଧାପୁର ଅଞ୍ଚଳର ୩ ଯୁବକ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ସେମାନଙ୍କୁ ଗିରଫ କରିବା ପାଇଁ ଶରଧାପୁର ଓ ଆଖପାଖ ଅଞ୍ଚଳରେ ଜଙ୍କିଆ ପୋଲିସ ତନାଘନା ଚଳାଇଛି।


INDIAN RAILWAYS

**ପୂର୍ବ ତଟ ରେଳପଥ**

ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଇ-କ୍ରୟ ପ୍ରଣାଳୀ

**ଇ-ଟେଣ୍ଡର ବିଜ୍ଞପ୍ତି ସଂ. ECoRCONTP181906 ଏବଂ ECoRCONTP181907**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଦ୍ୱାରା ବିଭିନ୍ନ ପ୍ରକାର ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ଟେଣ୍ଡର-ସାମଗ୍ରୀ ଏବଂ ସର୍ଭିସ୍ ପୋର୍ଟାଲ ଅଧୀନସ୍ଥ ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରାଯାଉଛି। ଇ-ଟେଣ୍ଡର ବିଜ୍ଞପ୍ତି ସଂ. ECoRCONTP181906 ଏବଂ ECoRCONTP181907 ଗୁଡ଼ିକର ବନ୍ଦ ହେବାର ତାରିଖ କ୍ରମଶଃ ତା.19.11.2018ରିଖ ଏବଂ ତା.26.11.2018ରିଖ ଅଟେ।

ଇଚ୍ଛୁକ ଟେଣ୍ଡରଦାତାମାନେ ଅଧିକ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ : http://www.ireps.gov.in ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-85/CB/-18-19 | ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/TP/ଭୁବନେଶ୍ୱର



भा.कृ.अनु.प-केन्द्रीय पटसन एवं समवर्गीय रेशा अनुसंधान संस्थान
**ICAR-CENTRAL RESEARCH INSTITUTE FOR JUTE & ALLIED FIBRES**
(भारतीय कृषि अनुसंधान परिषद), (Indian Council of Agricultural Research)
नीलगंज, बैरकपुर, कोलकाता-700 120, पश्चिम बंगाल
NILGANJ, BARRACKPORE, KOLKATA-700 120, WEST BENGAL
(An ISO 9001:2015 Certified Institute)

**नीलामी नोटिस सं. 41/18-19**
**AUCTION NOTICE NO. 41/18-19**

निदेशक, भा.कृ.अनु.प-के.प.रे.अनु.सं. बैरकपुर, कोलकाता-700120 की तरफ से यह अधिसूचित किया जाता है कि दिनांक 27/11/2018 को 02:30 pm. में सीसल अनुसन्धान केंद्र, बामरा, ओडिशा, पिन-768221 में अनुपयोगी जीप और ट्रैक्टर के लिए नीलामी आयोजित की जाएगी।
इच्छुक पार्टी / फॉर्म / व्यक्ति नीलामी में भाग ले सकते हैं। निविदा फर्म के रूप में विस्तृत नियम और शर्तें सीसल अनुसन्धान केंद्र, बामरा ओडिशा, पिन-768221 के साथ-साथ इंस्टिट्यूट के वेबसाइट www.crijaf.org.in से प्राप्त की जा सकता हैं।

On behalf of the Director, ICAR-CRIJAF, Barrackpore, Kolkata-700120 it is notified that an auction will be held for 'condemned Jeep & tractor' at Sisal Research Station, Bamra, Odisha, Pin-768221 on 27/11/2018 at 02:30 pm.
Interested party / firm / individual may attend the auction on scheduled date and time. Detailed terms and conditions in the form of tender form can be obtained from Sisal Research Station, Bamra, Odisha, Pin-768221 as well as from ICAR-CRIJAF website i.e. www.crijaf.org.in

सहकारी प्रसाशनिक अधिकारी (स्टोर्स)
*Asstt. Administrative Officer (Stores)*



ଧରିତ୍ରୀ DHARITRI
Quiz No.22
**Puja Quiz- 2018**

**Main Sponsor** TVS
**Co-Sponsors** CENTRAL Nikon

☑ Tick mark the box which is correct

୧. ଜୈନ ଧର୍ମର ଆଦ୍ୟ ପ୍ରବର୍ତ୍ତକ କିଏ ?
କ. ମହାବୀର ☐ ଖ. ଋଷଭ ☐ ଗ. ସିଦ୍ଧାର୍ଥ ☐ ଘ. କେଉଁଟି ନୁହେଁ ☐
୨. ନନ୍ଦ ଶାସନ କିଏ ପ୍ରତିଷ୍ଠା କରିଥିଲେ ?
କ. ଅଶୋକ ନନ୍ଦ ☐ ଖ. ଧନ ନନ୍ଦ ☐ ଗ. ମହାପଦ୍ମ ନନ୍ଦ ☐ ଘ. କେଉଁଟି ନୁହେଁ ☐
୩. ବାବରଙ୍କ ପ୍ରକୃତ ନାମ କ'ଣ ଥିଲା ?
କ. ନାସିରୁଦ୍ଦିନ ମହମ୍ମଦ ☐ ଖ. ଜହିରୁଦ୍ଦିନ ମହମ୍ମଦ ☐ ଗ. କମରୁଦ୍ଦିନ ମହମ୍ମଦ ☐ ଘ. କେଉଁଟି ନୁହେଁ ☐
୪. ଭାରତର 'ବ୍ରଜଭୂମି' କେଉଁ ସ୍ଥାନକୁ ବୁଝାଯାଏ ?
କ. କାଶୀ ☐ ଖ. ମଥୁରା ☐ ଗ. ବୃନ୍ଦାବନ ☐ ଘ. କେଉଁଟି ନୁହେଁ ☐
୫. ଭାରତର କେଉଁ ମନ୍ଦିର ଛ' ମାସ ବନ୍ଦ ରହେ ?
କ. କେଦାରନାଥ ☐ ଖ. ବଦ୍ରିନାଥ ☐ ଗ. ରାମନାଥ ☐ ଘ. କେଉଁଟି ନୁହେଁ ☐

Participant's Name:......
Address:......
......
Education ......
Mobile...... Age:......
E-mail:......

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 22
B-15, Industrial Estate, Rasulgarh, Bhubaneswar-10





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଆନାକୋଣ୍ଡା। ସେ ଆର୍‌ବିଆଇ ଏବଂ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ଗିଳିଦେଲେଣି।
-ୟାନାମାଲା ରାମାକ୍ରିଷ୍ଣୁଡୁ, ଆନ୍ଧ୍ରପ୍ରଦେଶ ଅର୍ଥମନ୍ତ୍ରୀ



## ସଂକ୍ଷେପରେ

### ପରଲୋକରେ ୧୯୭୧ ଯୁଦ୍ଧବୀର



**ନୂଆଦିଲ୍ଲୀ,୪।୧୧(ପି.ଟି):** ୧୯୭୧ ଯୁଦ୍ଧବୀର ତଥା ଅବସରପ୍ରାପ୍ତ ଭାଇସ୍ ଆଡମିରାଲ ଏମ୍.ପି. ଆୱ୍ୱାତିଙ୍କର ମହାରାଷ୍ଟ୍ରସ୍ଥିତ ସତରା ନିକଟ ନିଜ ବାସଭବନରେ ପରଲୋକ ହୋଇଛି। ସେ ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ଶତ୍ରୁପକ୍ଷର ଏକ ବୁଡ଼ାଜାହାଜକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ବୀରଚକ୍ର ଉପାଧିଧାରୀ ଆୱ୍ୱାତିଙ୍କୁ ୯୧ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ ଶୋକପ୍ରକାଶ କରିଛନ୍ତି।

### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୪।୧୧(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ୍ ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଖୁଦ୍‌ପୋରାରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଶନିବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଅଞ୍ଚଳରେ ଯବାନମାନେ ତଲାସି ଅଭିଯାନ ଚଳାଇଥିଲେ। ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିବା ପରେ ସୁରକ୍ଷା ବଳ ପାଲଟା ଜବାବ ଦେଇଥିଲା। ଯବାନଙ୍କ ଗୁଳିମାଡ଼ରେ ମହମ୍ମଦ ଇର୍ଫାନ ଭଟ ଓ ଶାହିଦ୍ ମୀର ନାମକ ଦୁଇ ଆତଙ୍କବାଦୀ ନିହତ ହୋଇଛନ୍ତି।

### ଆଇଏସ୍‌ଆଇକୁ ତଥ୍ୟ ଦେଇ ବିଏସ୍‌ଏଫ୍ ଯବାନ ଗିରଫ

**ଅମୃତସର,୪।୧୧:** ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇକୁ ସମ୍ବେଦନଶୀଳ ତଥ୍ୟ ଯୋଗାଇବା ଅଭିଯୋଗରେ ଜଣେ ବିଏସ୍‌ଏଫ୍ ଯବାନ ଗିରଫ ହୋଇଛନ୍ତି। ଶେଖ୍ ରିଆଜୁଦ୍ଦିନ ନାମକ ଯବାନ ଜଣକ ନିଜ ସନ୍ଦିଗ୍ଧ ଗତିବିଧିକୁ ନେଇ କିଛି ମାସ ହେଲା ବିଏସ୍‌ଏଫ୍ ଗୋଇନ୍ଦା ଶାଖାର ସ୍କାନରରେ ଥିଲେ। ପଞ୍ଜାବର ଫିରୋଜ୍‌ପୁର ସେକ୍ଟରସ୍ଥିତ ୨୯ତମ ବାଟାଲିୟନ୍‌ରେ ସେ କାର୍ଯ୍ୟରତ ଥିବାବେଳେ ରବିବାର ତାଙ୍କୁ ଗିରଫ କରାଯାଇଛି। ରିଆଜୁଦ୍ଦିନ ମହାରାଷ୍ଟ୍ରର ଲାତୁର ଜିଲା ରେନପୁରା ଗ୍ରାମର ବାସିନ୍ଦା।

### ଦୁର୍ଘଟଣା ନେଲା ୧୨ ଜୀବନ

**ସୋନେପତ୍,୪।୧୧:** ହରିୟାଣାର ସୋନେପତ୍ ଜିଲାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଗୋହାନା-ପାନିପତ ରାଜପଥରେ ସନ୍ଧ୍ୟା ୬ଟାରେ ଏକ କାର୍ ଓ ଜିପ୍‌କୁ ଟ୍ରକ୍ ଧକ୍କା ଦେବା ଫଳରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଆହତ ହୋଇଛନ୍ତି।

### ମନୋଜ ତିୱାରୀଙ୍କୁ ଠେଲାପେଲା

**ନୂଆଦିଲ୍ଲୀ,୪।୧୧:** ଦିଲ୍ଲୀ ଭାଜପା ଅଧକ୍ଷ ମନୋଜ ତିୱାରୀଙ୍କୁ ସିଗ୍ନେଚର ବ୍ରିଜ୍ ଉଦ୍‌ଘାଟନ ବେଳେ ଏଏପି କର୍ମୀମାନେ ଠେଲାପେଲା ଓ ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ପ୍ରାୟ ୨ହଜାର କୋଟି ଟଙ୍କା ବ୍ୟୟରେ ଯମୁନା ନଦୀ ଉପରେ ନିର୍ମିତ ଏହି ବ୍ରିଜ୍ ଏମ୍‌ପି ମନୋଜଙ୍କ ନିର୍ବାଚନମଣ୍ଡଳୀ ଉତ୍ତରପୂର୍ବ ଦିଲ୍ଲୀରେ ଥିବାରୁ ସେ ଉକ୍ତ କାର୍ଯ୍ୟକ୍ରମକୁ ଯାଇଥିଲେ। ସେ ବିନା ନିମନ୍ତ୍ରଣରେ ମଞ୍ଚ ଉପରକୁ ଯିବା ପାଇଁ ଉଦ୍ୟମ କରୁଥିବାବେଳେ ଏଭଳି ସ୍ଥିତି ଉପୁଜିଥିଲା।

## ■ କେନ୍ଦ୍ରକୁ ସନ୍ଥ ସମିତିର ନିର୍ଦ୍ଦେଶ

# ରାମମନ୍ଦିର ପାଇଁ ଅଧ୍ୟାଦେଶ ଆଣ

ନୂଆଦିଲ୍ଲୀ,୪।୧୧



ପୁଣିଥରେ ହିନ୍ଦୁତ୍ୱ ରାଜନୀତିର ପ୍ରୟୋଗଶାଳା ପାଲଟିବାକୁ ଯାଉଛି ଉତ୍ତରପ୍ରଦେଶର ଫୈଜାବାଦ ଜିଲାସ୍ଥିତ ଅଯୋଧ୍ୟା। ୨୦୧୯ ସାଧାରଣ ନିର୍ବାଚନକୁ ଆଉ ପ୍ରାୟ ୬ ମାସ ଥିବାବେଳେ ରାମମନ୍ଦିର ନିର୍ମାଣ ଦାବି ଜୋର୍ ଧରିଛି। ଏହି ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ କେନ୍ଦ୍ର ସରକାର ଖୋଲାଖୋଲି ଭାବେ ମନ୍ଦିର ନିର୍ମାଣ ସପକ୍ଷରେ ଓକିଲାତି କରିପାରୁନାହାନ୍ତି। ହେଲେ ଆର୍‌ଏସ୍‌ଏସ୍ ଏବଂ ଭାଜପା ନେତାମାନେ ମନ୍ଦିର ନିର୍ମାଣ ପାଇଁ ଜନମତ ସୃଷ୍ଟି କରିବାରେ ଲାଗିଛନ୍ତି। ସେହିପରି ହିନ୍ଦୁତ୍ୱ ଭୋଟବ୍ୟାଙ୍କର ଲଗାମ ଧରିଥିବା ସାଧୁସନ୍ଥମାନେ ରବିବାର ଏନେଇ କେନ୍ଦ୍ର ଉପରେ ଏନେଇ ଚାପ ପକାଇଛନ୍ତି। ଆଇନ ପ୍ରଣୟନ କରି ଅଥବା ଅଧ୍ୟାଦେଶ ଆଣି ରାମମନ୍ଦିର ନିର୍ମାଣ କରିବାକୁ ସେମାନେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି।

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ସକାଶେ ଅଧ୍ୟାଦେଶ ଆଣିବାକୁ ଅଖିଳ ଭାରତୀୟ ସନ୍ଥ ସମିତି ରବିବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ସରକାର ତୁରନ୍ତ ଏନେଇ ଆଇନ ପ୍ରଣୟନ କରନ୍ତୁ ନଚେତ ଅଧ୍ୟାଦେଶ ଜରିଆରେ ରାମମନ୍ଦିର ନିର୍ମାଣର ପଥ ପରିଷ୍କାର କରନ୍ତୁ ବୋଲି ସାଧୁସନ୍ଥମାନେ ଚରମବାଣୀ ଶୁଣାଇଛନ୍ତି। ଏହାବାଦ୍ ଗୋସୁରକ୍ଷା ଓ ଗଙ୍ଗା ସଫେଇ ପାଇଁ ମଧ୍ୟ ନୂଆ ଆଇନ ଅଣାଯିବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଛି। ସନ୍ଥମାନଙ୍କ ଏହି ବୃହତ୍ ସମିତିର ଦୁଇଦିନିଆ ସମ୍ମିଳନୀରେ ସାରାଦେଶର ୩୦୦୦ରୁ ଊର୍ଦ୍ଧ୍ୱ ସାଧୁଙ୍କ ସମାଗମ ହୋଇଥିଲା। ସଙ୍ଗଠନର ଉଦ୍ୟୋକ୍ତା ରାମାନନ୍ଦ ହଂସଦେବାଚାର୍ଯ୍ୟ କାର୍ଯ୍ୟକ୍ରମର ସମାପନୀ ଭାଷଣରେ କହିଥିଲେ, ରାମମନ୍ଦିର ନିର୍ମାଣ ପାଇଁ ଆଇନ ଅଥବା ଅଧ୍ୟାଦେଶ ଆଣିବାକୁ କେନ୍ଦ୍ର ସରକାରଙ୍କୁ ଆମେ ନିର୍ଦ୍ଦେଶ ଦେଉଛୁ। ଏହାବାଦ୍ ଆସନ୍ତା ସାଧାରଣ ନିର୍ବାଚନରେ ଭାଜପାକୁ ସମର୍ଥନ କରି ପୁନଃ କ୍ଷମତାସୀନ କରାଇବାକୁ ମଧ୍ୟ ଅଖିଳ ଭାରତୀୟ ସନ୍ଥ ସମିତିରେ ସହମତି ପ୍ରକାଶ ପାଇଛି। ପ୍ରକାଶ ଯେ, ଗତମାସ ସୁପ୍ରିମକୋର୍ଟ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାର ଶୁଣାଣି କରି ଜାନୁୟାରୀ ପ୍ରଥମ ସପ୍ତାହରେ ଉପଯୁକ୍ତ ଖଣ୍ଡପୀଠ ଏହାର ବିଚାର କରିବେ ବୋଲି ସ୍ପଷ୍ଟ କରିଥିଲେ। ସେବେଠୁ ରାମମନ୍ଦିର ନିର୍ମାଣ ନେଇ ଦାବି ଜୋର୍ ଧରିଛି। ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ସୋମବାର ରାମମନ୍ଦିର ନିର୍ମାଣ ସପକ୍ଷରେ ମତବ୍ୟକ୍ତ କରିଥିଲେ। ମନ୍ଦିର ନିର୍ମାଣ ହେଲେ ଦେଶରେ ସଦିଚ୍ଛା ଓ ସଂହତିର ବାତାବରଣ ସୃଷ୍ଟି ହେବ ବୋଲି ସେ କହିଥିଲେ।

### 'ଭଲ ଖବର ଆସୁଛି'

**ହରିଦ୍ୱାର,୪।୧୧(ପି.ଟି.):** ରାମଭକ୍ତମାନଙ୍କୁ ଆଉ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। କାରଣ ରାମମନ୍ଦିର ନିର୍ମାଣ ନେଇ ଆଗକୁ ଏକ ଭଲ ଖବର ଆସୁଛି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ହରିଦ୍ୱାରରେ ପତଞ୍ଜଳି ଯୋଗପୀଠ ପକ୍ଷରୁ ଆୟୋଜିତ ଜ୍ଞାନକୁମ୍ଭ ସମ୍ମିଳନୀର ସମାପନୀ ଉତ୍ସବରେ ସମ୍ବୋଧିତ କରି ଯୋଗୀ ଏହି ମନ୍ତବ୍ୟ ଦେଇଛନ୍ତି।



### ଆତ୍ମାହୁତି ଧମକ ଦେଲେ ପରମହଂସ

**ଅଯୋଧ୍ୟା,୪।୧୧(ପି.ଟି.):** ଆଯୋଧ୍ୟାରେ ରାମମନ୍ଦିର ନିର୍ମାଣ ନେଇ ଡିସେମ୍ବର ୬ ସୁଦ୍ଧା କେନ୍ଦ୍ର ସରକାର ଘୋଷଣା ନ କଲେ ଆତ୍ମାହୁତି ଦେବାକୁ ଧମକ ଦେଇଛନ୍ତି ତପସ୍ୱୀ ଚାଓ୍ୱନି ମନ୍ଦିର ମହନ୍ତ ସ୍ୱାମୀ ପରମହଂସ ଦାସ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମମନ୍ଦିର ନିର୍ମାଣ ନେଇ ଡିସେମ୍ବର ୫ ସୁଦ୍ଧା ଘୋଷଣା କରନ୍ତୁ। ପ୍ରକାଶ ଯେ ମୋଦି ସରକାର ରାମମନ୍ଦିର ନିର୍ମାଣ ପାଇଁ ଆଇନ ଆଣନ୍ତୁ ବୋଲି ଦାବିକରି ପରମହଂସ ଅକ୍ଟୋବର ୬ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଥିଲେ। ସପ୍ତାହେ ପରେ ପୋଲିସ ତାଙ୍କୁ ବୁଝାଶୁଝା କରି ଅନଶନରୁ ଉଠାଇଦେଇଥିଲେ।



### ହିନ୍ଦୁଙ୍କୁ ଅସହିଷ୍ଣୁ କରିଛି ମସ୍‌ଜିଦ୍ ନିର୍ମାଣ ଚର୍ଚ୍ଚା

**ଅଯୋଧ୍ୟା,୪।୧୧(ପି.ଟି.):** ରାମମନ୍ଦିର ନିକଟରେ ଏକ ମସ୍‌ଜିଦ୍ ନିର୍ମାଣ ନେଇ ଚାଲିଥିବା ଚର୍ଚ୍ଚା ହିନ୍ଦୁମାନଙ୍କୁ ଅତ୍ୟଧିକ ଅସହିଷ୍ଣୁ କରିଦେଇଛି ବୋଲି ରବିବାର କେନ୍ଦ୍ରମନ୍ତ୍ରୀ ଉମା ଭାରତୀ କହିଛନ୍ତି। ସେ ରାମମନ୍ଦିରର ଶିଳାନ୍ୟାସ ଦେବାକୁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ନିମନ୍ତ୍ରଣ କରିଛନ୍ତି। ରାହୁଲ ଏପରି କରିବା ଦ୍ୱାରା ତାଙ୍କ ଦଳର ପାପ ଧୋଇହୋଇଯିବ ବୋଲି ସେ କଟାକ୍ଷ କରିଛନ୍ତି।



### ଭାରତରେ ଦକ୍ଷିଣ କୋରିଆ ପ୍ରଥମ ମହିଳା

ନୂଆଦିଲ୍ଲୀ,୪।୧୧(ପି.ଟି.)



ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ଧର୍ମପତ୍ନୀ ତଥା ସେଠାକାର ପ୍ରଥମ ମହିଳା କିମ୍ ଜଙ୍ଗ୍-ସୁକ୍ ରବିବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କୁ ପାଛୋଟି ଆଣିବା ପାଇଁ କେନ୍ଦ୍ରମନ୍ତ୍ରୀ ହରସିମରତ୍ କୌର ବାଦଲ ବିମାନବନ୍ଦରକୁ ଯାଇଥିଲେ। ଦୀପାବଳି ଅବସରରେ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ଦୀପୋତ୍ସବ'ରେ କିମ୍ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପୂର୍ବରୁ ସେ ସୋମବାର ରାଷ୍ଟ୍ରପତି ଭବନରେ ତାଙ୍କ ଭାରତୀୟ ପ୍ରତିପକ୍ଷଙ୍କୁ ସାକ୍ଷାତ୍ କରିବେ। କିମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ ମଧ୍ୟ ସାକ୍ଷାତ୍ ଆଲୋଚନ କରିବାର କାର୍ଯ୍ୟକ୍ରମ ରହିଛି।

## ■ ଭାରତ-ପାକ୍ ଶାନ୍ତି ଆଲୋଚନା

### ମୁଣ୍ଡ ଖେଳାଇଲା ଚାଇନା

ବେଜିଂ,୪।୧୧(ପି.ଟି.)



ଭାରତ ଓ ପାକିସ୍ତାନ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ମୁଣ୍ଡ ଖେଳାଇବାକୁ ଆଗ୍ରହ ପ୍ରକାଶ କରିଛି ଚାଇନା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଚାଇନା ଗସ୍ତ ଅବସରରେ ରବିବାର ବେଜିଂ ପକ୍ଷରୁ ଏନେଇ ଏକ ବିବୃତି ଜାରି କରାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ବେଜିଂରେ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ସହ ସାକ୍ଷାତ୍ କରିଛନ୍ତି। ଏନେଇ ପାକିସ୍ତାନ ଓ ଚାଇନା ପକ୍ଷରୁ ଏକ ମିଳିତ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତ ସହ ପାକିସ୍ତାନର ସମ୍ପର୍କରେ ସୁଧାର ଆଣିବା ପାଇଁ ଇସ୍‌ଲାମାବାଦର ପଦକ୍ଷେପକୁ ବେଜିଂ ସମର୍ଥନ କରେ।

### ବିଷକ୍ରିୟାରେ ୩୧ ହରିଣ ମୃତ

ତିରୁଚିରାପଲ୍ଲୀ,୪।୧୧(ପି.ଟି.)

ତାମିଲନାଡୁର ତିରୁଚିରାପଲ୍ଲୀ ନିକଟସ୍ଥ ଏକ ପାର୍କରେ ୩ ଦିନ ମଧ୍ୟର ୩୧ ହରିଣଙ୍କ ମୃତ୍ୟୁ ଘଟିଛି। ହରିଣମାନେ ଅତ୍ୟଧିକ ସୁବାବୁଲ୍ ପତ୍ର ଖାଇବା ପରେ ଖାଦ୍ୟରେ ବିଷକ୍ରିୟା ହୋଇ ଏଭଳି ଦଶା ଭୋଗିଥିବା ବଣ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଇଛନ୍ତି। ମିଳିଥିବା ସୂଚନାନୁସାରେ ଶନିବାର ୧୭, ରବିବାର ୮ ଓ ସୋମବାର ୬ ହରିଣଙ୍କ ପ୍ରାଣହାନି ଘଟିଛି। ସେମାନଙ୍କ ମଧ୍ୟରୁ ୨୫ ହରିଣ ଗର୍ଭବତୀ ଥିଲେ ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ପାର୍କରେ ମୋଟ ୧୮୦ ହରିଣ ଥିଲେ। ଅନ୍ୟ ହରିଣଙ୍କ ଉପରେ ନଜର ରଖାଯାଇଥିବା ପାର୍କ କର୍ତ୍ତୃପକ୍ଷ କହିଛନ୍ତି।



## ଫୁର୍‌ସତ

### ଉଦ୍ଧାର କାର୍ଯ୍ୟରେ ଲାଗିବ ଡ୍ରୋନ୍



**ନ୍ୟୁୟର୍କ:** ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମଆଇଟି) ଗବେଷକମାନେ ଏକ ସ୍ୱୟଂଚାଳିତ ଡ୍ରୋନ୍ ବିକାଶ କରିଛନ୍ତି। ଏହା ଘଞ୍ଚ ଜଙ୍ଗଲରେ ନିଖୋଜ ବ୍ୟକ୍ତିଙ୍କ ଅନୁସନ୍ଧାନରେ ସାହାଯ୍ୟ କରିବ। କୌଣସି ଅନୁସନ୍ଧାନକାରୀ ମାନବ ବଦଳରେ ଏହି ଡ୍ରୋନ୍‌କୁ କାର୍ଯ୍ୟରେ ଲଗାଯାଇପାରିବ। ଏହା ଉଦ୍ଧାର ପ୍ରକ୍ରିୟାକୁ ଅଧିକ ଦକ୍ଷ କରିପାରିବ ବୋଲି ଏମ୍‌ଆଇଟି ଏରୋନଟିକ୍ସ ଆଣ୍ଡ ଆଷ୍ଟ୍ରୋନଟିକ୍ସ ବିଭାଗର ଗବେଷକ ୟୁଲୁନ୍ ଟାୟନ୍ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଗବେଷଣାଲବ୍ଧ ଫଳାଫଳ ଆର୍ଜେଣ୍ଟିନାର ବୁଏନ୍‌ସ ଏରିସ୍‌ରେ ନଭେମ୍ବର ୫ରୁ ୮ ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ରୋବୋଟିକ୍ସ ସମ୍ମିଳନୀରେ ଉପସ୍ଥାପନ କରାଯିବ।

# ପ୍ରଦୂଷିତ ହୋଇପଡ଼ିଛି ଯମୁନା

**ମଥୁରା/ଆଗ୍ରା:** ବୃନ୍ଦାବନ ଏବଂ ମଥୁରାରେ ଯମୁନା ନଦୀ ବହୁ ଭାବରେ ପ୍ରଦୂଷିତ ହୋଇପଡିଛି। ହଜାର ହଜାର ମାଛ ମରି ଭାସୁଥିବାରୁ ତୀର୍ଥଯାତ୍ରୀ ଏବଂ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପାଇଁ ସେମାନେ ସରକାରୀ ସଂସ୍ଥାକୁ ଦାୟୀ କରିଛନ୍ତି। ଦିୱାଲି ଅବସରରେ ଲକ୍ଷଲକ୍ଷ ଭକ୍ତ ମଥୁରା ପରିଭ୍ରମଣ କରନ୍ତି। ଏଠାରେ ଗୋବର୍ଦ୍ଧନ ଓ ଯମୁନାଙ୍କ ସ୍ୱତନ୍ତ୍ର ପୂଜା କରାଯାଏ। ଉତ୍ତରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳକାରଖାନାରୁ ପ୍ରଦୂଷିତ ଜଳ ଯମୁନାକୁ ଛାଡିଦିଆଯାଉଥିବାରୁ ଲକ୍ଷଲକ୍ଷ ଜଳଜୀବ ଅମ୍ଳଜାନ ଅଭାବରୁ ମୃତ୍ୟୁବରଣ କରି ଭାସୁଛନ୍ତି। ଏହାଦ୍ୱାରା ଏହି ନଦୀ ବହୁମାତ୍ରାରେ ପ୍ରଦୂଷିତ ହୋଇପଡିଛି। ସେହିପରି ବୃନ୍ଦାବନ ନିକଟବର୍ତ୍ତୀ ଯମୁନାରେ ହଜାର ହଜାର ମାଛ ଭାସୁଥିବାର ଦେଖାଯାଉଛି। ବୃନ୍ଦାବନ ଓ ମଥୁରାକୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ତୀର୍ଥଯାତ୍ରୀ ବୁଡ ପକାଇବାକୁ ଯାଉଥିବା ବେଳେ ପ୍ରଦୂଷିତ ନଦୀ ସେମାନଙ୍କ ପାଇଁ ସମସ୍ୟାର କାରଣ ହୋଇଛି। ଯମୁନା ବ୍ରଜମଣ୍ଡଳର ଜୀବନ ରେଖା ହୋଇଥିବାବେଳେ ଏହା ଆଗ୍ରା ଅଞ୍ଚଳର ପର୍ଯ୍ୟଟନ ସ୍ଥଳ। ଯମୁନା କୂଳରେ ବହୁ ଐତିହାସିକ କୀର୍ତ୍ତିରାଜି ରହିଛି। ଯମୁନା ପ୍ରଦୂଷିତ ହେଲେ ତାଜମହଲ ଭଳି ଐତିହାସିକ ସ୍ମାରକୀ ପ୍ରଭାବିତ ହେବ ବୋଲି ପରିବେଶବିତ୍ ରଞ୍ଜନ ଶର୍ମା ପ୍ରକାଶ କରିଛନ୍ତି। ଯମୁନା ନଦୀକୁ ପ୍ରଦୂଷଣରୁ ମୁକ୍ତ କରା ନ ଗଲେ ଇତିହାସର ସ୍ମାରକୀ ବହନ କରୁଥିବା ଏହି ନର୍କକୁଣ୍ଡରେ ପରିଣତ ହେବ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଦେଇଛନ୍ତି।





ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ରହିବ ବୋଲି ଅନୁମାନ କରାଯାଉଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୪ | ୨୨.୫ |
| ଚାନ୍ଦବାଲି | ୩୨.୫ | ୨୨.୪ |
| କଟକ | ୩୨.୨ | ୨୧.୫ |
| ପାରାଦ୍ୱୀପ | ୩୨.୦ | ୨୨.୬ |
| ଭୁବନେଶ୍ୱର | ୩୩.୨ | ୨୨.୦ |
| ଗୋପାଳପୁର | ୩୪.୦ | ୨୨.୮ |
| ପୁରୀ | ୩୩.୦ | ୨୩.୫ |
| ଅନୁଗୋଳ | ୩୪.୧ | ୨୦.୬ |
| ବାରିପଦା | ୩୧.୬ | ୨୨.୫ |
| ଝାରସୁଗୁଡ଼ା | ୩୪.୮ | ୨୧.୫ |
| କେନ୍ଦୁଝର | ୩୧.୩ | ୧୯.୪ |
| ସମ୍ବଲପୁର | ୩୬.୦ | ୨୧.୮ |
| ସୁନ୍ଦରଗଡ଼ | --- | ୨୧.୦ |
| ହୀରାକୁଦ | ୩୩.୬ | ୨୦.୬ |
| ତାଲଚେର | ୩୩.୮ | ୨୨.୩ |
| ଭବାନୀପାଟଣା | ୩୧.୬ | ୨୦.୮ |
| ବଲାଙ୍ଗୀର | --- | ୨୦.୫ |
| କୋରାପୁଟ | ୩୨.୬ | ୧୮.୬ |
| ଫୁଲବାଣୀ | ୩୩.୫ | ୧୬.୪ |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୩୪.୮ | ୨୪.୬ |
| ସୋନପୁର | ୩୫.୨ | ୨୦.୮ |
| ଦାରିଙ୍ଗିବାଡ଼ି | --- | ୧୬.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ବହୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ ଏ.ଆର. ରହମନ୍

**ଚେନ୍ନାଇ:** ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ୍ ଅନେକ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ଆତ୍ମଜୀବନୀମୂଳକ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ଉକ୍ତ ପୁସ୍ତକରେ ତାଙ୍କ ଜୀବନ ସଂଗ୍ରାମ ବିଷୟ ବର୍ଣ୍ଣନା କରାଯାଇଛି। ତାଙ୍କୁ ୨୫ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଅତି କଠିନ ପରିସ୍ଥିତି ଦେଇ ଗତି କରୁଥିଲେ। ତାଙ୍କ ଜୀବନରେ ଏପରି ପର୍ଯ୍ୟାୟ ଆସିଥିଲା, ଯେଉଁ ପରିସ୍ଥିତିରେ ସେ ସବୁବେଳେ ଆତ୍ମହତ୍ୟା କରିଦେବାକୁ ଚିନ୍ତା କରୁଥିଲେ। ପରେ ତାଙ୍କ ପ୍ରତିଭାର ପରିସ୍ଫୁଟନ ହୋଇଥିଲା। ସେ ଜୀବନଯାତ୍ରାରେ କଳାର ଜୟଗାନ କରି ଓସ୍କାର ବିଜୟୀ ହୋଇପାରିଥିଲେ। ପିଲାଦିନୁ ସେ ପିତାଙ୍କୁ ହରାଇଥିଲେ। ଏହା ତାଙ୍କ ଜୀବନରେ ଏକ ଶୂନ୍ୟତା ସୃଷ୍ଟି କରିଥିଲା। ମୃତ୍ୟୁ ପ୍ରତ୍ୟେକଙ୍କ ପାଇଁ ଏକ ନିଷ୍ଠୁର ସତ୍ୟ। ପ୍ରତ୍ୟେକ ଜିନିଷର ସମାପ୍ତି ରହିଛି। ତେଣୁ ଜୀବନରେ ଯାହା ବି ପ୍ରତିବନ୍ଧକ ଆସୁ ତାହାକୁ ସାମ୍ନା କରିବାକୁ ପଡିବ। ଏହି ଚିନ୍ତନ ହିଁ ତାଙ୍କୁ ବଞ୍ଚି ରହିବା ଲାଗି ସାହସ ଯୋଗାଇଥିଲା ବୋଲି ରହମନ୍ ପ୍ରକାଶ କରିଛନ୍ତି। ଆତ୍ମଜୀବନୀମୂଳକ ପୁସ୍ତକ 'ନୋଟ୍ସ ଅଫ୍ ଏ ଡ୍ରିମ୍'ରେ ରହମନ୍ ତାଙ୍କ ଜୀବନର କଠୋର ସମୟ ବିଷୟରେ ବର୍ଣ୍ଣନା କରିଛନ୍ତି। ରହମନ୍‌ଙ୍କ ଆତ୍ମଜୀବନୀ ରଚନା କରିଛନ୍ତି ଲେଖକ କ୍ରିଷ୍ଟ ତ୍ରିଲୋକ। ଲ୍ୟାଣ୍ଡମାର୍କ ଏବଂ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଶନିବାର ଲଞ୍ଚ୍ ହୋଇଛି।



### ଇତିହାସର ଆଇନାରେ

### ନଭେମ୍ବର ୫ର ପ୍ରମୁଖ ଘଟଣା

୧୮୬୨, ନଭେମ୍ବର ୫ରେ ଆମେରିକାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ୧୮୬୫ ପର୍ଯ୍ୟନ୍ତ ଜାରି ରହିଥିଲା। ଆମେରିକା ଇତିହାସରେ ଏହାକୁ ଦୀର୍ଘ ଦିନର ବିବାଦ ଭାବରେ ବର୍ଣ୍ଣନା କରାଯାଏ। କାରଣ କୃଷ୍ଣକାୟ ଲୋକଙ୍କୁ କ୍ରୀତଦାସ ଭଳି ରଖିବାର ମାନସିକତା ପ୍ରତ୍ୟାହାର ପାଇଁ ଏହି ଗୃହଯୁଦ୍ଧ ସୃଷ୍ଟି ହୋଇଥିଲା।

୧୯୬୭ , ନଭେମ୍ବର ୫ରେ ଲଣ୍ଡନର ହାଇଦର ଗ୍ରୀନ୍‌ଠାରେ ଏକ କମ୍ପ୍ୟୁଟର ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୫୩ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହିତ ଶତାଧିକ ଆହତ ହୋଇଥିଲେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710,ଭଦ୍ରକଅଫିସ-(06784)242101,ନୂଆପଡ଼ାଅଫିସ-(06678)223068,ଝାରସୁଗୁଡ଼ାଅଫିସ-(06645)272799,ଦେବଗଡ-9437121562,କେନ୍ଦ୍ରାପଡ଼ାଅଫିସ-06727233825,ପାରଳାଖେମୁଣ୍ଡି-9437140002.



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଭାରତୀୟ ମଜଦୁର ସଂଘ ପକ୍ଷରୁ ଓପେପା କାର୍ଯ୍ୟାଳୟ ଘେରାଉ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ନର୍ସେସ୍ ଆହ୍ୱାନ କମିଟିର ବିକ୍ଷୋଭ, ଲୋୟର୍ ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ଧାରଣା, ରାଜଭବନ ନିକଟ, ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ଧାରଣା, ଗ୍ରୀଡ୍‌କୋ ସମ୍ମୁଖ, ଓପିଟିସିଏଲ୍ ମୁଖ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।
- ଦ୍ୱିତୀୟ ନ୍ୟାଶନାଲ ମିଡିଆ କନ୍‌କ୍ଲେଭ ୱେବ୍‌ସାଇଟ ଏବଂ ଲୋଗୋ ଉନ୍ମୋଚନ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀଙ୍କ ପ୍ରକୋଷ୍ଠ, ସଚିବାଳୟ, ମଧ୍ୟାହ୍ନ ୧୨ଟା।
- ମୃତ୍ତିକା ହସ୍ତଶିଳ୍ପ(ଟେରାକୋଟା) ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ସ୍ୱଦେଶୀ ମେଳା, ପଟିଆସ୍ଥିତ ଟାଉନ୍ କ୍ଲବ ପଡ଼ିଆ, ସନ୍ଧ୍ୟା ୬ଟା।
- ସେଣ୍ଟ୍ରାଲ ଆୟୁର୍ବେଦ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଫର୍ ହେପାଟୋବିଲିଆରି ଡିଜ୍‌ଅର୍ଡର୍ସ ପକ୍ଷରୁ ଆୟୁର୍ବେଦ ଦିବସ ପାଳନ, ଇନ୍‌ଷ୍ଟିଚ୍ୟୁଟ ପରିସର, କଳିଙ୍ଗ ଷ୍ଟୁଡିଓ ନିକଟ, ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନର ୩୮ତମ ବାର୍ଷିକ ଉତ୍ସବ ପାଳନ ଅବସରରେ 'ଶ୍ରୀଜଗନ୍ନାଥ ସମ୍ମାନ' ପ୍ରଦାନ ଏବଂ ପୁସ୍ତକ ଉନ୍ମୋଚନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଇଣ୍ଟରନ୍ୟାଶନାଲ ରାମାୟଣ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ନୂଆଁଖାଇ ଭିହାର, ଭାରତୀୟ ବିଦ୍ୟାଭବନ, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।

## ୧୬ରେ ଓଡ଼ିଶା ଲିଭିଂ ଲିଜେଣ୍ଡ ଆୱାର୍ଡ

ଭୁବନେଶ୍ୱର,୪।୧୧(ବ୍ୟୁରୋ):ଓଡ଼ିଶା ଡାଏରୀ ପକ୍ଷରୁ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଓଡ଼ିଶା ଲିଭିଂ ଲିଜେଣ୍ଡ ଏବଂ ଯୁବ ପ୍ରେରଣା ପୁରସ୍କାର ବିତରଣ ଉତ୍ସବ ଆସନ୍ତା ୧୬ ତାରିଖରେ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜନ ହେବ। ଚଳିତବର୍ଷ ଆଧୁନିକ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କୁ ସାହିତ୍ୟ, ପ୍ରତିଷ୍ଠିତ ସିନେମା ନିର୍ଦ୍ଦେଶକ ତଥା ସଂଳାପ ଲେଖକ ପଦ୍ମଶ୍ରୀ ଶିଶିର ମିଶ୍ରଙ୍କୁ ସିନେମା, କେନିଆ ସଂସଦର ଏମ୍‌ପି ଡ. ସ୍ୱରୂପ ରଞ୍ଜନ ମିଶ୍ରଙ୍କୁ ଲୋକନୀତି, ସ୍ମାଇଲ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ଶାନ୍ତନୁ ମିଶ୍ରଙ୍କୁ ସମାଜସେବା, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବୁଦ୍ଧଦେବ ମେହେର, ମାଉଣ୍ଟେନ ମ୍ୟାନ୍ ଦୈତାରୀ ନାଏକଙ୍କୁ ସମାଜସେବା, ପ୍ରସିଦ୍ଧ ଗୀତ ରଙ୍ଗବତୀ ପାଇଁ ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କୁ ଓଡ଼ିଶା ଲିଭିଂ ଲିଜେଣ୍ଡ ଆୱାର୍ଡ ୨୦୧୮ ପ୍ରଦାନ କରାଯିବ। ସେହିପରି ଜାପାନର ଓଡ଼ିଶୀ ନୃତ୍ୟଶିଳ୍ପୀ ମସାକୋ ଓନୋଙ୍କୁ କଳା ଓ ସଂସ୍କୃତି, ଅନ୍ତର୍ଜାତୀୟ ଧାବିକା ଦ୍ୟୁତୀ ଚାନ୍ଦ, କିମ୍ବଦନ୍ତୀ ପ୍ରଶିକ୍ଷକ ନାଗପୁରୀ ରମେଶଙ୍କୁ କ୍ରୀଡ଼ା, ଉଦ୍ୟୋଗ ଶିଳ୍ପ କ୍ଷେତ୍ରରେ ହୋଟେଲ ଶିଳ୍ପପତି ଜେ.କେ. ମହାନ୍ତି, କିମ୍ବଦନ୍ତୀ ଗୋଷ୍ଠୀ କାର୍ଯ୍ୟକର୍ତ୍ତା ତଥା କବି ଗୌନ୍ତିଆ ମହମ୍ମଦ ଜମିଉଲ୍ଲାଙ୍କୁ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯିବ। ଅକ୍ଷୟ ପାତ୍ର ଫାଉଣ୍ଡେଶନ ଅଧକ୍ଷ ମଧୁପଣ୍ଡିତ ଦାସଙ୍କୁ ପ୍ରଥମ ଜାତୀୟ ଲିଭିଂ ଲିଜେଣ୍ଡ ପୁରସ୍କାର ପ୍ରଦାନ କରିଯିବ ବୋଲି ଓଡ଼ିଶା ଡାଏରୀ ସମ୍ପାଦକ ତଥା ଓଡ଼ିଶା ଡାଏରୀ ଫାଉଣ୍ଡେଶନ ପ୍ରତିଷ୍ଠାତା ରଶ୍ମିରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି।

■ ଖଣ୍ଡଗିରିରେ ୮ ଘଣ୍ଟାରେ ୪ ଲୁଟ୍

# ଲୁଟ୍ ପରେ ସେଲ୍‌ଫି ନେଉଥିଲେ ଲୁଟେରା

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ରାସ୍ତାରେ ଯିବାବେଳେ ଏକୁଟିଆ ଦେଖି ଆକ୍ରମଣ କରୁଛନ୍ତି। ବନ୍ଧୁକ ଦେଖାଇ ଭୟଭୀତ କରାଉଛନ୍ତି। ପରେ ଟଙ୍କାପଇସା, ମୋବାଇଲ ଏବଂ ଅନ୍ୟାନ୍ୟ ଦାମୀ ଜିନିଷ ଛଡ଼ାଇ ନେଉଛନ୍ତି। ଏଭଳି ଏକ ଲୁଟେରା ଗ୍ୟାଙ୍ଗ ଖଣ୍ଡଗିରି ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ଶନିବାର ରାତି ୨ଟାରୁ ରବିବାର ପୂର୍ବାହ୍ନ ୧୦ଟା ମଧ୍ୟରେ ଏହି ଗ୍ୟାଙ୍ଗ ୪ ଜଣଙ୍କଠାରୁ ଲୁଟ୍ କରିଛନ୍ତି। ତେବେ ସେମାନଙ୍କ ଲୁଟ୍ କରିବାର ତରିକାକୁ ନେଇ ଏବେ ରାଜଧାନୀରେ ଚର୍ଚ୍ଚା ଜୋର ଧରିଛି। କାରଣ ଲୁଟେରାମାନେ ଲୁଟ୍ କରିବା ପରେ ପୀଡ଼ିତଙ୍କ ସହିତ ସେଲ୍‌ଫି ନେବାକୁ ଭୁଲୁ ନ ଥିଲେ। ଆକ୍ରମଣ କରି ଟଙ୍କା ଏବଂ ଜିନିଷପତ୍ର ଛଡ଼ାଇନେବା ପରେ ଲୁଟେରାମାନେ ମୋବାଇଲ୍‌ରେ ସେଲ୍‌ଫି ନେଉଥିଲେ ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଲୁଟର ଶିକାର ହୋଇଥିବା ଅଭିଯୋଗକାରୀମାନେ ହେଲେ ଭଗବତ ବାସୁଦେବ ଓଝା, ସୁଧୀର ବାଉତ, ସୌରଭ ଦାଶ। ଅନ୍ୟ ଜଣଙ୍କର ପରିଚୟ ମିଳିପାରି ନାହିଁ।

ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୨ଟାରେ ସୁଧୀର ଖଣ୍ଡଗିରି ଘାଟିକିଆ ଅଞ୍ଚଳରେ ଯାଉଥିବାବେଳେ ଏକ ବାଇକ୍‌ରେ ଦୁଇ ଜଣ ଲୁଟେରା ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କୁ ଏକ ଖଣ୍ଡାରେ ହାଣି ତାଙ୍କଠାରୁ ୨୫ ହଜାର ଟଙ୍କା ଲୁଟି ନେଇଥିଲେ। ସେହିଭଳି ସୌରଭ ଖଣ୍ଡଗିରି ଥାନା ଅଞ୍ଚଳରେ ଥିବା ଏକ ଏଟିଏମ୍‌ରୁ ରାତି ପ୍ରାୟ ୨ଟା ୧୫ରେ ଟଙ୍କା ଉଠାଇଥିଲେ। ଏହି ସମୟରେ ଦୁଇ ଜଣ ଲୁଟେରା ବାଇକ୍‌ରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ। ସେମାନେ ଯେତିକି ଟଙ୍କା କହିଥିଲେ ସୌରଭ ଏଟିଏମ୍‌ରୁ ଟଙ୍କା ଉଠାଇ ତାଙ୍କୁ ଦେଇଥିଲେ। ପ୍ରାୟ ୧୭ ହଜାର ଟଙ୍କା ସହିତ ତାଙ୍କଠାରୁ ଦାମୀ ଘଣ୍ଟା ଓ ସୁନାଚେନ ଲୁଟି ନେଇଯାଇଥିଲେ। ଅନ୍ୟ ଏକ ଘଟଣାରେ ବାସୁଦେବ ରବିବାର ପୂର୍ବାହ୍ନରେ ଖଣ୍ଡଗିରି ଛକ ଦେଇ ଯିବା ସମୟରେ ବାଇକ୍‌ରେ ୩ଜଣ ଲୁଟେରା ଆସି ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ୮ ହଜାର ଟଙ୍କା, ସୁନାଚେନ ଓ ମୋବାଇଲ୍ ଫୋନ୍ ଲୁଟି ନେଇଥିଲେ। ଲୁଟ୍ ପରେ ଲୁଟେରାମାନେ ପୀଡ଼ିତମାନଙ୍କ ସହିତ ସେଲ୍‌ଫି ନେଇଥିବା ସେମାନେ କହିଛନ୍ତି। ସେହିଭଳି ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ସମାନ ଢଙ୍ଗରେ ଲୁଟ୍‌ର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଲୁଟ୍ ଅଭିଯୋଗକୁ ପୋଲିସ ବିଶେଷ ଗୁରୁତ୍ୱ ଦେଇନାହିଁ।

ଖଣ୍ଡଗିରି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ଏହା ଲୁଟ୍ ନୁହେଁ। ସେମାନେ ସାଙ୍ଗମାନଙ୍କ ସହ ମଦ ପିଉଥିବା ବେଳେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ତାଙ୍କ ସାଙ୍ଗମାନେ ମୋବାଇଲ୍ ନେଇଯାଇଥିଲେ। ସେହିଭଳି ଆହତ ହୋଇଥିବା ବ୍ୟକ୍ତି ବାଇକ୍‌ରୁ ପଡି ଆହତ ହୋଇଥିବା ବେଳେ ଏହାକୁ ଲୁଟ ବୋଲି କୁହାଯାଉଛି।

# କିଟ୍ ନନ୍ହିପରୀ ଆଞ୍ଚଳିକ ଅଡିଶନ ଆରମ୍ଭ



କିଟ୍ ନନ୍ହିପରୀ ଲିଟିଲ୍ ମିସ୍ ଇଣ୍ଡିଆ ପ୍ରତିଯୋଗିତାର ଆଞ୍ଚଳିକ ଅଡିଶନରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

ଭୁବନେଶ୍ୱର, ୪।୧୧(ବ୍ୟୁରୋ)

କିଟ୍ ନନ୍ହିପରୀ ଲିଟିଲ ମିସ୍ ଇଣ୍ଡିଆ-୨୦୧୮ ପ୍ରତିଯୋଗିତାର ଆଞ୍ଚଳିକ ଅଡିଶନ୍ ଆରମ୍ଭ ହୋଇଯାଇଛି। ରବିବାର କିଟ୍ ପରିସରରେ ଅନୁଷ୍ଠିତ ଅଡିଶନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ସାମାଜିକ କର୍ମୀ ସୋମା ମହାନ୍ତି, ନୃତ୍ୟ ନିର୍ଦ୍ଦେଶିକା ମନ୍ଦାକିନୀ ଜେନା, ଅଭିନେତ୍ରୀ ପୁନମ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିବା ବେଳେ କିଟ୍ ନନ୍ହିପରୀ କୋର ଟିମ୍‌ର ସଦସ୍ୟ ଡ. ସୁଚେତା ପ୍ରିୟବାଦିନୀ, ସ୍ମିତା ମହାନ୍ତି ଓ ମଳୟ ମହାପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୨୦୦୧ରେ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝରରୁ ଆରମ୍ଭ ହୋଇଥିବା କିଟ୍ ନନ୍ହିପରୀ ଏବେ ସମଗ୍ର ଦେଶରେ କୁନି ସୁନ୍ଦରୀ ପ୍ରତିଯୋଗିତା ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଏଥିରେ ୧୩ରୁ ୧୬ବର୍ଷ ବୟସର ବାଳିକାମାନେ ଅଂଶଗ୍ରହଣ କରିପାରିବେ। ନନ୍ହିପରୀ ବିଜେତାଙ୍କ ପାଇଁ ୨୧ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ସେଥିରୁ ୩ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ପ୍ରଦାନ କରାଯିବ। ଏହା ଛଡ଼ା କିଟ୍‌ରେ ପାଠ ପଢ଼ିଲେ ଶହେ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୧୮ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ର ବ୍ୟବସ୍ଥା ରହିଛି। ସେହିପରି ପ୍ରଥମ ରନର୍ସଅପ୍ ପାଇଁ ୧୦ଲକ୍ଷ ଟଙ୍କା ଏବଂ ଦ୍ୱିତୀୟ ରନର୍ସଅପ୍ ପାଇଁ ୯ଲକ୍ଷ ୫୦ହଜାର ଟଙ୍କାର ପୁରସ୍କାର ବ୍ୟବସ୍ଥା ରହିଛି। ପ୍ରଥମ ରନର୍ସଅପ୍‌ଙ୍କୁ ନଗଦ ୧ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବା ସହ କିଟ୍‌ରେ ପାଠ ପଢିଲେ ୫୦ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫି' ଛାଡ଼ର ବ୍ୟବସ୍ଥା ରହିଛି। ସେହିପରି ଦ୍ୱିତୀୟ ରନର୍ସ ଅପ୍ ପାଇଁ ୫୦ ହଜାର ଟଙ୍କା ନଗଦ ଅର୍ଥରାଶି ଓ ୫୦ ପ୍ରତିଶତ ଫି' ଛାଡ଼ ଅର୍ଥାତ୍ ସର୍ବାଧିକ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରାଯିବ। ସେହିପରି ପ୍ରତିଯୋଗିତାର ଅନ୍ୟାନ୍ୟ ବର୍ଗ ଯଥା: ମିସ୍ ରାପୁଞ୍ଜେଲ୍, ମିସ୍ ଫଟୋଜେନିକ୍, ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ମିସ୍ ଫେଶନ୍ ଗାର୍ଲ, ମିସ୍ ୱିଜ୍‌କିଡ୍, ମିସ୍ ସିଣ୍ଡ୍ରେଲା, ମିସ୍ ଉର୍ବଶୀ, ମିସ୍ କ୍ୟାଟ୍‌ୱାକ୍, ମିସ୍ ମୋନାଲିସା ଏବଂ ମିସ୍ ଆକ୍‌ଟିଭ୍ ଆଦିରେ ମଧ ଅର୍ଥରାଶି ପୁରସ୍କାର ବ୍ୟବସ୍ଥା ରହିଛି।

## ଡିସେମ୍ବର ୧୦ ସୁଦ୍ଧା ୩ ଫେଜ୍‌ରେ ଗଡିବ ସିଟି ବସ୍

ଭୁବନେଶ୍ୱର,୪।୧୧(ବ୍ୟୁରୋ): ମୋ ବସ୍ ଫେଜ୍-୧ରେ ନଭେମ୍ବର ୬ରୁ ସିଟି ବସ୍ ଗଡିବାକୁ ଥିବାବେଳେ ମୋ ବସ୍ ଫେଜ୍-୨ରେ ଗଡିବାକୁ ଥିବା ସିଟି ବସ୍‌କୁ ନଭେମ୍ବର ୧୫ରେ ଲୋକାର୍ପିତ କରାଯିବ। ସେହିପରି ମୋ ବସ୍ ଫେଜ୍-୩ ଗଡିବାକୁ ଥିବା ବସକୁ ଡିସେମ୍ବର ୧୦ରେ ଯାତ୍ରୀଙ୍କ ନିମନ୍ତେ ଲୋକାର୍ପିତ ହେବ ବୋଲି କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆରୟୁଟି) ପକ୍ଷରୁ ସୂଚନା ମିଳିଛି।

■ ଆଇନଜୀବୀ ଆନ୍ଦୋଳନ ପ୍ରସଙ୍ଗ

## ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ





ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା କଂଗ୍ରେସ ପ୍ରତିନିଧି ଦଳ।

ଭୁବନେଶ୍ୱର,୪।୧୧ (ବ୍ୟୁରୋ)

ରାଜ୍ୟରେ ଆଇନଜୀବୀ ଏବଂ ପୋଲିସ୍ ବିବାଦକୁ ନେଇ ଲାଗି ରହିଥିବା ଆନ୍ଦୋଳନକୁ ୨ମାସ ବିତିଗଲାଣି। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଆଇନମନ୍ତ୍ରୀ ଏ ଦିଗରେ ସମାଧାନର କୌଣସି ରାସ୍ତା ନ କାଢ଼ିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ପ୍ରସଙ୍ଗରେ କଂଗ୍ରେସର ଏକ ପ୍ରତିନିଧି ଦଳ ରବିବାର ପୂର୍ବାହ୍ନରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏହି ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ଏବଂ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶାର ଉଚ୍ଚନ୍ୟାୟାଳୟ ସମେତ ନିମ୍ନ ଅଦାଲତ ଗୁଡ଼ିକରେ କାର୍ଯ୍ୟବନ୍ଦ ଲାଗି ରହିଥିବାରୁ ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଲୋକମାନେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ଦେବାକୁ ନିର୍ଦ୍ଦେଶନାମା ଦେଇଥିଲେ। ହେଲେ ଏଭଳି ଏକ ଅଭାବନୀୟ ଘଟଣାରେ ମୁଖ୍ୟମନ୍ତ୍ରୀ ସମାଧାନ ପାଇଁ କୌଣସି ବ୍ୟବସ୍ଥା ନ କରି ବିଜେଡି ଦଳର ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେଇଥିଲେ ଘଟଣାର ସମାଧାନ ହୋଇପାରିଥାନ୍ତା ବୋଲି କଂଗ୍ରେସ ପ୍ରତିନିଧି ଦଳ ମତ ରଖିଛନ୍ତି।

## ରଣକ୍ଷେତ୍ର ପାଲଟିବ ସୋସିଆଲ ମିଡିଆ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

**ରାଜ୍ୟସ୍ତରୀୟ କନ୍‌କ୍ଲେଭ୍**

ବର୍ତ୍ତମାନ ସୋସିଆଲ ମିଡିଆରେ ଯେଉଁ ବାଦବିବାଦ ଦେଖିବାକୁ ମିଳୁଛି, ତାହାକୁ ଛୋଟମୋଟ ଝଗଡ଼ା କୁହାଯାଇପାରେ। କିନ୍ତୁ ଆଗାମୀ ଦିନରେ ଭିନ୍ନ ରାଜନୈତିକ ବିଚାରଧାରା ଓ ବ୍ୟବସାୟିକ ସ୍ୱାର୍ଥ ପ୍ରବୃତ୍ତିକୁ ନେଇ ଜୋର୍‌ଦାର ସଂଘର୍ଷ ହୋଇପାରେ। ଦିନକୁ ଦିନ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ବଢୁଥିବାରୁ ସୋସିଆଲ ମିଡିଆ ରଣକ୍ଷେତ୍ରରେ ପରିଣତ ହେବାକୁ ଯାଉଛି।' ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ଦ୍ୱାରା ଇଡ୍‌କଲ୍ ଅଡିଟୋରିୟମ୍‌ଠାରେ ଆୟୋଜିତ ହୋଇଥିବା 'ସୋସିଆଲ୍ ମିଡିଆ କନ୍‌କ୍ଲେଭ'ରେ ଯୋଗଦେଇ ରାଇଟ୍ ନାଓ ନ୍ୟୁଜ୍ ଆପ୍ଲିକେଶନର ସିଇଓ ଏବଂ ନୀତି ଆୟୋଗର ସୋସିଆଲ୍ ମିଡିଆ ପରାମର୍ଶଦାତା ଅଜିଙ୍କ୍ୟ କୁଲ୍‌କର୍ଣ୍ଣୀ ଏହା କହିଛନ୍ତି। ଏହି ଅବସରରେ ସେ ଆହୁରି କହିଛନ୍ତି, ଯଦି ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଠିକ୍ ଭୁଲ୍ ତଥ୍ୟ ଭିତରେ ଫରକ୍ ବୁଝି ନ ପାରନ୍ତି ଓ ଠିକ୍ ତଥ୍ୟ କେଉଁଠାରୁ ମିଳିବ ତାହା ଜାଣି ନ ପାରନ୍ତି ତେବେ ବିଭିନ୍ନ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି।

ବିଶ୍ୱ ସମ୍ବାଦ କେନ୍ଦ୍ରର ସମ୍ପାଦକ ସୁମନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାଜ ନିର୍ମାଣରେ ସୋସିଆଲ୍ ମିଡିଆ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ଶରତ ମିଶ୍ର ଯୋଗଦେଇ ନିଜ ମତ ରଖିଥିଲେ। ସେ ମଧ୍ୟ ବହୁଭାଷୀ ଖବର ସଂଗ୍ରହ ଆପ୍ଲିକେଶନ 'ରାଇଟ୍‌ନାଓ'ର ଉନ୍ମୋଚନ କରିଥିଲେ। ସୋସିଆଲ ମିଡିଆରେ ସକ୍ରିୟ ଥିବା ଓ ଏହା ଜରିଆରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ଆଗ୍ରହୀ ଥିବା ଯୁବତୀଯୁବକମାନେ ଯୋଗ ଦେଇଥିଲେ। ସୋସିଆଲ ମିଡିଆରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ପ୍ରସଙ୍ଗକୁ ନେଇ ମତ ରଖୁଥିବା ବୁଦ୍ଧିଜୀବୀ ଅନିଲ ଧୀର ଓ ବିଶ୍ୱରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ରବି ନାରାୟଣ ପଣ୍ଡା, ସାରଦା ପ୍ରସାଦ ଶତପଥୀ, ଦେବଦତ୍ତ ଜେନା, ତପେସ ଦାସ ପ୍ରମୁଖ ପରିଚାଳନା କରିଥିଲେ।







@ ଚୁନା



@ ସିଦ୍ଧାର୍ଥ



@ ବିଶ୍ୱ



@ ଲକ୍ଷ୍ମୀପ୍ରିୟା



@ ରଞ୍ଜନ



@ ରିଙ୍କିପିଙ୍କୁ



@ ନବଜ୍ୟୋତି



@ ପ୍ରସାଦ କୁମାର

# ଡେଉଁ ନ ଥିବା ରୋଗ



ଡା. ଅନନ୍ତ କୁମାର ଆଚାର୍ଯ୍ୟ



ଦିନଥିଲା ଡିଆଁ ରୋଗରେ ଆକ୍ରାନ୍ତ ହୋଇ ଶହଶହ ସଂଖ୍ୟାରେ ଲୋକ ମୃତ୍ୟୁବରଣ କରୁଥିଲେ, ମାତ୍ର ଏବେ ବ୍ୟକ୍ତିଗତ ସ୍ୱାସ୍ଥ୍ୟରକ୍ଷା ତଥା ସରକାରୀ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଦ୍ୱାରା ଏଥିରେ ଯଥେଷ୍ଟ ହ୍ରାସ ଘଟିଛି। କିନ୍ତୁ ଏମିତି କେତେକ ରୋଗ ଅଛି, ଯାହା ଜଣକଠାରୁ ଅନ୍ୟକୁ ଡିଏଁ ନାହିଁ। ତନ୍ମଧ୍ୟରୁ ମଧୁମେହ, ଉଚ୍ଚରକ୍ତଚାପ, ହୃଦ୍‌ରୋଗ, କର୍କଟ, ସ୍ନାୟୁ ଓ ମସ୍ତିଷ୍କସ୍ରାବଜନିତ ରୋଗ, ପୃଥୁଳତା, ଶ୍ୱାସ, ମୋତିଆବିନ୍ଦୁ, ଅର୍ଶ, କିଡ୍‌ନୀ ରୋଗ ଇତ୍ୟାଦି ଅନ୍ୟତମ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁସାରେ ଭାରତରେ ସମୁଦାୟ ମୃତ୍ୟୁର ଶତକଡା ୬୦ଭାଗ ମୃତ୍ୟୁ ଏହି ଅଣସଂକ୍ରାମକ ରୋଗ ଦ୍ୱାରା ହିଁ ହୋଇଥାଏ। ଡେଉଁ ନ ଥିବା ରୋଗ ବା ଅଣସଂକ୍ରାମକ ରୋଗକୁ ମୁଖ୍ୟତଃ ବ୍ୟକ୍ତିଗତ ଜୀବନଶୈଳୀ ସଂପର୍କିତ ରୋଗ କହିଲେ ଅତ୍ୟୁକ୍ତି ହେବନାହିଁ। କମ୍‌ମାତ୍ରାରେ ଶାରୀରିକ ପରିଶ୍ରମ, ମଦ୍ୟପାନ, ତମାଖୁସେବନ, ଅତ୍ୟଧିକ ଚିନ୍ତାଗ୍ରସ୍ତହେବା, ଫାଷ୍ଟଫୁଡ୍ ସେବନ, ଫଳ–ପନିପରିବା କମ୍ ଖାଇବା, ଅତ୍ୟଧିକ ଲୁଣ ଓ ତୈଳଯୁକ୍ତ ଖାଦ୍ୟସେବନ, ରାତିଅନିଦ୍ରା, ଅନିୟମିତ ଖାଦ୍ୟଗ୍ରହଣ ଓ ମେଦବହୁଳତା କାରଣରୁ ହୋଇଥାଏ। ତେଣୁ ପ୍ରତ୍ୟେକଙ୍କର ଏହି ରୋଗଗୁଡିକ ବିଷୟରେ ସଚେତନତା ସୃଷ୍ଟି ହେଲେ ରୋଗୀ ସଂଖ୍ୟା ଓ ରୋଗର ପ୍ରାଦୁର୍ଭାବକୁନିୟନ୍ତ୍ରଣରେ ରଖାଯାଇପାରିବ। ସେଗୁଡିକରୁ କେତେକ ଆଲୋଚନା କରିବାକୁ ଉଚିତ ମନେକରୁଛି।

**ମଧୁମେହ:** ମଧୁମେହ ଦ୍ୱାରା ଆକ୍ରାନ୍ତ ହେଲେ ବାରମ୍ବାର ପରିସ୍ରା ହେବା, ଅଧିକ ଶୋଷଲାଗିବା, ଅଧିକ ଭୋକଲାଗିବା, ହାଲିଆ ଲାଗିବା, ଦେହର ଘା' ଶୀଘ୍ର ନ ଶୁଖିବା ଇତ୍ୟାଦି ଲକ୍ଷଣ ଦେଖାଯାଏ। ଖାଲିପେଟରେ ରକ୍ତରସ (ପ୍ଲାଜ୍‌ମା) ପରୀକ୍ଷାକଲେ ଶତକଡା ୭୦–୧୧୦ମିଲିଗ୍ରାମ୍ ମଧ୍ୟରେ ନ ରହି ତା'ଠାରୁ ଅଧିକ ରହିଲେ ଏବଂ ଖାଦ୍ୟ ଗ୍ରହଣର ଦୁଇଘଣ୍ଟା ପରେ ରକ୍ତ ପରୀକ୍ଷା କଲେ ରକ୍ତଶର୍କରାର ମାତ୍ରା ୧୫୦ମିଲିଗ୍ରାମ୍‌ରୁ ଅଧିକ ରହିଲେ ମଧୁମେହର ଆଶଙ୍କା କରିପାରିବା।

**ଉଚ୍ଚ ରକ୍ତଚାପ:** ଉଚ୍ଚ ରକ୍ତଚାପରେ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଆଖିକୁ ଭଲ ଦେଖା ନ ଯିବା, ଛାତିରେ ଯନ୍ତ୍ରଣା, ହୃଦ୍‌ଗତିରେ ଅନିୟମିତତା, ଶ୍ୱାସକ୍ରିୟାରେ କଷ୍ଟ, ପରିସ୍ରାରେ ରକ୍ତ ପଡିବା, କୌଣସି ଅଙ୍ଗ ଅଚଳ ହେବା ଏବଂ ଆନୁଷଙ୍ଗିକ ଅନ୍ୟାନ୍ୟ ଲକ୍ଷଣ ଦେଖାଯାଇଥାଏ। ସିଷ୍ଟୋଲିକ୍ ଓ ଡାଏଷ୍ଟୋଲିକ୍ ରକ୍ତଚାପ ଯଥାକ୍ରମେ ୧୨୦/୮୦ମି.ମି. ପାରଦରୁ ଅଧିକ ରହିଲେ ବିଶେଷଜ୍ଞଙ୍କ ପରାମର୍ଶ ଆବଶ୍ୟକ ହୁଏ।

**ହୃଦ୍‌ରୋଗ:** ହୃତ୍‌ପିଣ୍ଡ, ଧମନୀ ଓ ଶିରାସମୂହର ଅସ୍ୱାଭାବିକତା ହୃଦ୍‌ରୋଗର ଅନ୍ତର୍ଗତ। ହୃଦରୋଗରେ ଶରୀରର ଜୀବନ ରକ୍ଷାକାରୀ ମୁଖ୍ୟଅଙ୍ଗକୁ ରକ୍ତ ସଂଚାଳନ କାର୍ଯ୍ୟରେ ବାଧା ଉପୁଜିଥାଏ। ପରିଶ୍ରମ କଲେ ଛାତିରେ ଯନ୍ତ୍ରଣା ଏବଂ ବିଶ୍ରାମରେ ଉପଶମ ହେବା ପୁଣି ଏହି ଯନ୍ତ୍ରଣା ବେକ, କାନ୍ଧ ହାତ ଓ ପିଠିକୁ ବ୍ୟାପି ଛାତିରେ ସଙ୍କୋଚନ ଅନୁଭବ ହେଲେ ତାହାକୁ ଆଞ୍ଜାଇନା କୁହାଯାଏ। ସେହିପରି ୩୦ ମିନିଟ୍‌ରୁ ଅଧିକ ଛାତିରେ ଭୀଷଣ ଯନ୍ତ୍ରଣା ଯାହାକି କ୍ରମେ ବାମହାତ ଆଡକୁ ମାଡିଥାଏ ଏବଂ ସାଧାରଣ ପେନ୍‌କିଲର ଦ୍ୱାରା ଉପଶମ ହୁଏ ନାହିଁ। ଏହାସହିତ ଝାଳ ବାହାରିବା, ବାନ୍ତି ଲାଗିବା, ବାନ୍ତି ହେବା ଆଦିକୁ ହୃଦ୍‌ଘାତର କାରଣ ଭାବରେ ନିଆଯାଇଥାଏ।

**କ୍ୟାନ୍‌ସର:** କ୍ୟାନ୍‌ସରର ଲକ୍ଷଣକୁ କେତେକ ବାକ୍ୟରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ସାଧାରଣଭାବେ ବିନା କାରଣରେ ଓଜନ କମିବା, ଥକ୍କାଲାଗିବା, ଜ୍ୱର ଲାଗିରହିବା, ଝାଡାରେ ପରିବର୍ତ୍ତନ, ଅସ୍ୱାଭାବିକ ରକ୍ତସ୍ରାବ, ଶରୀରରେ ଗୁଟୁଳି ଦେଖାଯିବା, ଭାତୁଡି ବା କଳାଜାଇରେ ଆଖିଦୃଶିଆ ପରିବର୍ତ୍ତନ, ଘା' ନ ଶୁଖିବା, ସ୍ୱରରେ ପରିବର୍ତ୍ତନ ହେବା ବା କାଶ ଲାଗି ରହିବା ଇତ୍ୟାଦି ଲକ୍ଷଣ ଲକ୍ଷ୍ୟ କଲେ କ୍ୟାନ୍‌ସର ବୋଲି ସନ୍ଦେହ କରିପାରିବା।

**ଷ୍ଟ୍ରୋକ୍ :** ଷ୍ଟ୍ରୋକ୍‌ର ଆକ୍ଷରିକ ଅର୍ଥ ହେଲା ପ୍ରହାର (ମାଡ)। ଏହି ମାଡ ମସ୍ତିଷ୍କ ଭିତରେ ଥିବା ରକ୍ତବାହୀ ନଳୀରେ ରକ୍ତ ପ୍ରବାହ ବନ୍ଦ କିମ୍ବା ମସ୍ତିଷ୍କରେ ରକ୍ତସ୍ରାବ ଯୋଗୁଁ ହୋଇଥାଏ। ମସ୍ତିଷ୍କରେ ଶରୀରର ସବୁ ଅଙ୍ଗ ପାଇଁ ସ୍ନାୟବିକ ଅଙ୍ଗ ରହିଛି। ମସ୍ତିଷ୍କରେ ରକ୍ତପ୍ରବାହର ଅସ୍ୱାଭାବିକତା ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗ ଅଚଳ ହୋଇ ପାରାଲିସିସ୍ ହୋଇଯାଇଥାଏ। ଷ୍ଟ୍ରୋକ୍ ହେଲେ ମସ୍ତିଷ୍କ ଆଘାତର ସ୍ଥାନ ଓ ପରିମାଣ ଅନୁସାରେ ଅଧା ଅଙ୍ଗ ଅଚଳ ହୋଇପଡ଼େ। ରୋଗୀ କଥା କହିପାରେ ନାହିଁ, ସ୍ପର୍ଶଶକ୍ତି ନ ଥାଏ, ଲେଖାପଢା କରିପାରେ ନାହିଁ। ମନେରଖିବା ଶକ୍ତି ହ୍ରାସ ପାଏ। ସ୍ଥାନ କାଳ ପାତ୍ର ଜାଣିପାରେ ନାହିଁ। ଗୋଟିଏ ଆଖିରେ ଝାପ୍‌ସା ଦେଖାଯିବା ବା ଆଦୌ ଦେଖା ନ ଯିବା ଜଣାଯାଏ। ଜୋର୍‌ରେ ମୁଣ୍ଡବ୍ୟଥା ହେବା ବା ବେହୋସ୍ ହେବା ଦେଖାଯାଏ।

ଅଣ ସଂକ୍ରାମକ ରୋଗଗୁଡିକ ପାଇଁ ଦୁଇଟି ଜିନିଷ ପ୍ରତି ଧ୍ୟାନ ଦେବାକୁ ହୁଏ। ରୋଗକୁ ପ୍ରତିରୋଧ କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଓ ରୋଗକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟୀକରଣ କରି ଚିକିତ୍ସା ବ୍ୟବସ୍ଥା ଗ୍ରହଣକରିବା।

ପ୍ରତିଦିନ ତଟକା ପନିପରିବା, ଋତୁକାଳୀନ ପନିପରିବା ଓ ଫଳ, ଗଜାମୁଗ, ଡାଲି, ଶାଗ ଇତ୍ୟାଦି ଖାଦ୍ୟଭାବେ ଗ୍ରହଣ କରିବା ଉଚିତ୍। ଫାଷ୍ଟଫୁଡ୍, ପ୍ୟାକେଟ୍‌ରେ ମିଳୁଥିବା ଖାଦ୍ୟ, ଅତ୍ୟଧିକ ତେଲଯୁକ୍ତ ଖାଦ୍ୟ, ଅଧିକ ଲୁଣର ବ୍ୟବହାର ବର୍ଜନ କରିବା ଉଚିତ। ପ୍ରତିଦିନ ସୁସ୍ଥ ରହିବା ପାଇଁ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ସୌନ୍ଦର୍ଯ୍ୟବୃଦ୍ଧି, ମାନସିକ ଉଦ୍‌ବେଗ ଓ ଅବସାଦ ଦୂର କରିବା ପାଇଁ ଏବଂ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ଲାଗି ନିୟମିତ ବ୍ୟାୟାମ କରିବା ଉଚିତ। ପ୍ରତିଦିନ ଚାଲିବା, ନିଜ କାମ ନିଜେ କରିବା, ଘରକାମ କରିବା, ସାଇକେଲ ଚଳାଇବା, ପହଁରିବା, ବଗିଚା କାମ କରିବା ଇତ୍ୟାଦି ଶାରୀରିକ କାର୍ଯ୍ୟ ଦ୍ୱାରା, ବ୍ୟାୟାମ କାର୍ଯ୍ୟ ମଧ୍ୟ ସାଧିତ ହୋଇଥାଏ। ମଦ୍ୟପାନ, ବିଡି, ସିଗାରେଟ୍, ଗଞ୍ଜେଇ, ଖଇନି, ଭାଙ୍ଗସେବନ ସର୍ବାଦୌ ବର୍ଜନୀୟ। ୪୦ବର୍ଷ ପରେ ସମସ୍ତେ ନିଜ ନିଜର ରକ୍ତ ଶର୍କରା, ରକ୍ତଚାପ, ରକ୍ତଚର୍ବିର ମାନ ନିର୍ଦ୍ଧାରଣ କରାଇ ଉପଦେଶ ଗ୍ରହଣ କରିବା ଉଚିତ। ପ୍ରତ୍ୟେକ ସରକାରୀ ଚିକିତ୍ସାଳୟରେ ଏଥି ନିମନ୍ତେ ଦେୟମୁକ୍ତ ସମସ୍ତ ଔଷଧ ଓ ସେବା ଉପଲବ୍ଧ। ଆୟୁର୍ବେଦ ଶାସ୍ତ୍ରରେ କୁହାଯାଇଥିବା ଦିନଚର୍ଯ୍ୟା, ଋତୁଚର୍ଯ୍ୟା, ବ୍ୟାୟାମ, ଖାଦ୍ୟଗ୍ରହଣ, ରସାୟନ ସେବନ ଓ ଆଚାର ରସାୟନ ପ୍ରଣୟନ ଓ ଔଷଧ ଦ୍ୱାରା ଅଣସଂକ୍ରାମକ ରୋଗକୁ ଅନେକାଂଶରେ ନିୟନ୍ତ୍ରଣରେ ରଖାଯାଇପାରିବ। ଏଥିନିମନ୍ତେ ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଚିକିତ୍ସକ, ଜନସାଧାରଣ ତଥା ବିଭାଗୀୟ ସମନ୍ୱୟର ଆବଶ୍ୟକତା ରହିଛି।

*– ସରକାରୀ ଆୟୁର୍ବେଦ ଚିକିତ୍ସାଧିକାରୀ*
*ବଳଦମାଳ, ସୁନ୍ଦରଗଡ଼*
*ମୋ : ୯୪୩୭୨୨୧୭୧୬*

**ପ୍ରତିବର୍ଷ ନଭେମ୍ବର ୫କୁ 'ଜାତୀୟ ଆୟୁର୍ବେଦ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଡେଉଁ ନ ଥିବା କେତେକ ପ୍ରମୁଖ ରୋଗ ସମ୍ପର୍କରେ ଆଲୋଚନା...**

# ପାର୍ବଣଜନିତ ପ୍ରଦୂଷଣ



ଡ. ମାନସ ରଞ୍ଜନ ସେନାପତି

ପାର୍ବଣ ଋତୁରେ ପ୍ରଦୂଷଣର ମାତ୍ରାଧିକ ବୃଦ୍ଧି ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଆମ ରାଜ୍ୟରେ ଗଣେଶ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା, କାର୍ତ୍ତିକେଶ୍ୱର ପୂଜା, ଖୁଦୁରୁକୁଣୀ ଓ ସରସ୍ୱତୀ ପୂଜା ପ୍ରାୟତଃ ଛଅମାସ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ସହସ୍ରାଧିକ ମୃଣ୍ମୟ ମୂର୍ତ୍ତି ପୂଜା ପାଇଥାନ୍ତି। ପୂର୍ବରୁ ମୂର୍ତ୍ତିଗୁଡ଼ିକ କେବଳ ମାଟିରେ ତିଆରି ହେଉଥିଲା ଏବଂ ସେଥିରେ ଜୈବିକ ସୂତ୍ରରେ ପ୍ରସ୍ତୁତ ରଙ୍ଗ ବ୍ୟବହାର ହେଉଥିଲା। ବର୍ତ୍ତମାନ ମୂର୍ତ୍ତିଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତିଯୋଗିତା ମନୋଭାବ ଯୋଗୁ ସିମେଣ୍ଟ, ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଏବଂ ଅତ୍ୟଧିକ ମାତ୍ରାରେ ଶସ୍ତା ରାସାୟନିକ ରଙ୍ଗ ବ୍ୟବହୃତ କରାଯାଉଛି। ମୂର୍ତ୍ତି ବିସର୍ଜନ ସମୟରେ ଏହିସବୁ ରାସାୟନିକ ପଦାର୍ଥ ନଦୀଜଳ ମଧ୍ୟରେ ପ୍ରବେଶ କରି ଜଳକୁ ବିଷାକ୍ତ କରିଦେଇଥାଏ। ପରିତାପର ବିଷୟ ହେଉଛି ଯେ ଆମ ନଦୀ ଜଳ ପ୍ରଦୂଷଣ ହେବାର ଏହା ଅନ୍ୟ ଏକ ଉଦାହରଣ। ପ୍ଲାଷ୍ଟର ଅଫ୍ ପ୍ୟାରିସ ବିସର୍ଜନ ସମୟରେ ନଦୀଜଳ ମଧ୍ୟକୁ ଯାଇ କ୍ରମଶଃ ଜମା ହୋଇ ଏକ ଆସ୍ତରଣ ସୃଷ୍ଟି କରିଥାଏ, ଯାହା କି ଜଳଚର ପ୍ରାଣୀ ଓ ଜଳଜ ଉଦ୍ଭିଦ ଉପରେ କୁପ୍ରଭାବ ପକାଇଥାଏ। ଏହା ଦୀର୍ଘଦିନ ପରେ ମଧ୍ୟ ଜଳରେ ଦ୍ରବୀଭୂତ ହୋଇ ନ ଥାଏ। ମୂର୍ତ୍ତିରେ ବ୍ୟବହାର ହୋଇଥିବା ଯାବତୀୟ ରଙ୍ଗରେ ଭାରି ଧାତୁ ତଥା ଆର୍ସେନିକ, ସୀସା, କ୍ରୋମିୟମ ଆଦି ଥାଏ। ବିସର୍ଜନ ଦ୍ୱାରା ଏଗୁଡ଼ିକ ନଦୀଜଳକୁ ଦୂଷିତ କରିଥାଏ। ଏହିସବୁ ଭାରି ଧାତୁ ମନୁଷ୍ୟ ଶରୀରରେ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରିଥାଏ।

ଆମ ରାଜ୍ୟରେ ୧୯୭୦ ମସିହାରେ ଯେତେ ମୂର୍ତ୍ତି ପୂଜା ପାଉଥିଲେ ବର୍ତ୍ତମାନ ତାହାର ସଂଖ୍ୟା ତିନିଗୁଣରୁ ଅଧିକ ହେଲାଣି। ଦେଖାଯାଏ ଯେ କେବଳ ଦୁଇ ପ୍ରମୁଖ ସହର କଟକ ଓ ଭୁବନେଶ୍ୱରରେ ପ୍ରାୟ ୫୦୦ରୁ ଅଧିକ ଦୁର୍ଗା ମୂର୍ତ୍ତି ଦଶହରା ଅବସରରେ ପୂଜା ପାଇଥାନ୍ତି। ଏହି ମୂର୍ତ୍ତି ସବୁ ମୁଖ୍ୟତଃ ଦୁଇଟି ବା ତିନୋଟି ନଦୀରେ ବିସର୍ଜନ ହୋଇଥାନ୍ତି। ଗୋଟିଏ ମୂର୍ତ୍ତି ପ୍ରାୟ ଦେଢ଼ ଟନ୍ ଓଜନ ବିଶିଷ୍ଟ ହୋଇଥାଏ। ତେଣୁ ବିସର୍ଜନ ସମୟରେ କଠିନ ଆବର୍ଜନା ମଧ୍ୟ ଏକ ସମସ୍ୟା ହୋଇଥାଏ। ଏହାଛଡ଼ା ସୁଉଚ୍ଚ ତୋରଣଗୁଡ଼ିକ ମଧ୍ୟ ଆବର୍ଜନାର କାରଣ ହୋଇଥାଏ। ବର୍ତ୍ତମାନ ପ୍ରଶାସନ ପକ୍ଷରୁ କୃତ୍ରିମ ପୁଷ୍କରିଣୀରେ ବିସର୍ଜନର ବ୍ୟବସ୍ଥା କରାଯାଉଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଏହାର ତଦାରଖ କରିବା ଆବଶ୍ୟକ, ତେବେ ନଦୀରେ ମୂର୍ତ୍ତି ବିସର୍ଜନ ସମ୍ପୂର୍ଣ୍ଣ ବାରଣ ହେବା ଉଚିତ। ଗ୍ରାମାଞ୍ଚଳରେ ବିସର୍ଜନ ସେହିପରି ନଦୀନାଳରେ ଚାଲିଛି। ଏହାପ୍ରତି କର୍ତ୍ତୃପକ୍ଷଙ୍କର ଦୃଷ୍ଟି ନାହିଁ। ଗ୍ରାମପଞ୍ଚାୟତ ଏ ଦିଗ ପ୍ରତି ଦୃଷ୍ଟିଦେବା ଉଚିତ। ଦଶହରା ସମୟରେ ରାବଣ ପୋଡ଼ି ଅନ୍ୟ ଏକ କାର୍ଯ୍ୟକ୍ରମ। ଦେଶସାରା ପ୍ରାୟ ହଜାର ହଜାର ରାବଣପୋଡ଼ି କରାଯାଇଥାଏ। ଏହାଦ୍ୱାରା ପ୍ରଚୁର ପରିମାଣରେ ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ପ୍ରବେଶ କରିଥାଏ। ଆମେ ଆନନ୍ଦ ଉଲ୍ଲାସରେ ରାବଣ ପୋଡ଼ିଥାଉ। ଅପରପକ୍ଷେ ପ୍ରଦୂଷଣ ରାକ୍ଷସକୁ ଜନ୍ମ ଦେଇଥାଏ। ପାର୍ବଣ ସମୟରେ ଏହିସବୁ ଦିଗପ୍ରତି ସଚେତନ ନ ହେଲେ ଦେବଦେବୀଙ୍କର ପୂଜା ଆମ ପାଇଁ ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ପାଲଟିଯିବ।



*– ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ*
*ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର,*
*ମୋ: ୯୪୩୭୨୩୭୭୯୭*

**ଆଞ୍ଚଳିକ ଖବର**

**ଅଚ୍ୟୁତାନନ୍ଦଙ୍କ ମୃତ୍ୟୁକୁ ସପ୍ତାହେ ପୂରିଲା**

## ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଲାନି ସହାୟତା

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ଛତିଶଗଡ଼ ନିର୍ବାଚନୀ ପରିସ୍ଥିତିର ଖବର ସଂଗ୍ରହ କରିବାକୁ ଯାଇ ମାଓବାଦୀ ଗୁଳିର ଶିକାର ହୋଇଥିବା ଓଡ଼ିଆ ଫଟୋ ଖବରଦାତା ଅଚ୍ୟୁତାନନ୍ଦ ସାହୁଙ୍କ ମୃତ୍ୟୁକୁ ୬ ଦିନ ବିତିଗଲାଣି। ମୃତ ଅଚ୍ୟୁତାନନ୍ଦ ପରିବାରକୁ ସମବେଦନା ଜଣାଇବାକୁ ରାଜନେତା ଏବଂ ଅନ୍ୟାନ୍ୟ ବର୍ଗର ଲୋକଙ୍କ ସୁଅ ଛୁଟୁଛି। କେନ୍ଦ୍ର ସରକାର ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ପରେ ତାଙ୍କୁ ଛତିଶଗଡ ସରକାର ଶହୀଦ ଘୋଷଣା କରିଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ମାତ୍ର, ଆଶ୍ଚର୍ଯ୍ୟର କଥା ରାଜ୍ୟ ସରକାରଙ୍କ ତରଫରୁ ଏପର୍ଯ୍ୟନ୍ତ କୌଣସି ସହାୟତା ରାଶିର ଘୋଷଣା ହୋଇନାହିଁ।

ସାମାନ୍ୟ ଦୁର୍ଘଟଣାରେ ମୃତାହତ ହେଉଥିବା ବ୍ୟକ୍ତିବିଶେଷଙ୍କୁ ସରକାର ତୁରନ୍ତ ସହାୟତା ରାଶି ପ୍ରଦାନ କରୁଥିବାର ନଜିର ରହିଛି। ହେଲେ ଜଣେ କାର୍ଯ୍ୟରତ ଫଟୋ ଖବରଦାତାଙ୍କୁ ଗୁଳିକରି ହତ୍ୟା କରାଯିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପକ୍ଷରୁ ସହାୟତା ରାଶି ଘୋଷଣା କରା ନ ଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଘଟଣାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ମଧ୍ୟ ବିଭିନ୍ନ ମହଲରୁ ପ୍ରଶ୍ନ ଉଠାଯାଇଛି। ଅପରପକ୍ଷରେ ନିଜର ଯୁବ ଏବଂ ରୋଜଗାରିଆ ପୁଅକୁ ହରାଇଥିବା ଅଚ୍ୟୁତାନନ୍ଦଙ୍କ ବୁଢା ମା' ବାପା ଓ ସ୍ତ୍ରୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ମୃତ୍ୟୁର କିଛିଦିନ ପୂର୍ବରୁ ଅଚ୍ୟୁତାନନ୍ଦ ନିଜ ହୃଦରୋଗ ଏବଂ କିଡନୀ ବ୍ୟାଧିରେ ପୀଡିତା ମା'ଙ୍କୁ ଦିଲ୍ଲୀ ନେଇ ଚିକିତ୍ସା କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅକାଳରେ ପୁତ୍ର ବିୟୋଗ ସେଥିରେ ଅନ୍ତରାୟ ସାଜିଲା। ରାଜ୍ୟ ପ୍ରଶାସନ ପକ୍ଷରୁ ସହାୟତା ସମ୍ପର୍କରେ ପଚାରିବାରୁ ତାଙ୍କ ମା ତୁଳସୀ ସାହୁ କହିଛନ୍ତି ଯେ, ଓଡ଼ିଶା ସରକାର ଏଯାବତ୍ କୌଣସି ସହାୟତାର ହାତ ବଢାଇ ନାହାନ୍ତି। ପୁଅର ମୃତ୍ୟୁ ପରେ ଆମେ ସର୍ବସ୍ୱାନ୍ତ ହୋଇଯାଇଛୁ। ପୁଅ ଦେଶ କାମରେ ନିଯୁକ୍ତି ହୋଇଥିବା ସତ୍ତ୍ୱେ ରାଜ୍ୟ ସରକାର ସହାୟତା କରି ନ ଥିବା ତୁଳସୀ କହିଛନ୍ତି। ସେହିପରି ସ୍ଥାନୀୟ ବିଜେଡି ଏମ୍‌ପି କଳିକେଶ ନାରାୟଣ ସିଂଦେଓ ମୃତ ଅଚ୍ୟୁତାନନ୍ଦଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ରାଜ୍ୟ ସରକାରଙ୍କ ତରଫରୁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଭେଷଜ ମହାବିଦ୍ୟାଳୟ, ସଂଯୁକ୍ତ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ବିଳମ୍ବ

### ଅସନ୍ତୋଷ ଜଣାଇଲା କେନ୍ଦୁଝର ବିକାଶ ପରିଷଦ

ଭୁବନେଶ୍ୱର,୪।୧୧(ବ୍ୟୁରୋ)

କେନ୍ଦୁଝର ଜିଲାର ପ୍ରସ୍ତାବିତ ଭେଷଜ ମହାବିଦ୍ୟାଳୟ ଓ ସଂଯୁକ୍ତ ହସ୍‌ପିଟାଲର ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ଏନେଇ ଭୁବନେଶ୍ୱରସ୍ଥିତ କେନ୍ଦୁଝର ବିକାଶ ପରିଷଦ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଏଥିପାଇଁ ଜିଲାର ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଉଦାସୀନତାକୁ ପରିଷଦ ପକ୍ଷରୁ ଦାୟୀ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲାରେ ନିର୍ମାଣ କରାଯାଇଥିବା ଭେଷଜ ମହାବିଦ୍ୟାଳୟ ପାଇଁ ସରକାର ଅର୍ଥ ଯୋଗାଇ ଦେଇଥିବାବେଳେ କେନ୍ଦୁଝର ଜିଲାର ପ୍ରସ୍ତାବିତ ଭେଷଜ ମହାବିଦ୍ୟାଳୟ ଓ ତା'ର ସଂଯୁକ୍ତ ହସ୍‌ପିଟାଲ ଲାଗି ସରକାର ଟଙ୍କାଟିଏ ମଧ୍ୟ ଦେଉ ନାହାନ୍ତି। ଉପରୋକ୍ତ ନିର୍ମାଣ ଲାଗି ଆବଶ୍ୟକ ସମସ୍ତ ଖର୍ଚ୍ଚ ଜିଲା ଖଣିଜ ପାଣ୍ଠିରୁ ଯୋଗାଇ ଦିଆଯାଉଛି। ସରକାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ ନକରି ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲାର ବିଧାୟକ, ଏମ୍‌ପି, ମନ୍ତ୍ରୀଙ୍କ ଉଦାସୀନତା ନିର୍ମାଣ କାର୍ଯ୍ୟ ବିଳମ୍ବର ମୂଳ କାରଣ ବୋଲି ପରିଷଦ ପକ୍ଷରୁ ଦୋଷାରୋପ କରାଯାଇଛି। ଉଭୟ ହସ୍‌ପିଟାଲ ଓ ମହାବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବାକୁ ପରିଷଦ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଶିକ୍ଷା ବର୍ଷରେ ଯେମିତି କଲେଜରେ ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ ସେନେଇ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପରିଷଦ ଦାବି କରିଛି।

ପ୍ରସ୍ତାବିତ ମହାବିଦ୍ୟାଳୟକୁ କେନ୍ଦୁଝର ରାଜ୍ୟର ପ୍ରତିଷ୍ଠାତା ରାଜା ଜ୍ୟୋତି ଭଞ୍ଜଦେଓ ନାମରେ ନାମିତ କରିବାକୁ ପରିଷଦ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ସହିତ ଦୀର୍ଘଦିନରୁ ପଡ଼ି ରହିଥିବା ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଆଦିବାସୀ ସଂଗ୍ରହାଳୟ, ପ୍ରେକ୍ଷାଳୟ ଓ ପ୍ଲାନେଟୋରିୟମର ନିର୍ମାଣ ତୁରନ୍ତ କରିବାକୁ ଦାବି କରାଯାଇଛି।

ଜମି ହରାଙ୍କ ଥଇଥାନ ପ୍ରସଙ୍ଗ

## କୋଇଲା ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୪।୧୧(ବ୍ୟୁରୋ)

ମହାନଦୀ କୋଲଫିଲ୍ଡ ଲିଃ(ଏମ୍‌ସିଏଲ୍) ଦ୍ୱାରା ଅନୁଗୋଳ ଏବଂ ଝାରସୁଗୁଡ଼ାରେ ୧୦,୭୦୦ ହେକ୍ଟର ଜମିକୁ ଏପର୍ଯ୍ୟନ୍ତ ବ୍ୟବହାର କରାଯାଇଛି। ଆହୁରି ୩୪୦୦ ହେକ୍ଟରକୁ ଆଗାମୀ ୫ ବର୍ଷରେ ବ୍ୟବହାର କରାଯିବାର ଲକ୍ଷ୍ୟ ରଖାଯାଇଛି। ବଳକା ଥିବା ୯୨୫୦ ହେକ୍ଟର ମଧ୍ୟରୁ ଆଗାମୀ ୧୦ ବର୍ଷ ମଧ୍ୟରେ ୩୬୦୦ହେକ୍ଟର ବିନିଯୋଗ ପାଇଁ କୌଣସି ଯୋଜନା ନାହିଁ। ଖଣି ପାଇଁ ଏମ୍‌ସିଏଲ୍ ବ୍ୟବହାର କରିଥିବା ଜମିମାଲିକଙ୍କୁ କେବଳ ପୁନଃବିନ୍ୟାସ ଓ ଥଇଥାନ କରାଯାଇଛି। ଅପରପକ୍ଷରେ ବ୍ୟବହୃତ ହୋଇ ନ ଥିବା ଜମିମାଲିକ ଥଇଥାନ କି ପୁନଃବିନ୍ୟାସ କରାଯାଇନାହିଁ। ତେଣୁ ଆଗାମୀ ୫ ବର୍ଷ ମଧ୍ୟରେ ଖଣି କାର୍ଯ୍ୟ ହେବାକୁ ନ ଥିବା ଉକ୍ତ ଜମିଗୁଡ଼ିକ ବିଜ୍ଞପ୍ତିକୁ ବାତିଲ କରାଯାଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଶନିବାର ପତ୍ର ଲେଖିଛନ୍ତି। ସେହିପରି ଯେପର୍ଯ୍ୟନ୍ତ ଜମି ହରାଉଥିବା ଲୋକଙ୍କ ସମ୍ପୂର୍ଣ୍ଣ ରୂପେ ଥଇଥାନ ଏବଂ ପୁନଃବିନ୍ୟାସ ହୋଇ ନାହିଁ, ସେ ପର୍ଯ୍ୟନ୍ତ ତାଙ୍କର ସମସ୍ତ ଦାୟିତ୍ୱ କୋଇଲା କମ୍ପାନୀ ବହନ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଜମି ହରାଉଥିବା ବ୍ୟକ୍ତିବିଶେଷଙ୍କୁ ସ୍ଥାନାନ୍ତର ସମୟରେ ସମସ୍ତ ପ୍ରାପ୍ୟ ପ୍ରଦାନ ସପକ୍ଷରେ ମୁଖ୍ୟମନ୍ତ୍ରୀ ମତ ରଖିଛନ୍ତି।

■ ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କୁ ହତ୍ୟା ଘଟଣା

## ଅଭିଯୁକ୍ତ ସ୍ୱାମୀ ଗିରଫ

ନାକଟିଦେଉଳ, ୪।୧୧(ଡି.ଏନ.ଏ.)



ଅଭିଯୁକ୍ତ ଚଗଲା ସେଠୀ

- ■ ହାତପାପୁଲି କାଟି ବଳି ଦେଇଥିଲେ
- ■ ଚିତ୍କାର କରିବାରୁ ସ୍ତ୍ରୀଙ୍କ ତଣ୍ଟି ଚିପି ଦେଇଥିଲେ
- ■ ପ୍ରମାଣ ନଷ୍ଟ ପାଇଁ ଜଙ୍ଗଲରେ ପକାଇ ଦେଇଥିଲେ

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ବାଟଗାଁ ଗ୍ରାମ ପଞ୍ଚାୟତ ହିତସରା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କ ହାତପାପୁଲି କାଟି ବଳି ଦେବା ଓ ପରେ ତାଙ୍କୁ ହତ୍ୟା କରିଥିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ଗତ ୨୯ତାରିଖରେ ଘଟିଥିଲେ ମଧ୍ୟ ଶନିବାର ଲୋକଲୋଚନକୁ ଆସିଛି। ରବିବାର ପୋଲିସ ମହିଳାଙ୍କ ଗଳିତ ମୃତଦେହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ପୋଲିସ ରବିବାର ସକାଳେ ଅଭିଯୁକ୍ତଙ୍କୁ ଜଙ୍ଗଲକୁ ନେଇ ବଳି ପକାଇଥିବାସ୍ଥଳ ଦେଖିବା ସହ ମହିଳାଙ୍କ କଟାଯାଇଥିବା ହାତପାପୁଲି ଖୋଜାଖୋଜି କରିଥିଲା। ହେଲେ ହାତପାପୁଲି ମିଳି ନ ଥିଲା। ପୋଲିସ ଅଭିଯୁକ୍ତ ସ୍ୱାମୀ ଚଗଲା ସେଠୀ(୪୪)ଙ୍କୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ଦିନତମାମ ତାଙ୍କୁ ପଚରାଉଚରା କରିଥିଲା। ତନ୍ତ୍ର ସାଧନା ପାଇଁ ସ୍ତ୍ରୀ ସୁଲୋଚନାଙ୍କୁ ବଳି ଦେଇଥିବା ଅଭିଯୁକ୍ତ ସ୍ୱୀକାର କରିଥିବା ଆଇଆଇସି ବିନୋଦ ଲାକ୍ରା କହିଛନ୍ତି।

ଚଗଲା ଗ୍ରାମବାସୀଙ୍କର ଗୋରୁ ଚରାଉଥିଲେ। ମଝିରେ ମଝିରେ ସେ ତନ୍ତ୍ର ସାଧନା କରି ଆସୁଥିଲେ। ତେବେ ତାଙ୍କୁ ପୁତ୍ର କିମ୍ବା କନ୍ୟା ସନ୍ତାନର ରକ୍ତ ବଳି ଦେବାକୁ କୁଆଡ଼େ ସ୍ୱପ୍ନାଦେଶ ହୋଇଥିଲା। ଏହାପରେ ଚଗଲା ସ୍ତ୍ରୀଙ୍କୁ ଏ ବାବଦରେ କହିବାରୁ ସ୍ତ୍ରୀ ସୁଲୋଚନା (୪୦) ମୋର ରକ୍ତ ନେଇଯାଅ ପଛେ ପିଲାଙ୍କର କିଛି କ୍ଷତି କରନାହିଁ ବୋଲି କହିଥିଲେ। ଏହା ପରେ ଗତ ୨୯ତାରିଖରେ ଉଭୟ ସ୍ତ୍ରୀସ୍ୱାମୀ ନିକଟସ୍ଥ ରତାଖଣ୍ଡି ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲେ। ଚଗଲା ଜଙ୍ଗଲରେ ପୂଜାପାଠ ମଧ୍ୟ କରିଥିଲେ। ସ୍ତ୍ରୀଙ୍କ ବାମହାତର ପାପୁଲିକୁ ଟାଙ୍ଗିଆରେ କାଟି ଆରାଧ୍ୟ ଦେବୀ କାଳୀଙ୍କ ନିକଟରେ ବଳି ଦେଇଥିଲେ। ହାତ କଟିଯିବା ପରେ ସୁଲୋଚନା ଚିତ୍କାର କରିବାରୁ ଚଗଲା ତାଙ୍କ ତଣ୍ଟି ଚିପି ହତ୍ୟା କରି ଜଙ୍ଗଲରେ ଫୋପାଡି ଦେଇଥିଲେ। ଏହା ପରେ ଚଗଲା ଗ୍ରାମକୁ ଆସି ସ୍ତ୍ରୀ ନିଖୋଜ ଥିବା ନେଇ ଖବର ପ୍ରଚାର କରିଥିଲେ। ତେବେ ହତ୍ୟାକାଣ୍ଡର ପରଦିନ ଅର୍ଥାତ ୩୦ତାରିଖରେ ମୃତାଙ୍କ ଭାଇ ଭଉଣୀ ନିଖୋଜ ଥିବା ନେଇ ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଶୁକ୍ରବାର ଅର୍ଥାତ୍ ୨ ତାରିଖ ସନ୍ଧ୍ୟାରେ ଗ୍ରାମର କେତେକ ବ୍ୟକ୍ତି ରତାଖଣ୍ଡି ଜଙ୍ଗଲରେ ସୁଲୋଚନାଙ୍କ ଗଳିତ ମୃତଦେହ ପଡିଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ।

## ବୁଧବାରଠାରୁ ପୁଣି ଆରମ୍ଭ ହେବ ଉଡାନ୍ ସେବା

ଝାରସୁଗୁଡ଼ା ଅଫିସ,୪।୧୧

ଏକ ମାସ ବନ୍ଦ ରହିବା ପରେ ନଭେମ୍ବର ୭ ତାରିଖ ବୁଧବାରଠାରୁ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନବନ୍ଦରରୁ ପୁଣିଥରେ ଆରମ୍ଭ ହେବ ଉଡାନ୍ ସେବା। ଏନେଇ ବିମାନବନ୍ଦରର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବୁଧବାରଠାରୁ ବିମାନ ସେବା ଆରମ୍ଭ କରିବାକୁ ଏୟାର ଓଡ଼ିଶା ଲିଖିତ ଭାବେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିମାନବନ୍ଦର ଉଦ୍‌ଘାଟନ କରିଥିଲେ। ଏହାପରେ ଆରମ୍ଭ ହୋଇଥିବା ଉଡାନ୍ ସେବା ଅକ୍ଟୋବର ୬ ତାରିଖରୁ ବନ୍ଦ ହୋଇଯାଇଛି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ବିମାନ ସେବା ବନ୍ଦ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏୟାର ଓଡ଼ିଶାକୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲା। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ ଚିଠି ଲେଖିଥିଲେ। ଶେଷରେ ନଭେମ୍ବର ୭ରୁ ଉଡାନ୍ ଆରମ୍ଭ ହେବା ନେଇ ବିମାନବନ୍ଦରକୁ ସୂଚନା ପ୍ରଦାନ କରାଯାଇଛି।

## ବିବାହ କରିପାରିଲେ ନାହିଁ, ବେକରେ ରଶି ଲଗାଇ ଝୁଲିପଡ଼ିଲେ ପ୍ରେମୀଯୁଗଳ

ନୂଆପଡ଼ା ଅଫିସ, ୪।୧୧

ପରସ୍ପର ବୈଦିକ ରୀତିରେ ବିବାହ କରିବାକୁ ଚାହୁଁଥିଲେ। ହେଲେ ଉଭୟଙ୍କ ପରିବାର ଏଥିରେ କୁଆଡେ ରାଜି ନ ଥିଲେ। ବିବାହ କରି ନ ପାରିବା ଦୁଃଖରେ ଶେଷରେ ବେକରେ ରଶି ଲଗାଇ ଝୁଲିପଡ଼ିଲେ ପ୍ରେମୀଯୁଗଳ। ରବିବାର ନୂଆପଡା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ ପାୱାରତଲା ଗାଁରେ ଏହି ଦୁଃଖଦ ଘଟଣା ଘଟିଛି। ପାୱାରତଲା ଗାଁର ଶିବ ମାଝି (୨୪)ନାମକ ଜନୈକ ଯୁବକଙ୍କର ସେହି ଗାଁର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୁହେଁ ବିବାହ କରିବାକୁ ଚାହୁଁଥିଲେ। ହେଲେ ଦୁଇ ପରିବାର କୌଣସି କାରଣରୁ ଏଥିରେ କୁଆଡେ ରାଜି ନ ଥିଲେ। ଶନିବାର ରାତିରେ ଦୁହେଁ ଘରେ ନ ଥିବା ଦେଖି ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଦେଇଥିଲେ। ରବିବାର ସକାଳେ ଗାଁ ନିକଟସ୍ଥ ଚାଷ ଜମିରେ ଥିବା ଏକ ଗଛରେ ଉଭୟଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଧରମବନ୍ଧା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଦ୍ୱୟ ଜବତ କରିଥିଲା। ଅପରାହ୍ନରେ ଜିଲା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଧରମବନ୍ଧା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୭/୧୮) ରୁଜୁ ହୋଇଛି।

## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୫୪ହଜାର କୋଟି ସହାୟତା ଦେବ କେନ୍ଦ୍ର

**ନୂଆଦିଲ୍ଲୀ,୪-୧୧:** ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୂକ୍ଷ୍ମ,ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ପାଇଁ ଏକ ପୋର୍ଟାଲ ଲଞ୍ଚ କରିଛନ୍ତି। ଏହି ଉଦ୍ୟୋଗ ଚାହିଁଲେ ଉକ୍ତ ପୋର୍ଟାଲ ଜରିଆରେ ମାତ୍ର ୫୯ମିନିଟ୍‌ରେ ୧ କୋଟି ଟଙ୍କାର ଋଣ ପାଇବେ। ତେବେ ଅନାଦାୟ ଋଣ ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିବାରୁ କେନ୍ଦ୍ର ସରକାର ସେମାନଙ୍କୁ ଆର୍ଥିକ ସହାୟତା ଦେବାକୁ ସ୍ଥିର କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ସହାୟତା ସ୍ୱରୂପ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ କେନ୍ଦ୍ର ୫୪ ହଜାର କୋଟି ଟଙ୍କାର ସହାୟତା ଦେବ। ତେବେ ଚଳିତ ସପ୍ତାହ ଶେଷ ସୁଦ୍ଧା ବ୍ୟାଙ୍କଗୁଡିକର ଆର୍ଥିକ ଫଳାଫଳ ପ୍ରକାଶ ପରେ ସରକାର କାହାକୁ କେତେ ସହାୟତା ଦିଆଯିବ ସେ ନେଇ ସ୍ଥିର କରିବେ। ଚଳିତ ମାସ ଶେଷ ଅଥବା ଡିସେମ୍ବର ପ୍ରଥମ ସପ୍ତାହ ଶେଷ ସୁଦ୍ଧା ବ୍ୟାଙ୍କଗୁଡିକୁ ଏହି ସହାୟତା ପ୍ରଦାନ କରାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ସୁଧ ଦେୟ ଭରଣା ପାଇଁ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ୧୧,୩୩୬କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ।

### ୧୪ ଲକ୍ଷ ଋଣ ନେଇପାରିବେ ପେନ୍‌ସନଧାରୀ

**ନୂଆଦିଲ୍ଲୀ,୪-୧୧:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପେନ୍‌ସନଧାରୀଙ୍କ ପାଇଁ ଦୀପାବଳି ଉପହାର ନେଇ ଆସିଛି। ଚଳିତ ମାସ ୩୦ ତାରିଖ ଯାଏ ପେନ୍‌ସନଧାରୀମାନେ ଏସ୍‌ବିଆଇରୁ ୧୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ଏଥିପାଇଁ ଏସ୍‌ବିଆଇ କୌଣସି ପ୍ରୋସେସିଂ ଫି ନେବ ନାହିଁ। ଏହା ବ୍ୟାଙ୍କର ଏକ ପର୍ସନାଲ ଋଣ ବ୍ୟବସ୍ଥା, ଯାହାକି ଜଣେ ପେନ୍‌ସନଧାରୀଙ୍କୁ ମିଳିଥାଏ। ଘରୋଇ ସଂସ୍ଥାରୁ ପେନ୍‌ସନ ପାଉଥିବା କର୍ମଚାରୀଙ୍କୁ ଏହି ସୁବିଧା ମିଳିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ପେନ୍‌ସନ ପାଉଥିବା କର୍ମଚାରୀ କିମ୍ବା ତାଙ୍କ ମନୋନୀତ ପରିବାରବର୍ଗ ଏହି ସୁବିଧା ପାଇବେ।

### ସାମିଲ ହେଲେ ୭୫ ଲକ୍ଷ ନୂଆ ଟିକସଦାତା

**ନୂଆଦିଲ୍ଲୀ,୪-୧୧:** ଚଳିତ ବର୍ଷ ୭୫ ଲକ୍ଷ ନୂଆ ଟିକସଦାତାଙ୍କୁ ସାମିଲ କରାଯାଇପାରିଛି। ଗତ ଆର୍ଥିକ ବର୍ଷ ୨୦୧୭-୧୮ରେ ଆୟକର ବିଭାଗ ପକ୍ଷରୁ ୧.୬ କୋଟି ନୂଆ ଟିକସଦାତାଙ୍କୁ ସାମିଲ କରାଯାଇଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ୍ ୧.୨୫ କୋଟି ନୂଆ ଟିକସଦାତାଙ୍କୁ ସାମିଲ କରିବାକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

### ଉର୍ଜିତଙ୍କୁ ସିଆଇସିଙ୍କ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ,୪-୧୧:** ଜାଣିଶୁଣି ଋଣଖିଲାପୀଙ୍କ ତାଲିକା ପ୍ରକାଶ ନ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅମାନ୍ୟ କରିବା ଅଭିଯୋଗରେ ସେଣ୍ଟ୍ରାଲ ଇନଫରମେଶନ କମିଶନ(ସିଆଇସି) ରିଜର୍ଭ ବ୍ୟାଙ୍କ ଗଭର୍ନର ଉର୍ଜିତ ପଟେଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଅନାଦାୟ ଋଣ ସମ୍ପର୍କରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଦେଇଥିବା ତାଲିକାକୁ ପ୍ରକାଶ କରିବା ଲାଗି ସିଆଇସି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ୫୦ କୋଟି ଟଙ୍କାରୁ ଅଧିକ ଋଣ ନେଇଥିବା ଜାଣିଶୁଣି ଋଣଖିଲାପୀଙ୍କ ତାଲିକା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଉର୍ଜିତ ପଟେଲ ଏହାକୁ ଅଣଦେଖା ଏବଂ ନିର୍ଦ୍ଦେଶ ଅମାନ୍ୟ କରିବାରୁ ସିଆଇସି ପକ୍ଷରୁ ଉର୍ଜିତଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

### ଲାଗୁ ହେଲା ଇରାନ ବିରୋଧରେ କଟକଣା

**ନୂଆଦିଲ୍ଲୀ,୪-୧୧:** ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ କରିଛି। ଏହାର ପ୍ରଭାବ କ'ଣ ରହିବ ତାହା ଆସନ୍ତା ସପ୍ତାହରେ ଜଣାପଡ଼ିବ। ସେ ନେଇ ଅଶୋଧିତ ତୈଳ ବଜାର ତଟସ୍ଥ ରହିଛି। ଇରାନ ବ୍ୟତୀତ ଏବେ ସୌଦି ଆରବ ଉପରେ ସମସ୍ତଙ୍କ ନଜର ରହିଛି। ତେବେ ଆମେରିକାର କଟକଣାକୁ ଭ୍ରୂକ୍ଷେପ ନ କରି ଇରାନ ଲୁଚାଚୋରାରେ ଅନ୍ୟ ଦେଶକୁ ତେଲ ବିକ୍ରି କରୁଛି କି ନା ତାହାକୁ ନେଇ ସମସ୍ତେ ସତର୍କ ବୋଲି ତୈଳ ବିଶେଷଜ୍ଞ ରିଙ୍କୋ ଫାବିୟାନୀ ପ୍ରକାଶ କରିଛନ୍ତି। ତେଲରୁ ଇରାନ ଆୟ ରୋକିବାକୁ ଆମେରିକା ଅନ୍ୟ ପଦକ୍ଷେପ ନେଇପାରେ। ଏଣୁ ଆସନ୍ତା ସପ୍ତାହ ଅଶୋଧିତ ତୈଳ ବଜାର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି।

---

ଦୃଢ଼ ସୁରକ୍ଷା ବ୍ୟବସ୍ଥା ସହ ଭାରତର ଡିଜିଟାଲ ଯାତ୍ରା ଆହୁରି ତ୍ୱରାନ୍ୱିତ ହେବ।
– ଅଜୟ ଭୂଷଣ ପାଣ୍ଡେ, ୟୁଆଇଡିଏଆଇ ସିଇଓ



ଆଗାମୀ ୨ ବର୍ଷରେ ଲିଜ୍ ଅବଧି ଶେଷ ହେଉଥିବା ଖଣିଗୁଡ଼ିକରୁ ଉତ୍ତୋଳନ କାର୍ଯ୍ୟ ସାରିବାକୁ ରାଜ୍ୟଗୁଡିକୁ କୁହାଯାଇଛି।
– ଅନିଲ ମୋକିମ୍, ଖଣି ସଚିବ



# ଗୋଟିଏ କ୍ଲିକ୍‌ରେ ଜାଣିହେବ ଋଣ ତଥ୍ୟ

**ନୂଆଦିଲ୍ଲୀ,୪-୧୧**

ନିଜ ବିଷୟରେ ତଥ୍ୟ ଲୁଚାଇ ବ୍ୟାଙ୍କରୁ ଋଣ ନେବାର ଯୁଗ ଶେଷ ହେବାକୁ ଯାଉଛି। ମାତ୍ର ଗୋଟିଏ କ୍ଲିକ୍‌ରେ ଜଣେ ଋଣଗ୍ରହୀତାଙ୍କ ସମ୍ପର୍କରେ ବ୍ୟାଙ୍କଗୁଡିକ ଏଣିକି ଜାଣିପାରିବ। ଫଳରେ ସେମାନଙ୍କୁ ଆଉ ଠକାମିର ଶିକାର ହେବାକୁ ପଡିବ ନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଖୁବଶୀଘ୍ର ଦେଶର ସମସ୍ତ ଋଣଗ୍ରହିତା(ବ୍ୟକ୍ତିଗତ ଏବଂ କମ୍ପାନୀ)ଙ୍କ ତଥ୍ୟକୁ ଗୋଟିଏ ପ୍ଲାଟଫର୍ମରେ ରଖିବାର ବନ୍ଦୋବସ୍ତ କରୁଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଡିଜିଟାଲ ସାର୍ବଜନୀନ ଋଣ ତଥ୍ୟ ପାଞ୍ଜି ବା ପବ୍ଲିକ୍ କ୍ରେଡିଟ୍ ରେଜିଷ୍ଟ୍ରି (ପିସିଆର୍) ତିଆରି କରିବାକୁ ଯାଉଛି। ଜାଣିଶୁଣି ଋଣ ପରିଶୋଧ କରୁ ନ ଥିବା ଖିଲାପୀ (ୱିଲ୍‌ଫୁଲ୍ ଡିଫଲ୍ଟର) ଏବଂ ଋଣ ପରିଶୋଧଜନିତ ଅନିୟମିତତା କାରଣରୁ ବିଭିନ୍ନ ଅଦାଲତରେ ଚାଲିଥିବା ମାମଲାଗୁଡିକୁ ମଧ୍ୟ ଏଥିରେ ସାମିଲ କରାଯିବ। ଏହାଦ୍ୱାରା ଆର୍ଥିକ ବଜାରରେ ଋଣ ଜାଲିଆତିକୁ ରୋକିବା ରିଜର୍ଭ ବ୍ୟାଙ୍କର ଉଦ୍ଦେଶ୍ୟ।

ଷ୍ଟକ୍ ବଜାର ନିୟନ୍ତ୍ରକ ସେବୀ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ, ସାମଗ୍ରୀ ଓ ସେବା ଟିକସ ନେଟ୍‌ୱର୍କ(ଜିଏସ୍‌ଟିଏନ୍) ତଥା ଦେବାଳିଆ ଏବଂ ଋଣ ସମାଧାନ ବୋର୍ଡ(ଆଇବିବିଆଇ) ଭଳି ସଂସ୍ଥାରୁ ପ୍ରାପ୍ତ ସୂଚନାକୁ ପିସିଆର୍‌ରେ ସାମିଲ କରାଯିବ। ଏହାଦ୍ୱାରା ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାକୁ ବର୍ତ୍ତମାନର ଋଣଗ୍ରହୀତାଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିଯିବ। ଡିଜିଟାଲ ସାର୍ବଜନୀନ ଋଣ ତଥ୍ୟ ପାଞ୍ଜି ତିଆରି କରିବାକୁ ଆଗ୍ରହୀ କମ୍ପାନୀଙ୍କ ଠାରୁ ଆର୍‌ବିଆଇ ଇତିମଧ୍ୟରେ ଆଗ୍ରହପତ୍ର (ଇଓଆଇ) ଆମନ୍ତ୍ରଣ କରିଛି। ଗତ ୩ ବର୍ଷ ଧରି ବାର୍ଷିକ ୧୦୦ କୋଟି ଟଙ୍କାରୁ ଅଧିକ କାରବାର କରିଥିବା କମ୍ପାନୀ ଏଥିଲାଗି ଆବେଦନ କରିପାରିବେ। କେନ୍ଦ୍ରୀୟ ବ୍ୟାଙ୍କ ସୂଚନା ପ୍ରଦାନରେ ଥିବା ତ୍ରୁଟି, ଋଣଗ୍ରହୀତାଙ୍କ ନିକଟରେ ପହଞ୍ଚିବା ତଥା ଅର୍ଥନୀତିରେ ଋଣପ୍ରଦାନର ସଂସ୍କୃତିକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ଜୁନ୍‌ରେ ପିସିଆର୍ ଗଠନ କରାଯିବ ବୋଲି ଘୋଷଣା କରିଥିଲେ। ଋଣଗ୍ରହଣ ସଂକ୍ରାନ୍ତ ତଥ୍ୟ ମହଜୁଦ ଥିବା ସମ୍ପର୍କରେ ଜାଣିବା ପାଇଁ ଆର୍‌ବିଆଇ ଏଥିପୂର୍ବରୁ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଥିଲେ। ତଥ୍ୟର ଅଭାବ ଏବଂ ଏହାକୁ ଦୂର କରିବାର ଉପାୟ ସମ୍ପର୍କରେ ଜଣାଇବା ପାଇଁ ଏହି ଟାସ୍କଫୋର୍ସକୁ କୁହାଯାଇଥିଲା। ଇଓଆଇରେ କୁହାଯାଇଛି ଯେ, ପିସିଆର୍ ଏକ ଡିଜିଟାଲ ପାଞ୍ଜି ହେବ ଯେଉଁଥିରେ ଋଣଗ୍ରହୀତାଙ୍କ ସମ୍ପର୍କରେ ସୂଚନା ମହଜୁଦ୍ ରହିବ। ବିଭିନ୍ନ ସଂସ୍ଥାରେ ଉପଲବ୍ଧ ତଥ୍ୟକୁ ଆଧାର କରି ଏହି ପାଞ୍ଜି ତିଆରି କରାଯିବ। ଋଣର ପରିମାଣ ଯେତେ ହେଉନା କାହିଁକି ପିସିଆର ପ୍ରତ୍ୟେକ ଋଣ ସମ୍ପର୍କରେ ସୂଚନା ଦାଖଲ କରିବାର ଏକମାତ୍ର କେନ୍ଦ୍ର ରୂପେ କାମ କରିବ। ସୂଚନାଥାଉ କି, ଋଣଗ୍ରହୀତାଙ୍କ ସମ୍ପର୍କରେ ବର୍ତ୍ତମାନ ଏଭଳି କୌଣସି ବ୍ୟବସ୍ଥା ନାହିଁ। ଆର୍‌ବିଆଇରେ ସିଆର୍‌ଆଇଏଲ୍‌ସି ରହିଛି। ଏହା ଋଣ ସମ୍ବନ୍ଧୀୟ ତଥ୍ୟକୁ ଏକତ୍ରିତ କରିଥାଏ। କିନ୍ତୁ ଏହା ୫ କୋଟି ଟଙ୍କାରୁ ଅଧିକ ଋଣ ସମ୍ପର୍କରେ ତଥ୍ୟ ରଖିଥାଏ। ଉଲ୍ଲେଖଥାଉ କି, ଏବେ ଦେଶର ଅନାଦାୟ ଋଣର ପରିମାଣ ୧୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଗଲାଣି।

**ଡିଜିଟାଲ ଡାଟା ତିଆରି କରୁଛି ଆର୍‌ବିଆଇ**

- ଗୋଟିଏ ପ୍ଲାଟଫର୍ମରେ ରହିବ ସବୁ ତଥ୍ୟ
- ଇଓଆଇ ଆହ୍ୱାନ କଲା ରିଜର୍ଭ ବ୍ୟାଙ୍କ




## ବଜାରରେ ସୋନିର ନୂଆ ଭିଡିଓ କ୍ୟାମେରା

**ଭୁବନେଶ୍ୱର,୪-୧୧**

ପ୍ରମୁଖ କମ୍ପାନୀ ସୋନି ପକ୍ଷରୁ ଏହାର ନୂଆ ଭିଡିଓ କ୍ୟାମେରା ଏଚ୍‌ଏକ୍ସଆର୍-ଏନ୍‌ଏକ୍ସ ୨୦୦ ଓଡିଶା ବଜାରରେ ପ୍ରବେଶ କରିଛି। ଏହା ଦ୍ୱାରା କମ୍ପାନୀ ଏହାର ପ୍ରୋ- କ୍ୟାମେରା ରେଞ୍ଜକୁ ଆଉ ପାଦେ ଆଗକୁ ନେବାକୁ ସକ୍ଷମ ହୋଇଥିବା ସୂଚନା ଦେଇଛି। ଗ୍ରାହକଙ୍କ ଭିଡିଓଗ୍ରାଫି ଆବଶ୍ୟକତା ଆଧାରରେ କମ୍ପାନୀ ଏହି ନୂଆ ଟେକ୍ନୋଲୋଜି ଆଧାରିତ ମଡେଲକୁ ବଜାରକୁ ଛାଡିଛି। ଗ୍ରାହକମାନେ ଏଥିରେ ୪କେ ଭିଡିଓରେକର୍ଡିଂ ସହ ଏକ୍ସମୋର-ଆର୍, ୧.୦ ଟାଇପ୍ ସେନସର, ସୋନିର ପ୍ରସିଦ୍ଧ ଜି ଲେନ୍ସ ପାଇପାରିବେ। ଏହା ସୋନିର ପ୍ରଥମ ଏଣ୍ଟ୍ରି ଲେଭଲ ୪କେ ଭିଡିଓକ୍ୟାମେରା। ଭିଡିଓ କ୍ୟାମେରା ସେଗମେଣ୍ଟରେ ଏହା ନୂଆ ଦିଗନ୍ତ ସୃଷ୍ଟି କରିବ ବୋଲି କମ୍ପାନୀ କହିଛି।



## ୧୮ଦିନରେ ପେଟ୍ରୋଲ ୪.୦୫, ଡିଜେଲ ୨.୩୩ଟଙ୍କା ଶସ୍ତା

**ନୂଆଦିଲ୍ଲୀ,୪-୧୧**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବାର ପ୍ରଭାବ ଘରୋଇ ବଜାରରେ ଦେଖିବାକୁ ମିଳୁଛି। ରବିବାର ମଧ୍ୟ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ ପାଇଛି। ଫଳରେ ବିଗତ ୧୮ ଦିନ ମଧ୍ୟରେ ପେଟ୍ରୋଲ ଲିଟର ପିଛା ୪.୦୫ ଟଙ୍କା ଏବଂ ଡିଜେଲ ଲିଟର ପିଛା ୨.୩୩ଟଙ୍କା ହ୍ରାସ ପାଇଛି। ଅଗଷ୍ଟ ମଧ୍ୟଭାଗରେ ଏଭଳି ଦ୍ରୁତ ଗତିରେ ତେଲ ଦର ହ୍ରାସ ପାଇଥିଲା। ତେବେ ଚଳିତ ଥର ହ୍ରାସ ପାଇବାର ଗତି ଅତି ଦ୍ରୁତ ହୋଇଛି। ତୈଳ କମ୍ପାନୀଙ୍କ ପକ୍ଷରୁ ରବିବାର ଜାରି ତଥ୍ୟ ଅନୁଯାୟୀ ପେଟ୍ରୋଲ ଲିଟର ପିଛା ୨୧ ପଇସା ଏବଂ ଡିଜେଲ ୧୭ ପଇସା କମିଛି। ଦିଲ୍ଲୀରେ ରବିବାର ପେଟ୍ରୋଲ ଲିଟର ପିଛା ଦର ୭୮.୭୮ ଟଙ୍କା ଏବଂ ଡିଜେଲ ଲିଟର ପିଛା ଦର ୭୩.୩୬ ଟଙ୍କା ରହିଛି। ଅଗଷ୍ଟ ୧୬ରୁ ଅକ୍ଟୋବର ୪ ମଧ୍ୟରେ ପେଟ୍ରୋଲ ୬.୮୬ ଟଙ୍କା ଏବଂ ଡିଜେଲ ଲିଟର ପିଛା ୬.୭୩ ଟଙ୍କା ବଢ଼ିଛି। ଏହାପରେ ଗ୍ରାହକଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ଉଭୟ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ଅଢ଼େଇ ଟଙ୍କା ହ୍ରାସ ଘୋଷଣା କରିଥିଲା। ଅକ୍ଟୋବର ୧୭ରେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୮୨.୮୩ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୫.୬୯ ଟଙ୍କା ରହିଥିଲା। ତେବେ ଅକ୍ଟୋବର ୧୮ରୁ ତେଲ ଦର କମିବା ଆରମ୍ଭ କରିଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କମୁଥିବାରୁ ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ଆହୁରି ହ୍ରାସ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ଗୁପ୍ତା ଡିଷ୍ଟ୍ରିବ୍ୟୁଟରରେ ଖୋଲିଲା ଏଚ୍‌ପି ୱାର୍ଲଡ



**ଭୁବନେଶ୍ୱର,୪-୧୧**

ପ୍ରମୁଖ ଇଲେକଟ୍ରୋନିକ୍ସ ରିଟେଲ୍ ଚେନ୍ ଗୁପ୍ତା ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ଏହାର ପଟିଆ ଶୋ'ରୁମଠାରେ ଏଚ୍‌ପି ୱାର୍ଲଡର ଶୁଭାରମ୍ଭ ହୋଇଛି। ଏହାକୁ ଏଚ୍‌ପିର ଏଏସ୍‌ଏମ୍ ଦିନେଶ ତରାଇ, ଶୋ'ରୁମର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା, ପ୍ରେରିତ ଗୁପ୍ତା ଏବଂ ସାଭେକ୍ସ ଟେକ୍ନୋଲୋଜିର ଓନର ଜ୍ଞାନେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହା ରାଜଧାନୀରେ ଏଚ୍‌ପି ୱାର୍ଲଡର ୪ର୍ଥ ଆଉଟ୍‌ଲେଟ୍। ଏହି ପ୍ଲାଟଫର୍ମରେ କମ୍ପାନୀ ରାଜ୍ୟରେ ୧୩ଟି ସ୍ୱତନ୍ତ୍ର ଆଉଟଲେଟ୍ ସ୍ଥାପନ କରିଛି। ଏଚ୍‌ପିର ବିଭିନ୍ନ ରେଞ୍ଜର ପ୍ରଡକ୍ଟଗୁଡିକ ଏଠାରେ ଉପଲବ୍ଧ ହେଉଥିବା ଏଏସ୍‌ଏମ୍ ଦିନେଶ ତରାଇ ସୂଚନା ଦେଇଛନ୍ତି। ୨୦ ହଜାରଠାରୁ ୨ ଲକ୍ଷ ରେଞ୍ଜର ଉତ୍ପାଦ ଏଠାରେ ଉପଲବ୍ଧ।

ପଟିଆରେ ଏଚ୍‌ପି ୱାର୍ଲଡ ଦ୍ୱାରା ଛାତ୍ରୀଛାତ୍ର ତଥା ଅନ୍ୟାନ୍ୟ ଗ୍ରାହକ ଉପକୃତ ହେବେ ବୋଲି ରାଜେଶ ଗୁପ୍ତା କହିଛନ୍ତି। କମ୍ପାନୀ ପକ୍ଷରୁ ବର୍ତ୍ତମାନ ଅଫର ଅନୁସାରେ ଛାତ୍ରୀଛାତ୍ର ପ୍ରାୟ ୩୯,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସୁବିଧା ଲାଭ କରି ପାରିବେ। ପ୍ରତ୍ୟେକ କ୍ରୟ ଉପରେ କମ୍ପାନୀ ତଥା ଶୋ'ରୁମ ପକ୍ଷରୁ ବିଭିନ୍ନ ଅଫର ଗ୍ରାହକଙ୍କ ଲାଗି ଉପଲବ୍ଧ ହେଉଥିବା ସୂଚନା ରହିଛି। ଏଠାରେ ଗ୍ରାହକ ମାନେ ଓମେନ୍ ରେଞ୍ଜର ଲାପଟପ୍, ଏଚ୍‌ପିର ଆସେସୋରିଜ୍, ଗେମିଂ ଲାପଟପ୍, ପାଭିଲିୟନ ଲାପଟପ୍, ୨୪ ଅନ୍ ଇନ୍ ୱାନ ଡେକ୍ସଟପ, ପ୍ରିଣ୍ଟର ଭଳି ପ୍ରଡକ୍ଟ ପାଇପାରିବେ।

## ଅକ୍ଟୋବରରେ ହିରୋ ମୋଟୋକର୍ପର ବିକ୍ରି ୭ ଲକ୍ଷ ୟୁନିଟ୍ ଟପିଲା

**ଭୁବନେଶ୍ୱର,୪-୧୧**

ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା କମ୍ପାନୀ ହିରୋ ମୋଟୋକର୍ପର ଅକ୍ଟୋବର ମାସର ବିକ୍ରି ୭ ଲକ୍ଷ ଟପିଛି। ଅକ୍ଟୋବରରେ ୭.୩୪ ଲକ୍ଷ ୟୁନିଟ୍ ଯାନ ବିକ୍ରି ସହ କମ୍ପାନୀ ୧୬% ଅଭିବୃଦ୍ଧି ହାସଲ କରିଛି। ଏହା ସହ ବଜାରକୁ ନୂଆ ୧୨୫ ସିସି ସ୍କୁଟର ଡେଷ୍ଟିନିକୁ କମ୍ପାନୀ ଆଣିଛି। ଗତ ବର୍ଷ ସମାନ ସମୟରେ କମ୍ପାନୀ ମୋଟ୍ ୬.୩୧ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ୨୦୧୯ ଆର୍ଥିକ ବର୍ଷରେ କମ୍ପାନୀ ଚତୁର୍ଥ ଥର ଲାଗି ମାସିକ ୭ ଲକ୍ଷରୁ ଅଧିକ ଯାନ ବିକ୍ରି କରି ପାରିଛି। ସେହିଭଳି ମୋଟ ଷଷ୍ଠ ଥର ଲାଗି ଗୋଟିଏ ମାସରେ ଏଭଳି ବିକ୍ରି ସଫଳତା ହାସଲ କରିଥିବା ଏହା ପ୍ରକାଶ କରିଛି। ସେପ୍ଟେମ୍ବରରେ ହିରୋମୋଟୋ କର୍ପ ୭.୬୯ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ଦୀପାବଳିରେ ଉନ୍ନତ ବିକ୍ରିଧାରା ବଜାୟ ରହିବ ବୋଲି କମ୍ପାନୀ ପକ୍ଷରୁ ପ୍ରକାଶ। ବଜାରକୁ ଆସିଥିବା ନୂଆ ଡେଷ୍ଟିନି ମଡେଲ ଆଗାମୀ ୩ରୁ୪ ସପ୍ତାହ ମଧ୍ୟରେ ସାରା ଦେଶରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ସୌମିକ୍‌ରେ ସେନ୍‌କୋ ସୁନା ଶୋ'ରୁମ୍ ଉଦ୍‌ଘାଟିତ



**ଯାଜପୁରରୋଡ,୪।୧୧(ନି.ପ୍ର.)**

ବାଇକ୍ ଶୋ'ରୁମ୍ ଭାବେ ପରିଚିତ ସୌମିକ୍ ଏବେ ଗହଣା ବଜାରରେ ପ୍ରବେଶ କରିଛି। ପ୍ରମୁଖ ଗହଣା କମ୍ପାନୀ ସେନ୍‌କୋ ପକ୍ଷରୁ ଯାଜପୁରରୋଡ ଠାରେ ରବିବାର ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ସୌମିକର ପରାମର୍ଶଦାତା ବେଣୁଧର ସାମଲ ଓ ତାଙ୍କ ସ୍ତ୍ରୀ ପଦ୍ମିନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ବଲିଉଡ ଅଭିନେତ୍ରୀ ଅମିଷା ପଟେଲ ଯୋଗ ଦେଇଥିଲେ। ସେନ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶଙ୍କର ସେନ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ କମ୍ପାନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦେଶରେ ସେନ୍‌କୋର ୯୭ଟି ଶୋ'ରୁମ୍ ରହିଛି। ଏହି ନୂଆ ଆଉଟଲେଟ ସହ ଓଡିଶାରେ ମୋଟ ୬ ଟି ଶୋ'ରୁମ କମ୍ପାନୀ ସ୍ଥାପନ କରିଛି। ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ସେନ୍‌କୋର ଅଫର ଗ୍ରାହକ ଲାଭ କରି ପାରିବେ। ସେହିଭଳି ସୌମିକ୍ ପକ୍ଷରୁ ସ୍ୱତନ୍ତ୍ର ଅଫର ଆସନ୍ତା ୩ ମାସ ପର୍ଯ୍ୟନ୍ତ ରହିବ। ସେନ୍‌କୋର ଅଫର୍ ଦ୍ୱାରା ପ୍ରତ୍ୟେକ ୧୦ ଗ୍ରାମ୍ ଗହଣା ଉପରେ ୧ ହଜାର ଟଙ୍କା ଛାଡ, ନିର୍ଦ୍ଧାରିତ ମୂଲ୍ୟରେ ଗହଣା କ୍ରୟରେ ସୁନା କଏନ୍, ଲକ୍ଷପତି ସ୍କିମ୍, ହୀରା ଗହଣା ଉପରେ ୨୦% ରିହାତି ଏବଂ ଗଢା ମଜୁରିରେ ୧୦% ରିହାତି ସୁବିଧା ରହିଛି। ସୌମିକ୍ ପକ୍ଷରୁ ଏକ ଲଟେରି ସ୍କିମ୍ ମଧ୍ୟ ରହିଛି। ସୌମିକର ବାଦଲ କୁମାର ସାମଲ, ବଚ୍ଚନ କୁମାର ସାମଲ ଏଥିରେ ଉପସ୍ଥିତ ଥିଲେ।

## ଶୋ'ରୁମଗୁଡ଼ିକରେ ଆକର୍ଷଣୀୟ ଅଫର, ନୂଆ କଲେକ୍ସନ

**ଭୁବନେଶ୍ୱର,୪-୧୧**



ସୁନା କ୍ରୟକୁ ଭାରତୀୟମାନେ ଅଗ୍ରାଧିକାର ଦେଉଥିବା ବେଳେ ଦୀପାବଳି ଏବଂ ଧନତେରସ ସମୟରେ ସୁନା କିଣିଲେ ଶୁଭ ବୋଲି ବିଚାର କରିଥାନ୍ତି। ଚଳିତ ବର୍ଷ ସୋମବାର ଧନତେରସ ପଡୁଥିବାରୁ ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ଶୋ'ରୁମଗୁଡିକ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ସ୍କିମ୍ ଏବଂ ଡିଜାଇନ ପ୍ରଦାନ କରାଯାଉଛି। ସେହିଭଳି ବିସ୍ତୃତ କଲେକ୍ସନ ଶୋ'ରୁମଗୁଡିକ ପ୍ରଦାନ କରୁଛନ୍ତି। ଚଳିତ ବର୍ଷ ଭଲ ବ୍ୟବସାୟ ନେଇ ଆଶା ରହିଥିବା ଶୋ'ରୁମଗୁଡିକ ପକ୍ଷରୁ ପ୍ରକାଶ ।

ପ୍ରମୁଖ ଗହଣା ଶୋ'ରୁମ ଅରୁନ୍ଧତୀ ପକ୍ଷରୁ ଚଳିତ ବର୍ଷ ଗ୍ରାହକଙ୍କୁ ଲକ୍ଷପତି ହେବାର ସୁଯୋଗ ତଥା ବିଦେଶ ଭ୍ରମଣ ଭଳି ସୁବିଧା ପ୍ରଦାନ କରାଯାଉଛି। ଏହାବାଦ ବେଷ୍ଟ ଏଭର ଧନତେରସ ଦ୍ୱାରା ଗ୍ରାହକଙ୍କୁ ବିଭିନ୍ନ ରିହାତି ପ୍ରଦାନ କରାଯାଉଛି। ୨୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସହ ହୀରା ଗହଣାର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ଏବଂ ରୂପା ଗହଣାର ଗଢା ମଜୁରି ଉପରେ ରିହାତି ପ୍ରଦାନ କରାଯାଉଛି। ବିଭିନ୍ନ ଅଫର ଦ୍ୱାରା ଗ୍ରାହକଙ୍କ ଖୁସିରେ ସାମିଲ ହେଉଛୁ ବୋଲି ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସୂଚନା ଦେଇଛନ୍ତି।

ସେହିଭଳି ଅନ୍ୟତମ ପ୍ରମୁଖ ଶୋ'ରୁମ ତନିସ୍କ ପକ୍ଷରୁ ଦୀପାବଳି ଉପଲକ୍ଷେ ଆରମ୍ଭ ହୋଇଛି ଉତ୍ସବ କଲେକ୍ସନ। ଦୀପାବଳିକୁ ଷ୍ଟାଇଲରେ ପାଳନ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଅଫର ମାନ ରହିଥିବା କମ୍ପାନୀର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଅଫର ଦ୍ୱାରା ଗ୍ରାହକଙ୍କୁ ସୁନା ଗହଣାର ଗଢା ମୂଲ୍ୟ ଉପରେ ଏବଂ ହୀରା ଗହଣାର ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଦିଆଯାଉଥିବା ଅଧିକାରୀ ଜଣକ କହିଛନ୍ତି।

ଅପରପକ୍ଷରେ ସହରର ଅନ୍ୟତମ ପ୍ରମୁଖ ଗହଣା ଶୋ'ରୁମ ଖିମଜୀ ପକ୍ଷରୁ ଅକ୍ଟୋବର ୩୧ ଠାରୁ ନଭେମ୍ବର ୧୧ ଯାଏ 'ଧନତେରସ ଧନ ବର୍ଷା ଅଫର'ଗ୍ରାହକଙ୍କ ଲାଗି ରହିଛି। ଶୋ'ରୁମ ପକ୍ଷରୁ ସୁନା ଗହଣାର ମୋଟ ମୂଲ୍ୟ ଉପରେ ଫ୍ଲାଟ ୫.୪% ରିହାତି ସୁବିଧା ଦିଆଯାଉଛି। ଏଠାରେ ଗ୍ରାହକଙ୍କ ଲାଗି ୨୭୫ ଟଙ୍କାରୁ ଗଢାମୂଲ୍ୟ ଆରମ୍ଭ ହେଉଛି ବୋଲି ଶୋ'ରୁମ ପକ୍ଷରୁ ସୂଚନା ରହିଛି। ଏହାବାଦ ହୀରା ଗହଣା ଉପରେ ଫ୍ଲାଟ ୨୦%, ସିଲଭର ଆଇଟମ୍ ଗଢାମୂଲ୍ୟ ଉପରେ ଫ୍ଲାଟ ୫୦% ରିହାତି ସୁବିଧା ରହିଛି।

**ଆଜି ଧନତେରସ**

ପିସି ଚନ୍ଦ୍ରା ଜୁଏଲେରୀ ପକ୍ଷରୁ ଅକ୍ଟୋବର ୨୯ଠାରୁ ୬ ନଭେମ୍ବର ଯାଏ ଧନତେରସ ଧନ ବର୍ଷା ଅଫର ରହିଛି। ଏହା ଦ୍ୱାରା ଗ୍ରାହକ ୫ କୋଟି ମୂଲ୍ୟର ନିଶ୍ଚିତ ଉପହାର, ହୀରା ଏବଂ ମୂଲ୍ୟବାନ ପଥର ଉପରେ ୧୦% ଛାଡ ସୁବିଧା, ୧୦ ଗ୍ରାମ ସୁନା ଗହଣା ଗଢା ମଜୁରି ଉପରେ ୨୦୦୦ ଟଙ୍କା ଛାଡ ସୁବିଧା, ନିର୍ଦ୍ଦିଷ୍ଟ କ୍ରୟ ଉପରେ ସ୍ୱର୍ଣ୍ଣ ମୁଦ୍ରା, ଏକ୍ସଚେଞ୍ଜ ଅଫର ପ୍ରଦାନ କରାଯାଉଛି।

ରିଲାଏନ୍ସ ଜୁଏଲର୍ସରେ ୧୨ ଅକ୍ଟୋବରଠାରୁ ୧୧ ନଭେମ୍ବର ଯାଏ ଖାସ ଦିପାବଳୀ ଅଫର ଚାଲିଛି। ଏହା ଦ୍ୱାରା ନିର୍ଦ୍ଦିଷ୍ଟ କ୍ରୟର ଇନଭଏସ ଉପରେ ସୁନା ଗହଣା ତିଆରିରେ ଫ୍ଲାଟ ୫୦% ଛାଡ ସୁବିଧା, ୭୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହୀରା ଗହଣା ପ୍ରସ୍ତୁତି ଉପରେ ୦% ମେକିଂ ଚାର୍ଜ ଏବଂ କ୍ୟାଶବ୍ୟାକ୍ ସୁବିଧା ରହିଛି।

ସେହିଭଳି ସିଣ୍ଡିକେଟ ଜୁଏଲେରୀ ପକ୍ଷରୁ ସୁନା ଗହଣା ଗଢା ମୂଲ୍ୟ ଏବଂ ହୀରା ଗହଣା ଉପରେ ଆକର୍ଷକ ରିହାତି ପ୍ରଦାନ କରାଯାଉଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।



“ଠିକଣାରୂପେ ମାର୍କେଟିଂ କରାଯାଇ ପାରିଲେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଖେଳପ୍ରେମୀଙ୍କ ନିକଟରେ ଆଦୃତ ହୋଇପାରିବ।

–ଡେଭିଡ ଗାୱାର, ପୂର୍ବତନ ଇଂଲଣ୍ଡ କ୍ରିକେଟ ଅଧିନାୟକ



“ଭାରତରେ ବିଶ୍ୱକପ୍ ବେଳେ ଆମ ଖେଳାଳିମାନେ ଯଦି ବିଶୃଙ୍ଖଳା କରନ୍ତି ତେବେ ତାହା ବରଦାସ୍ତ କରାଯିବ ନାହିଁ।

–ହସନ ସର୍ଦ୍ଦାର, ପାକିସ୍ତାନ ହକି କୋଚ୍

## ସଂକ୍ଷେପରେ

### ବାରବାଟୀରେ ଆଜି ଇଣ୍ଡିଆନ ଆରୋଜ୍-ଶିଲଂ ଲାଜଂ ମୁକାବିଲା

**କଟକ ଅଫିସ, ୪।୧୧:** ବାରବାଟୀ ଷ୍ଟାଡିୟମରେ ସୋମବାର ସନ୍ଧ୍ୟା ୫ଟାରେ ଆଇ-ଲିଗ୍‌ର ଏକ ପ୍ରମୁଖ ମ୍ୟାଚ୍‌ରେ ଇଣ୍ଡିଆନ ଆରୋଜ-ଶିଲଂ ଲାଜଂ ମଧ୍ୟରେ ମୁକାବିଲା ହେବ। ବାରବାଟୀକୁ ଘରୋଇ ଗ୍ରାଉଣ୍ଡ କରିଥିବା ଇଣ୍ଡିଆନ ଆରୋଜ୍ ପାଇଁ ଏହା ପ୍ରତିଯୋଗିତାର ପ୍ରଥମ ମ୍ୟାଚ ରହିଥିବା ବେଳେ ଦଳ ଏହାକୁ ଜିତିବାକୁ ଚେଷ୍ଟା କରିବ ବୋଲି ଦଳର କୋଚ୍ ଫ୍ଲୋଏଡ ପିଣ୍ଟୋ କହିଛନ୍ତି। ଅନ୍ୟପକ୍ଷରେ ଶିଲଂ ଲାଜଂ ଦଳର କୋଚ୍ କେ.ଆଲିସନ କହିଥିଲେ ଯେ, ଦଳ ପୂର୍ବରୁ ବାରବାଟୀରେ ମ୍ୟାଚ୍ ଖେଳିଛି। ଏହାର ପରିବେଶ ସହ ସମ୍ପୂର୍ଣ୍ଣ ଭାବେ ଜଡ଼ିତ। ଇଣ୍ଡିଆନ ଆରୋଜ ଏକ ସନ୍ତୁଳିତ ଦଳ ହୋଇଥିବା ବେଳେ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଲିସନ କହିଛନ୍ତି। ରବିବାର ଉଭୟ ଦଳ ଅଭ୍ୟାସ କରିଥିଲେ। ଅନ୍ୟପକ୍ଷରେ ବାରବାଟୀରେ ଦର୍ଶକଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି କଟକର ବିଭିନ୍ନ ଫୁଟବଲ କ୍ଲବ ଗୁଡ଼ିକୁ ନିମନ୍ତ୍ରଣ କରାଯାଇଛି । କ୍ଲବର ଖେଳାଳିମାନେ ଗ୍ୟାଲେରିରେ ଭରପୂର ରହି ଉଭୟ ଦଳକୁ କିପରି ଉତ୍ସାହିତ କରିବେ ସେ ନେଇ ଯୋଜନା କରାଯାଇଛି ।

### ସି.କେ. ନାଇଡୁ ଟ୍ରଫି: ଓଡ଼ିଶାର ଶୋଚନୀୟ ପରାଜୟ

**କଟକ ଅଫିସ, ୪।୧୧:** ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା ୨୩ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶା ଶୋଚନୀୟ ଭାବେ ହରିୟାଣା ଠାରୁ ପରାସ୍ତ ହୋଇଛି। ଦୁର୍ବଳବ୍ୟାଟିଂ ପ୍ରଦର୍ଶନ ଯୋଗୁ ୨୮୮ ରନ୍‌ରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । ଦ୍ୱିତୀୟ ଇନିଂସ୍‌ରେ ଓଡ଼ିଶା ସମ୍ମୁଖରେ ୩୫୫ ରନ୍‌ର ବିଜୟଲକ୍ଷ୍ୟ ରହିଥିବା ବେଳେ ଦଳ ମାତ୍ର ୬୬ରନ୍‌ରେ ଅଲଆଉଟ ହୋଇଥିଲା। ପ୍ରଥମ ଇନିଂସ୍‌ରେ ହ୍ୟାଟ୍ରିକ ଅର୍ଜନ କରିଥିବା ହରିୟାଣାର ଏମ୍.ଏସ୍ ରାଥି ଦ୍ୱିତୀୟ ଇନିଂସ୍‌ରେ ମଧ ଗୋଟିଏ ଓଭରରେ ୩ଟି ଉଇକେଟ ଦଖଲ କରିବା ସହ ୫ଟି ଉଇକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ଇନିଂସ୍‌ରେ ଓଡ଼ିଶା ପକ୍ଷରୁ ଅଧିନାୟକ ଦେବାଶିଷ ସାମନ୍ତରାୟ ସର୍ବାଧିକ ୨୫ ରନ୍ କରିଥିଲେ। ସୂଚନାଥାଉ କି, ହରିୟାଣା ପ୍ରଥମେ ବ୍ୟାଟିଂ କରି ୨୬୯ ରନ୍ କରିଥିଲା। ଜବାବରେ ଓଡ଼ିଶା ୧୩୬ରନ୍ କରିଥିବା ବେଳେ ହରିୟାଣାର ଦ୍ୱିତୀୟ ଇନିଂସ୍ ୨୨୧ରନ୍‌ରେ ସୀମିତ ରହିଥିଲା। ଖେଳ ଆଉ ଗୋଟିଏ ଦିନ ବାକି ଥିବା ବେଳେ ଓଡ଼ିଶା ୩ୟ ଦିବସରେ ୩୦.୫ ଓଭରରେ ଅଲଆଉଟ ହୋଇ ଘରୋଇ ଗ୍ରାଉଣ୍ଡରେ ଶୋଚନୀୟ ଭାବେ ପରାସ୍ତ ହୋଇଛି ।

### ସିନିୟର ବିଲିୟାର୍ଡ୍ସ ଫାଇନାଲରେ ସୁବ୍ରତ-କୁନାଲ

**କଟକ ଅଫିସ, ୪।୧୧:** କଟକ କ୍ଲବରେ ଚାଲିଥିବା ଜୁନିୟର, ସିନିୟର ବିଲିୟାର୍ଡସ ଓ ସ୍ନୁକର ରାଜ୍ୟ ଚାମ୍ପିୟନଶିପ ସିନିୟର ବିଲିୟାର୍ଡ୍ସ ପ୍ରତିଯୋଗିତାର ଫାଇନାଲ ସୁବ୍ରତ ଦାସ ଓ କୁନାଲ ଅଗ୍ରୱାଲଙ୍କ ମଧ୍ୟରେ ହେବ। ଦି ବିଲିୟାର୍ଡ୍ସ ଆଣ୍ଡ୍ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାରେ ରବିବାର ସିନିୟର ବିଲିୟାର୍ଡସର ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ସେମିଫାଇନାଲରେ କୁନାଲ ୩-୦ ଫ୍ରେମରେ ଡ. ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରି ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସୁବ୍ରତ ଦାସ ୩-୦ ଫ୍ରେମରେ ସନ୍ଦିପନୀ ମିଶ୍ରଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

### ଉତ୍କଳ କରାଟେ ସ୍କୁଲରେ ଏମ୍‌ବିଏସ୍ ସ୍କୁଲର ବେଲ୍ଟ ଟେଷ୍ଟ

**ଭୁବନେଶ୍ୱର, ୪।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଭୁବନେଶ୍ୱରର ଏମ୍‌ବିଏସ୍ ସ୍କୁଲର ବେଲ୍ଟ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶ୍ରେଣୀରେ ପାଠ ପଢୁଥିବା ବିଦ୍ୟାର୍ଥୀ ମୋଟ ୬୨ଜଣ କରାଟେକା ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ବେଲ୍ଟ ଟେଷ୍ଟକୁ ସ୍କୁଲର ସିନିୟର କରାଟେ ପ୍ରଶିକ୍ଷକ ସେନେସେଇ ଖାରବେଳ ମଲିକ ପରିଚାଳନା କରିଥିଲେ। ସ୍କୁଲର ଅନ୍ୟ ଶିକ୍ଷକ ଦିଲୀପ କୁମାର ଜେନା, ଅନୁପମା ସ୍ୱାଇଁ, କୃଷ୍ଣଚନ୍ଦ୍ର ମହାରଣା, କ୍ରୀଷ୍ଣା ଶିକାରୀ, ରଜନୀ ବିଶି ଓ ପ୍ରିୟଦର୍ଶୀ ପାଟୁଆରି ଏହି ବେଲ୍ଟ ଟେଷ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶା ସହ ସମ୍ପର୍କ ମଧୁର: ଭେଙ୍ଗସରକାର

ଭୁବନେଶ୍ୱର, ୪।୧୧(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ଚଳିତ ବର୍ଷର ସମ୍ମାନଜନକ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ହକି ଦଳର ଅନ୍ୟତମ ନିର୍ଭରଯୋଗ୍ୟ ସଦସ୍ୟା ଲିଲିମା ମିଞ୍ଜ୍ ଏହି ପୁରସ୍କାର ପାଇଛନ୍ତି। ଏହି ଅବସରରେ ବ୍ୟାଡ୍‌ମିଣ୍ଟନ ପ୍ରତିଭା ଋତୁପର୍ଣ୍ଣା ପଣ୍ଡା ଓ ଭାରୋତ୍ତୋଳନକାରୀ ଝିଲି ଦଳବେହେରାଙ୍କୁ ସମ୍ମାନିତ କରାଯାଇଛି। ଲିଲିମାଙ୍କୁ ମାନପତ୍ର, ଫଳକ ସହ ୫,୦୦,୦୦୦ ଏବଂ ଋତୁପର୍ଣ୍ଣା ଓ ଝିଲିଙ୍କୁ ୫୦,୦୦୦ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ‘‘ଏପରି ପୁରସ୍କାର ପାଇବା ପାଇଁ ମୋର ସ୍ୱପ୍ନ ଥିଲା। କଠିନ ପରିଶ୍ରମ ଫଳରେ ଏହା ଏବେ ସାର୍ଥକ ହୋଇଛି। ଏହା ମୋତେ ଆଗାମୀ ଦିନରେ ଆହୁରି ଅଧିକ ଭଲ ଖେଳିବା ପାଇଁ ଉତ୍ସାହିତ କରିଛି’’ ବୋଲି ଲିଲିମା ପ୍ରକାଶ କରିଛନ୍ତି। ଏସିଆନ ଗେମ୍ସରେ ଭାଗନେବାର ସ୍ମୃତି ଅଭୁଲା। ସେହିପରି ଓଡ଼ିଶାର ପ୍ରଥମ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିବାରୁ ମୁଁ ଖୁବ୍ ଆନନ୍ଦିତ ବୋଲି ଋତୁପର୍ଣ୍ଣା ପ୍ରକାଶ କରିଥିଲେ। ଜାତୀୟ ସିନିୟର ଭାରୋତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ ଯୋଗୁ ଝିଲି ଉତ୍ସବରେ ଅନୁପସ୍ଥିତ ରହିଥିଲେ। ତାଙ୍କ ପାଇଁ କୋଚ୍ ପି. ଧର୍ମାରାଓ ପୁରସ୍କାର ଗ୍ରହଣ କରିଥିଲେ।

ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବର ମୁଖ୍ୟଅତିଥି ତଥା ଆକର୍ଷଣ ଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଦିଲୀପ ଭେଙ୍ଗସରକାର। ‘ଓଡ଼ିଶା ସହ ମୋର ସମ୍ପର୍କ ଅତି ମଧୁର। କଟକର ବାରବାଟୀ ଷ୍ଟାଡିୟମରେ ମୁଁ ମୋ ଟେଷ୍ଟ କ୍ୟାରିୟରର ସର୍ବାଧିକ ସ୍କୋର କରିଥିଲି। ୧୯୮୭ରେ ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଏହି ଟେଷ୍ଟରେ ମୁଁ ୧୬୬ ରନ୍‌ର ଇନିଂସ୍ ଖେଳିଥିଲି। ତେଣୁ ସ୍ୱାଭାବିକ ଭାବେ ଏହା ମୋ ଜୀବନରେ ସବୁଦିନ ପାଇଁ ସ୍ମରଣୀୟ ଏବଂ ମଧୁର ସ୍ମୃତି ବହନ କରୁଛି। ଏହି ମ୍ୟାଚ୍‌କୁ ଭାରତ ୧ ଇନିଂସ୍ ଏବଂ ୮୭ ରନ୍‌ରେ ଜିତିଥିଲା। ଏହି ଟେଷ୍ଟରେ ୩୦୦ ଉଇକେଟ ପୂରଣ କରିଥିବାରୁ କପିଳ ଦେବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହା ମୋତେ ସାମାନ୍ୟ ନିରାଶ କରିଥିଲା’ ବୋଲି କହିଥିଲେ ୧୯୮୩




ପୁରସ୍କାର ଗ୍ରହଣ ଉତ୍ସବରେ ଅତିଥିଙ୍କ ସହ ଋତୁପର୍ଣ୍ଣା ପଣ୍ଡା ଓ ଲିଲିମା ମିଞ୍ଜ (ବାମରୁ ତୃତୀୟ ଓ ଚତୁର୍ଥ) ।

## ଲିଲିମା ପାଇଲେ ଏକଲବ୍ୟ ପୁରସ୍କାର

ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଦିଲୀପ। ସୁଯୋଗର ସଦ୍‌ବ୍ୟବହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମୁଁ ଯେତେବେଳେ କ୍ୟାରିୟର ଆରମ୍ଭ କଲି, ସେତେବେଳେ ଦଳରେ ସୁନୀଲ ଗାଭାସ୍କର, ଗୁଣ୍ଡାପ୍ପା ବିଶ୍ୱନାଥଙ୍କ ପରି ଅନେକ ନାମୀ ଖେଳାଳି ଥିଲେ। ମାତ୍ର ମୁଁ ସୁଯୋଗ ଅପେକ୍ଷାରେ ଥିଲି। ସୁଯୋଗ ପାଇଲା ମାତ୍ରେ ତାହାର ସଦ୍‌ବ୍ୟବହାର କଲି ଏବଂ ଭାରତୀୟ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳି ହେବାର ଗୌରବ ମିଳିଲା। କ୍ରିକେଟକୁ କ୍ୟାରିୟର କରିବାକୁ ଚାହୁଁଥିବା ପିଲାମାନେ କଠିନ ପରିଶ୍ରମ କରିବା ଆବଶ୍ୟକ। କାରଣ ପରିଶ୍ରମ କେବେ ବ୍ୟର୍ଥ ହୁଏନି କିମ୍ବା ଏହାର ବିକଳ୍ପ ନାହିଁ। ସୁଯୋଗ ଯେତେବେଳେ ମିଳୁଛି ତା’ର ଶତପ୍ରତିଶତ ସଦ୍‌ବ୍ୟବହାର କର। ଏହା ବ୍ୟତୀତ ଖେଳ ପ୍ରତି ଉତ୍କଣ୍ଠା, ଜାଣିବାର ଇଚ୍ଛା, ଉତ୍ସର୍ଗୀକୃତ ମନୋଭାବ, ଶୃଙ୍ଖଳା ଏବଂ ଏକାଗ୍ର ମନୋଭାବ ରହିଲେ ନିଶ୍ଚିତ ସଫଳ ହେବ। ସାମ୍ପ୍ରତିକ ସମୟରେ ଶିକ୍ଷା ବହୁତ ଗୁରୁତ୍ୱପୂର୍ଣ୍ଣ। ଖେଳିବା ସହିତ ଶିକ୍ଷିତ ହେବା ମଧ ଅତ୍ୟନ୍ତ ଜରୁରୀ ବୋଲି ଭେଙ୍ଗସରକାର ପ୍ରକାଶ କରିଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା, ଅର୍ଜୁନ ପୁରସ୍କାରପ୍ରାପ୍ତ ବଡିବିଲ୍ଡର ସୁନୀଲ ପାତ୍ର, ମକ୍‌ବୁଲ ଅଲ୍ଲୀ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ମାନିକା, ସାଥିୟାଁଙ୍କୁ ଶ୍ରେଷ୍ଠ ର୍‍ୟାଙ୍କିଂ

ନୂଆଦିଲ୍ଲୀ,୪।୧୧ (ପି.ଟି.)

ଭାରତର ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଟେବୁଲ ଟେନିସ ଖେଳାଳି ମାନିକା ବାତ୍ରା ଓ ଜି. ସାଥିୟାଁ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଂ ହାସଲ କରିଛନ୍ତି। ଇଣ୍ଟରନ୍ୟାଶନାଲ ଟେବୁଲ ଟେନିସ ଫେଡେରେଶନ (ଆଇଟିଏଫ୍ଏଫ୍) ପକ୍ଷରୁ ରବିବାର ର୍‍ୟାଙ୍କିଂ ତାଲିକା ପ୍ରକାଶ କରାଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ଭାରତୀୟ ମହିଳା ଭାବେ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ଜିତିଥିବା ମାନିକା ଦୁଇଟି ସ୍ଥାନ ପଦୋନ୍ନତି ପାଇ ବିଶ୍ୱର ୫୩ ନମ୍ବର ଖେଳାଳି ହୋଇପାରିଛନ୍ତି। ୨୩ ବର୍ଷୀୟା ତଥା ଅର୍ଜୁନ ପୁରସ୍କାର ବିଜୟିନୀ ଏହି ଟେବୁଲ ଟେନିସ ଖେଳାଳି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ସହ ମୋଟ ୪ ପଦକ ଜିତିଥିଲେ। ସେ ଆହୁରି ମଧ ଶରଥଙ୍କୁ ପାର୍ଟନର କରି ଏସିଆନ ଗେମ୍ସରେ ଐତିହାସିକ ମିକ୍ସଡ ଡବଲ୍ସ ବ୍ରୋଞ୍ଜ ଜିତିଥିଲେ। ର୍‍ୟାଙ୍କିଂ ଶ୍ରେଷ୍ଠ ୧୦୦ ଖେଳାଳି ମଧ୍ୟରେ ସେ ଏକମାତ୍ର ଭାରତୀୟ ରହିଛନ୍ତି। ଅନ୍ୟପକ୍ଷରେ ସାଥିୟାଁ ଏକ ନମ୍ବର ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନ ଅଧିକାର କରିଛନ୍ତି। ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୩ ପଦକ ଜିତିଥିବାବେଳେ ଏସିଆନ ଗେମ୍ସ ପୁରୁଷ ଟିମ୍ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ଜୋକୋଭିଚ୍‌ଙ୍କୁ ହରାଇ ଖାଚାନୋଭ ଚାମ୍ପିୟନ

ପ୍ୟାରିସ, ୪।୧୧ (ଏଏଫ୍‌ପି)

ରୁଷିଆର କାରେନ ଖାଚାନୋଭ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ବିଜୟ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୭-୫, ୬-୪ ସେଟ୍‌ରେ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ପ୍ୟାରିସ ମାଷ୍ଟର୍ସ ଟାଇଟଲ ହାସଲ କରିଛନ୍ତି।

# କ୍ଲବକୁ ସଦସ୍ୟତା ପ୍ରଦାନର ପୁନର୍ବିଚାର ହେଉ

କଟକ ଅଫିସ, ୪।୧୧

## ସିଓଏରୁ ଓସିଏକୁ ଚିଠି

କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ (ସିଓଏ)ର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)କୁ ଚିଠି ପରେ କେତେକ କ୍ରିକେଟ କ୍ଲବ ସଦସ୍ୟତା ପାଇବା ନେଇ ସମ୍ଭାବନା ଦେଖାଦେଇଛି। ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇଙ୍କ ନିକଟକୁ ଏହି ଚିଠି ଆସିଛି। ଖୁବ୍‌ଶୀଘ୍ର ବୈଠକ ଡକାଯାଇ ଓସିଏର ସମ୍ବିଧାନ ପୁନର୍ବାର ସଂଶୋଧନ କରାଯାଉ। ସାମାଜିକ କ୍ଲବ ଗୁଡ଼ିକୁ ବାଦ୍ ଦେଇ କ୍ରିକେଟ କ୍ଲବ ଗୁଡ଼ିକୁ ତାଲିକାଭୁକ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉ ବୋଲି ଚିଠିଲେ ଉଲ୍ଲେଖ କରାଯାଇଛି। ଏହି ଚିଠି ଦ୍ୱାରା କିଛିଦିନ ଧରି ଲାଗି ରହିଥିବା ଓସିଏ କାର୍ଯ୍ୟକାରୀ କମିଟି ଓ କ୍ରିକେଟ କ୍ଲବ ମୁଖ୍ୟଙ୍କ ମଧ୍ୟରେ ଶୀତଳଯୁଦ୍ଧ ଏକ ନୂତନ ମୋଡ଼ ନେବାକୁ ଯାଉଛି। ଓସିଏ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଧୀରେନ ପଲାଇ କହିଛନ୍ତି, ସିଓଏର ନିଷ୍ପତ୍ତିକୁ ସମ୍ମାନ ଜଣାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। କ୍ରିକେଟ କ୍ଲବକୁ ବାଛିବା ବେଳେ ବିଶେଷ ଭାବେ ଦୃଷ୍ଟି ଦିଆଯିବା ସହ ରାଜ୍ୟ କ୍ରିକେଟର ମୂଳଦୁଆ କୁହାଯାଉଥିବା କ୍ଲବଗୁଡ଼ିକର ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯିବ। ସୂଚନାଥାଉ କି, ଗତ ଅଗଷ୍ଟ ୨୧ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)କୁ ସମ୍ବିଧାନ ସଂଶୋଧନ କରାଯିବା ନେଇ ନିର୍ଦ୍ଦେଶ ଆସିଥିଲା। ନିର୍ଦ୍ଦେଶନାମାରେ ଏକ ମାସ ମଧ୍ୟରେ ସମ୍ବିଧାନ ସଂଶୋଧନ ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଏ ନେଇ ଓସିଏ ପକ୍ଷରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଡକାଯିବା ପରେ ସମସ୍ତଙ୍କ ମତ ଲୋଡ଼ି ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଓସିଏ କାର୍ଯ୍ୟକାରୀ କମିଟି ପକ୍ଷରୁ ପ୍ରଥମେ କୁହାଯାଇଥିଲା। ମାତ୍ର ବୈଠକ ଡାକିବା ତ ଦୂରର କଥା ତରବରିଆ ଭାବେ ସମ୍ବିଧାନ ସଂଶୋଧନ ରିପୋର୍ଟ ପ୍ରସ୍ତୁତ କରାଯାଇ ପଠାସରିଛି ବୋଲି ଜଣାପଡ଼ିବା ପରେ ସେପ୍ଟେମ୍ବର ଶେଷ ସପ୍ତାହରେ ରାଜ୍ୟ କ୍ରିକେଟ କ୍ଷେତ୍ରରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ସମ୍ବିଧାନ ସଂଶୋଧନ ରିପୋର୍ଟରେ କ୍ଲବ ଗୁଡ଼ିକୁ ବାଦ ଦିଆଯାଇଥିବା ଜାଣି ପ୍ରମୁଖ କ୍ଲବର ମାଲିକମାନେ ମେଳି ବାନ୍ଧିବା ସହ ଏହାକୁ ତୀବ୍ର ବିରୋଧ କରିଥିଲେ। ଏପରିକି ସେମାନେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ସିଇଓ ରାହୁଲ ଜୋହରୀ ଓ ସିଓଏର ଅଧ୍ୟକ୍ଷ ବିନୋଦ ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଏହାର କିଛି ଦିନ ପରେ ଓସିଏକୁ କ୍ଲବମାନଙ୍କ ସ୍ୱାର୍ଥ ନେଇ ଚିଠି ଆସିଛି, ଯାହା କ୍ଲବ ମାନଙ୍କ ନିମନ୍ତେ ପୁନର୍ବାର ସୁଯୋଗ ସୃଷ୍ଟି କରିବ ।

### କାର୍ଯ୍ୟକାରୀ କମିଟିକୁ ଭାଙ୍ଗିବାକୁ ଦାବି

ଓସିଏରେ କାର୍ଯ୍ୟକାରୀ କମିଟି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ହେଳା କରୁଛି। ଏଣୁ ଏହାକୁ ଭାଙ୍ଗି ଦିଆଯାଉ ବୋଲି କ୍ରିକେଟ କ୍ଲବ ଗୁଡ଼ିକ ପକ୍ଷରୁ ଦାବି ହୋଇଛି। ଏ ନେଇ ରବିବାର ମଧ୍ୟାହ୍ନରେ ବାଦାମବାଡ଼ିସ୍ଥିତ ଏକ ହୋଟେଲରେ ବୈଠକ ଡକାଯାଇଥିଲା। ସମସ୍ତ କ୍ଲବର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକାରୀ କମିଟି ବଦଳରେ ଏକ ଜୁଡିସିଆଲ କମିଟି ନିୟୋଜିତ କରିବାକୁ ମଧ ଦାବି ହୋଇଥିଲା ।

# କୌଣସି ଦଳକୁ ହେୟ ମନେ କରିହେବ ନାହିଁ: ହରେନ୍ଦ୍ର

ଭୁବନେଶ୍ୱର, ୪।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଆଉ ମାତ୍ର ୩ ସପ୍ତାହ ପରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବାକୁ ଯାଉଛି ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ। ଏ ନେଇ ସାରା ରାଜ୍ୟରେ ହକିକୁ ନେଇ ଅହେତୁକ କ୍ରେଜ୍ ସୃଷ୍ଟି ହୋଇଛି। ଭାରତରେ ତୃତୀୟ ଓ ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ଇଭେଣ୍ଟ ପାଇଁ ଆୟୋଜକ ଭାରତ ତାର ପ୍ରସ୍ତୁତି ଆରମ୍ଭ କରିଛି। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ସହ ଯୁଗ୍ମ ଚାମ୍ପିୟନ ହୋଇ ଭାରତ ଇତିମଧ୍ୟରେ ଭୁବନେଶ୍ୱର ଫେରିଛି। ୨୫ଜଣିଆ କୋର ଗ୍ରୁପ୍‌ର ପ୍ରଶିକ୍ଷଣ ଶିବିର ମଧ ପୁଣିଥରେ ଆରମ୍ଭ ହୋଇଛି। ଚାମ୍ପିୟନ୍ସ ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ ପରେ ଭାରତୀୟ ଦଳ ବେଶ୍ ଉତ୍ସାହିତ ରହିଛି। କୋଚ୍ ହରେନ୍ଦ୍ର ସିଂ, ଅଧିନାୟକ ମନପ୍ରୀତ୍ ସିଂ, ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍‌ଙ୍କ ସହିତ ଅନ୍ୟ ଖେଳାଳିମାନେ ମଧ ବେଶ୍ ଆତ୍ମବିଶ୍ୱାସର ସହ ପୁଣି ଥରେ ଅଭ୍ୟାସକୁ ଓହ୍ଲାଇଛନ୍ତି। ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ ନେଇ କୋଚ ହରେନ୍ଦ୍ର ଆଶାବାଦୀ ଅଛନ୍ତି। ରବିବାର ପୂର୍ବାହ୍ନରେ ଗଣମାଧ୍ୟମ ସହ ବାର୍ତ୍ତାଳପ ବେଳେ ହରେନ୍ଦ୍ର ବିଶ୍ୱକପ୍, ଦଳର ପ୍ରସ୍ତୁତି ଓ ଖେଳାଳିଙ୍କ ସମ୍ପର୍କରେ ନିଜର ବହୁମୂଲ୍ୟ ମତ ରଖିଥିଲେ।

ହକି ବିଶ୍ୱକପ୍ ନେଇ ଆମେ ପ୍ରସ୍ତୁତି ଚଳାଇଛୁ ଓ ଠିକ୍ ସମୟରେ ଆମେ ପ୍ରାକ୍ ପ୍ରସ୍ତୁତି ଶେଷ କରିବୁ ବୋଲି ହରେନ୍ଦ୍ର କହିଛନ୍ତି। ଦଳର ଗେମ୍ ପ୍ଲାନ ଓ ଅନ୍ୟାନ ଯୋଜନା ସମ୍ପର୍କରେ ସେ କିଛି କହିବାକୁ ମନା କରିଥିଲେ। କାରଣ ଏହି ସବୁ କଥା ମ୍ୟାଚ ପୂର୍ବରୁ ଡ୍ରେସିଂ ରୁମ୍‌ରେ ଆଲୋଚନା କରାଯାଇଥାଏ।

# ବିପ୍ଳବଙ୍କ ଶତକ, ମ୍ୟାଚ ଡ୍ର’

ଭୁବନେଶ୍ୱର, ୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ଅଧିନାୟକ ବିପ୍ଳବ ସାମନ୍ତରାୟ (୧୦୩) ଙ୍କ ଅପରାଜିତ ଶତକ ଯୋଗୁ ସ୍ଥାନୀୟ କିଟ୍ ଷ୍ଟାଡିୟମଠାରେ ଚାଲିଥିବା ହରିୟାଣା ବିପକ୍ଷ ରଣ୍‌ଜୀ ଟ୍ରଫି ଏଲିଟ୍ ଗ୍ରୁପ୍–ସି’ର ଏକ ପ୍ରଥମ ରାଉଣ୍ଡ ମ୍ୟାଚକୁ ଓଡ଼ିଶା ଡ୍ର’ ରଖିପାରିଛି। ଏଥିଯୋଗୁ ପଏଣ୍ଟ ବଣ୍ଟୁଆରା ହୋଇଛି। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ହରିୟାଣା ୩ ପଏଣ୍ଟ ଲାଭ କରିଥିବା ବେଳେ

### ସଂକ୍ଷିପ୍ତ ସ୍କୋର

- ଓଡ଼ିଶା ପ୍ରଥମ ଇନିଂସ: ୩୨୪
- ହରିୟାଣା ପ୍ରଥମ ଇନିଂସ: ୪୪୨
- ଓଡ଼ିଶା ଦ୍ୱିତୀୟ ଇନିଂସ: ୨୬୭/୭ (ବିପ୍ଳବ ସାମନ୍ତରାୟ-୧୦୩*, ଶୁଭ୍ରାଂଶୁ ସେନାପତି-୪୫, ଅନୁରାଗ ଷଡ଼ଙ୍ଗୀ-୨୯, ସାନ୍ତନୁ ମିଶ୍ର-୨୪, ଗୋବିନ୍ଦ ପୋଦ୍ଦାର-୨୨; ଜୟନ୍ତ ଯାଦବ-୨/୪୫, ଟିନୁ କୁଣ୍ଡୁ-୨/୬୪)।

### ରଣଜୀ ଟ୍ରଫି : ଓଡ଼ିଶା-ହରିୟାଣା

ଓଡ଼ିଶାକୁ ୧ ପଏଣ୍ଟ ମିଳିଛି। ରବିବାର ଥିଲା ମ୍ୟାଚର ଚତୁର୍ଥ ତଥା ଅନ୍ତିମ ଦିବସ। ପ୍ରଥମ ଇନିଂସରେ ୧୧୮ ରନରେ ପଛୁଆ ଥିବା ଘରୋଇ ଦଳ ସକାଳେ ଏହାର ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୦/୧ରୁ ଏହାର ଖେଳ ଆରମ୍ଭ କରିଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଦଳ ୭ଉଇକେଟ ହରାଇ ୨୬୭ ରନ କରିଥିଲା। ବିପ୍ଳବଙ୍କ ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ସେନାପତି ୪୫ ରନ କରିଥିଲେ। ଶୁଭ୍ରାଂଶୁ ତାଙ୍କ ଶତକୀୟ ଇନିଂସରେ ୨୧୦ ବଲ୍ ସାମ୍ନା କରିଥିଲେ। ସେ ୧୪ଟି ଚୌକା ଓ ୨ଟି ଛକା ଲଗାଇଥିଲେ। ହରିୟାଣା ପକ୍ଷରୁ ଟିନୁ କୁଣ୍ଡୁ ଓ ଜୟନ୍ତ ଯାଦବ ୨ଟି ଲେଖାଏଁ ଉଇକେଟ ନେଇଥିବାବେଳେ ହର୍ଶଲ ପଟେଲ, ମୋହିତ ଶର୍ମା ଓ ଚୈତନ୍ୟ ବିଶ୍ନୋଇ ଗୋଟିଏ ଲେଖାଏଁ ଉଇକେଟ ପାଇଥିଲେ।





ଶତକ ହାସଲ ପରେ ବିପ୍ଳବ ସାମନ୍ତରାୟ । ରାକେଶ ମହାନ୍ତିଙ୍କୁ ଟିପ୍ସ ଦେଉଛନ୍ତି ହରିୟାଣା ଅଧିନାୟକ ମୋହିତ ଶର୍ମା । (ଫଟୋ–ମୌସମ)

■ ସର୍ବଭାରତୀୟ ସିବିଏସ୍‌ଇ ଚେସ୍

# ସିଡିଏ ଡିଏଭି ଛାତ୍ରୀଙ୍କୁ ଦ୍ୱୈତ ସଫଳତା

ଭୁବନେଶ୍ୱର, ୪।୧୧ (ସ୍ପୋର୍ଟ୍ସ ବ୍ୟୁରୋ)

ମଧ୍ୟପ୍ରଦେଶର ଗ୍ୱାଲିୟରର ଶିବପୁରୀସ୍ଥିତ ଭାରତୀୟ ବିଦ୍ୟା ନିକେତନରେ ଅନୁଷ୍ଠିତ ହୋଇଥିବା ସିବିଏସ୍‌ଇ ଫାର ଅଲ୍ ଇଣ୍ଡିଆ ଚେସ୍ ଚାମ୍ପିୟନଶିପ୍‌ରେ କଟକ ସିଡିଏସ୍ଥିତ ଡିଏଭି ସ୍କୁଲର ଛାତ୍ରୀମାନେ ଦ୍ୱୈତ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଡିଏଭିର ୧୧ ବର୍ଷରୁ କମ୍ ଦଳ ବ୍ରୋଞ୍ଜ୍ ଓ ୧୪ ବର୍ଷରୁ କମ୍ ଦଳ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି। ୧୧ ବର୍ଷରୁ କମ୍ ଦଳରେ ସାମିଲ ଥିଲେ ଅମ୍ରୁଶା ମହାନ୍ତି, ଋତୁପର୍ଣ୍ଣା ତ୍ରିପାଠୀ, ଅଂଶିତା ପଟ୍ଟନାୟକ ଓ ନିହାରିକା ଦାସ। ସେହିପରି ୧୪ ବର୍ଷରୁ କମ୍ ଦଳରେ ସାମିଲ ଥିଲେ ପି ସାଇରୂପା, ଆଦିଶା ଦାଶ, ଆୟୁଷୀ ଅଭିଜ୍ଞାନ ଓ ଅଙ୍କିତା ସାହୁ। ସର୍ବଭାରତୀୟ ସ୍ତରର ୪ଟି ଜୋନ୍‌ରୁ ୧୫୦ଟି ସ୍କୁଲ ଏଥିରେ ଅଂଶଗ୍ରହଣ କରିଥିଲେ।



ସିଜନ ଆରମ୍ଭରେ ରିୟଲ ମାଡ୍ରିଡ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏଥର ଟ୍ରଫି ଜିତିବାର ସାମର୍ଥ୍ୟ ରଖିଛି।
– ସାଣ୍ଟିଆଗୋ ସୋଲାରି, ରିୟଲ ମାଡ୍ରିଡ କାମଚଳା ମ୍ୟାନେଜର



ସାର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ଆଭରେଜକୁ ଛାଡ଼ିଦେଲେ ବିରାଟ କୋହଲି ଅନ୍ୟ ସମସ୍ତ ରେକର୍ଡକୁ ଭଙ୍ଗ କରିଦେଇପାରିବେ।
–ଷ୍ଟିଭ ୱ', ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ବିବାହ କଲେ ମୋର୍ଗାନ

**ଲଣ୍ଡନ,୪।୧୧:** ଇଂଲଣ୍ଡ ଦିନିକିଆ ଦଳର ଅଧିନାୟକ ଇଆନ ମୋର୍ଗାନ ଶନିବାର ଦୀର୍ଘଦିନର ବାନ୍ଧବୀ ତାରା ରିଡ୍‌ଗୱେଙ୍କୁ ବିବାହ କରିଛନ୍ତି। ଏହି ନୂଆ ଦମ୍ପତି ସମରସେଟ୍‌ସ୍ଥିତ ଐତିହାସିକ ବାବିଙ୍ଗଟନ ହାଉସଠାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ହାଇପ୍ରୋଫାଇଲ ବିବାହ ଉତ୍ସବରେ ନ୍ୟୁଜିଲାଣ୍ଡ ଦଳର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକୁଲମ, କ୍ରିକେଟରେ ଅବସର ନେଇଥିବା ଇଂଲଣ୍ଡ ଓପନର ଆଲିଷ୍ଟର କୁକ୍, ଜାସୋନ ରୟ ଓ ଜୋସ ବଟଲର ଯୋଗ ଦେଇଥିଲେ। ବିବାହ ସମ୍ପର୍କରେ ମୋର୍ଗାନଙ୍କ ବ୍ୟତୀତ ମ୍ୟାକୁଲମ ମଧ୍ୟ ଟୁଇଟ୍ କରି ସୂଚନା ଦେଇଛନ୍ତି। ପୂର୍ବରୁ ଆୟର୍ଲାଣ୍ଡ ପକ୍ଷରୁ ଖେଳିଥିବା ମୋର୍ଗାନ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୧୬ ଟେଷ୍ଟ, ୨୧୨ ଦିନିକିଆ ଓ ୭୭ ଟି୨୦ ଖେଳି ସାରିଛନ୍ତି। ତାଙ୍କ ନେତୃତ୍ୱରେ ଇଂଲଣ୍ଡ ଆଗାମୀ ବିଶ୍ୱକପ୍ ଖେଳିବ।

### ୬ ଉଇକେଟରେ ଜିତିଲା ଦ. ଆଫ୍ରିକା

**ପର୍ଥ,୪।୧୧(ଏଏଫ୍‌ପି):** ଏଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଦକ୍ଷିଣ ଆଫ୍ରିକା ଦଳ ୬ ଉଇକେଟରେ ଜିତି ନେଇଛି। ପେସର ଡେଲ ଷ୍ଟେଇନ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଁ ବିବେଚିତ କରାଯାଇଛି। ମାତ୍ର ୧୫୩ ରନ୍‌ର ବିଜୟ ଲକ୍ଷ୍ୟକୁ ନେଇ ଓହ୍ଲାଇଥିବା ଦ. ଆଫ୍ରିକା ପକ୍ଷରୁ ଦୁଇ ଓପନର କୁଇଣ୍ଟନ ଡି'କକ୍ (୪୭) ଓ ରିଜା ହେଣ୍ଡ୍ରିକ୍ସ (୪୪) ଦଳ ପାଇଁ ୯୪ ରନ୍ ଯୋଗ କରିଥିଲେ। ଉଭୟ ଆଉଟ୍ ହେବା ପରେ ଆଡିଏମ ମାର୍କାମଙ୍କ ୩୬ ଓ ଅଧିନାୟକ ଫାଫ ଡୁ'ପ୍ଲେସିଙ୍କ ଅପରାଜିତ ୧୦ ରନ୍ ଯୋଗୁ ଭ୍ରମଣକାରୀ ଦଳ ୨୯.୨ ଓଭରରେ ୧୫୩ ରନ୍ କରି ବିଜୟ ଲାଭ କରି ନେଇଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ ଦଳ ୪୮ ରନ୍‌ରେ ୫ ଉଇକେଟ ହରାଇ ୧୦୦ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଯିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ମାତ୍ର ଆଲେକ୍ସ ଗାରେ (୩୩) ଓ ନାଥନ କୁଲ୍ଟରନାଇଲ (୩୪)ଙ୍କ ଯୋଗୁ ଦଳ ୩୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ୍ କରିପାରିଥିଲା। ବିଜୟୀ ଦଳ ପାଇଁ ଆଣ୍ଡିଲେ ଫେଲୁକ୍ୱାୟୋ ୩ ଉଇକେଟ ନେଇଥିବାବେଳେ ଷ୍ଟେଇନ ଓ ଲୁଙ୍ଗି ଏନ୍‌ଗିଡି ୨ ଲେଖାଏ ସଫଳତା ପାଇଥିଲେ।

### ଟି୨୦ ସିରିଜ୍‌ରୁ ରସେଲ ଆଉଟ୍

**କୋଲକାତା,୪।୧୧:** ଟେଷ୍ଟ ଓ ଦିନିକିଆ ସିରିଜ୍ ପରାଜୟ ପରେ ଟି୨୦ ଫର୍ମାଟରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଥିବା ୱେଷ୍ଟଇଣ୍ଡିଜ୍ ଦଳକୁ ରବିବାର ଶକ୍ତ ଧକ୍କା ଲାଗିଛି। ଦଳର ମୁଖ୍ୟ ଅଲରାଉଣ୍ଡର ଆଣ୍ଡ୍ରେ ରସେଲ ସିରିଜ୍‌ରୁ ଓହରି ଯାଇଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଛି। ତାଙ୍କ ବଦଳରେ ଭାରତ ବିପକ୍ଷ ଦିନିକିଆ ସିରିଜ୍‌ରେ ବ୍ୟାଟ୍‌ରେ ଭଲ ପ୍ରଦର୍ଶନ କରିଥିବା ଶାଇ ହୋପଙ୍କୁ ଦଳରେ ସ୍ଥାନ ମିଳିବ।

# ଭାରତର ସହଜ ବିଜୟ

କୋଲକାତା,୪।୧୧ (ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ଲୋ ସ୍କୋରିଂ ପ୍ରଥମ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ଘରୋଇ ଭାରତ ୧୩ଟି ବଲ ବାକି ଥାଇ ୫ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୭.୫ ଓଭରରେ ୫ ଉଇକେଟ ହରାଇ ୧୧୦ ରନକରି ବିଜୟ ହାସଲ କରିଥିଲା। ଫଳରେ ୩

**ପ୍ରଥମ ଟି୨୦**

ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧–୦ରେ ଅଗ୍ରଣୀ ହାସଲ କରିଛି। ୧୩ ରନ ବ୍ୟୟ କରି ୩ ଉଇକେଟ ଅକ୍ତିଆର କରିଥିବା ଭାରତୀୟ ସ୍ପିନର କୁଲଦୀପ ଯାଦବ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୧୦ରନ ଟାର୍ଗେଟର ପିଛା କରି ଭାରତ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ତଥା ଅଧିନାୟକ ରୋହିତ ଶର୍ମା ୬, ଶିଖର ଧାୱନ ୩, ରିଷଭ ପନ୍ତ ୧, ଲୋକେଶ ରାହୁଲ ୧୬, ମନୀଷ ପାଣ୍ଡେ ୧୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟ ଯୋଡିରେ କାର୍ତ୍ତିକ ଓ ପାଣ୍ଡେ ୩୮ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ତେବେ ଷଷ୍ଠ ଉଇକେଟ ଯୋଡିରେ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଅପରାଜିତ ୨୭ ରନ କରି ଦଳକୁ ଜିତାଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ୍‌ର ଓଶାନ ଥୋମାସ ଓ କ୍ରେଗ୍ ବ୍ରାଥୱେଟ୍ ଦୁଇଟି ଲେଖାଏ, ଖାରେ



ବିଜୟସୂଚକ ରନ୍ ସଂଗ୍ରହ ପରେ ଖୁସି ମୁହୂର୍ତ୍ତରେ କ୍ରୁନାଲ ପାଣ୍ଡ୍ୟା ଓ ଦୀନେଶ କାର୍ତ୍ତିକ ।

ପିଏର ଗୋଟିଏ ଉଇକେଟ ନେଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭାରତୀୟ ବୋଲରମାନେ ଉଚ୍ଚକୋଟୀର ବୋଲିଂ କରି ଭ୍ରମଣକାରୀ ଦଳକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇ ନ ଥିଲେ। ୫୬ ରନରେ ୱେଷ୍ଟଇଣ୍ଡିଜ୍ ୬ ଉଇକେଟ ହରାଇଥିଲା। ନିମ୍ନକ୍ରମରେ ଫାବିଆନ ଆଲେନ୍ ୨୭ ଓ କିମୋ ପଲ ଅପରାଜିତ ୧୫, ଖାରି ପିଏର ଅପରାଜିତ ୯ ରନ କରି ଦଳର ସ୍କୋରକୁ ୧୦୦ ରନ ପାର କରାଇଥିଲେ। ୱେଷ୍ଟଇଣ୍ଡିଜ ଅଷ୍ଟମ ଉଇକେଟ ଯୋଡିରେ ୨୪ ଓ ନବମ ଉଇକେଟ ଯୋଡିରେ ଅପରାଜିତ ୨୨ ରନ ସଂଗ୍ରହ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର ଶାଇ ହୋପ୍ ୧୪, ଶିମରନ ହେଟମେର ୧୦, କିରନ ପୋଲାର୍ଡ ୧୪ ରନ କରି ଆଉଟ ହୋଇଥିବା ବେଳେ ବାକି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ସେହିପରି ଉଇକେଟ କିପର ବ୍ୟାଟ୍ସମ୍ୟାନ ଦୀନେଶ ରାମଦିନ ୨, ଡାରେନ ବ୍ରାଭୋ ୫, ରୋଭମ୍ୟାନ ପାୱେଲ ୪, ଅଧିନାୟକ କାର୍ଲୋସ ବ୍ରାଥୱେଟ୍ ୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଚାଇନାମ୍ୟାନ କୁଲଦୀପ ଯାଦବ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଉମେଶ ଯାଦବ, ଖଲିଲ ଅହମ୍ମଦ, ଯଶପ୍ରୀତ ବୁମ୍‌ରା ଓ ପଦାର୍ପଣ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭାଇ ତଥା ଆଇପିଏଲ୍ ତାରକା କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ଭାରତର କ୍ରୁନାଲ, ଖଲିଲଙ୍କ ସମେତ ୱେଷ୍ଟଇଣ୍ଡିଜର ୩ ଖେଳାଳି ପଦାର୍ପଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର :** ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୧୦୯/୮ (ଆଲେନ– ୨୭, ପଲ– ୧୫*, ପୋଲାର୍ଡ– ୧୪, ହୋପ୍– ୧୪, ହେଟମେର– ୧୦, କୁଲଦୀପ– ୩/୧୩)। ଭାରତ ୧୭.୫ ଓଭରରେ ୧୧୦/୫ (କାର୍ତ୍ତିକ– ୩୧*, କ୍ରୁନାଲ– ୨୧*, ପାଣ୍ଡେ– ୧୯, ରାହୁଲ– ୧୬, ଥୋମାସ– ୨/୨୧, ବ୍ରାଥୱେଟ୍– ୨/୧୧)।

# ରାଜ୍ୟସ୍ତରୀୟ ମହିଳା ଚେସ୍: ସ୍ମାରକୀ ଚାମ୍ପିୟନ

କେନ୍ଦ୍ରାପଡା ଅଫିସ, ୪।୧୧

ଅଲ ଓଡ଼ିଶା ଚେସ ଆସୋସିଏଶନ ଓ କେନ୍ଦ୍ରାପଡା ଜିଲା ଚେସ ଆସୋସିଏଶନ ଆନୁକୂଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ସ୍ମାରକୀ ମହିଳା ଚେସ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ସ୍ମାରକୀ ମହାନ୍ତି ଚାମ୍ପିୟନ ହୋଇଛନ୍ତି । ଖୋର୍ଦ୍ଧାର ଯାଶିତା ରାଉତ ୨ୟ, କଟକର ପ୍ରକୃତି ରାଉତ ୩ୟ ଓ କଟକର ଐଶ୍ୱର୍ଯ୍ୟା ସାହୁ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଏହି ୪ କୃତି ପ୍ରତିଯୋଗୀ ରାଜସ୍ଥାନର ଜୟପୁରଠାରେ ନଭେମ୍ବର ୧୮ରୁ ୨୬ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟ ମହିଳା ଚେସ ଚାମ୍ପିୟନଶିପରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ଖୋର୍ଦ୍ଧାର ଅନନ୍ୟା ଅନାମିକା, କୃଷ୍ଣା ମିଶ୍ର, କଟକର ସୀମି ସୀକୃତି, ଦିବାଶ୍ରିତା ସ୍ୱାଇଁ, ସାଇ ସମ୍ପଦା ମହାନ୍ତି ଓ ଗଞ୍ଜାମର ରଶ୍ମିତା କୁମାରୀ ପାତ୍ର କୃତିତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ସେହିପରି ବିଭିନ୍ନ ବୟସ ବର୍ଗ ମଧ୍ୟରୁ କଟକର ନୀତିଶା ସର ୭ ବର୍ଷରୁ କମ୍, କଟକର ଶ୍ରେୟା ପ୍ରିୟଦର୍ଶିନୀ ୯ ବର୍ଷରୁ କମ୍, ଖୋର୍ଦ୍ଧାର ନିୟତି ନିହାରିକା ମହାପାତ୍ର ୧୧ ବର୍ଷରୁ କମ୍ ଓ କେନ୍ଦ୍ରାପଡ଼ାର ଶ୍ରେୟାସିଂ ମଲ୍ଲ ୧୩ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଜିଲା ଆସୋସିଏଶନ କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହଙ୍କ ଅଧ୍ୟକ୍ଷତାରେ





କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ ।

ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ରାକେଶ ମହାନ୍ତି, ମନୋଜ ପରିଡ଼ା, ନାରାୟଣ ଦାସ, ଜିଲା ସଂଘ ସମ୍ପାଦକ ଭବେଶ ମହାନ୍ତି ଓ କୋଚ ସତ୍ୟନାରାୟଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# କାଉଣ୍ଟରରେ ଟିକେଟ ବିକ୍ରି ଆଜିଠାରୁ

ଭୁବନେଶ୍ୱର, ୪।୧୧(ସ୍ପୋର୍ଟ୍ସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଲାଗି ସୋମବାରଠାରୁ କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଏ ସଂକ୍ରାନ୍ତରେ ରବିବାର ହକି ଇଣ୍ଡିଆ ଘୋଷଣା କରିଛି। ଏହି ଟିକେଟଗୁଡିକ କଳିଙ୍ଗ ଷ୍ଟାଡିୟମର ବକ୍ସ ଅଫିସ୍ ଓ ଭୁବନେଶ୍ୱରର ବିଭିନ୍ନ ଆଉଟଲେଟ୍ ତଥା ଦୋକାନରେ ଉପଲବ୍ଧ ହେବ। କଟକର ୨ଟି ଆଉଟ୍‌ଲେଟ୍‌ରେ ମଧ୍ୟ ଏହି ଟିକେଟଗୁଡିକ କ୍ରୟ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି।

ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର ୩ ସପ୍ତାହ ବାକିଥିବା ବେଳେ ଆୟୋଜକମାନେ ହକିପ୍ରେମୀଙ୍କ ସୁବିଧା ନିମନ୍ତରେ ସହରର ବିଭିନ୍ନ ସ୍ଥାନରେ ଟିକେଟ ଆଉଟଲେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ମେଗା ଇଭେଣ୍ଟ ଆସନ୍ତା ୨୮ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। କଳିଙ୍ଗ ଷ୍ଟାଡିୟମର ୯ ନମ୍ବର ଗେଟ୍‌ରେ ଥିବା ବକ୍ସ ଅଫିସ୍‌ରେ ମଧ୍ୟ ଟିକେଟ ମିଳିପାରିବ। ପ୍ରତିଦିନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟିକେଟ ବିକ୍ରି ଜାରି ରହିବ।





ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମ ଓ ୧୧ ନମ୍ବର ଦଳ କାନାଡ଼ା ପରସ୍ପରକୁ ଭେଟିବେ। ଆୟୋଜକ ଭାରତ ଉଦ୍‌ଘାଟନୀ ଦିବସର ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱର ୧୫ ନମ୍ବର ଦଳ ଦକ୍ଷିଣ ଆଫ୍ରିକାକୁ ଭେଟିବ। ବିଶ୍ୱ ର୍‍ୟାଙ୍କିଙ୍ଗର ୫ ନମ୍ବର ଦଳ ଭାରତ ପୁଲ୍ ସି'ରେ ଆଉ ଦୁଇଟି ମ୍ୟାଚ୍ ଖେଳିବ। ଡିସେମ୍ବର ୨ ତାରିଖରେ ଭାରତ ବେଲଜିୟମ୍ ଓ ୮ ତାରିଖରେ କାନାଡ଼ାକୁ ଭେଟିବ।

ଟିକେଟଗୁଡିକର ମୂଲ୍ୟ ବେଶ୍ ଶସ୍ତା ରଖାଯାଇଛି। ଇଷ୍ଟ ବା ପୂର୍ବ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୨୦୦ ଟଙ୍କା ରଖାଯାଇଛି। ସେହିପରି ନର୍ଥ ବା ଉତ୍ତର ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟ ୧୦୦ ଓ ସାଉଥ୍ ବା ଦକ୍ଷିଣ ଷ୍ଟାଣ୍ଡ ପାଇଁ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ତେବେ ଟିକେଟର ଏହି ମୂଲ୍ୟଗୁଡିକ ପୁଲ ପର୍ଯ୍ୟାୟ ଓ କ୍ରସ୍ ଓଭର ମ୍ୟାଚ୍ ପାଇଁ ଉଦ୍ଦିଷ୍ଟ। ତେବେ ନକ୍‌ଆଉଟ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପାଇଁ ଟିକେଟ ମୂଲ୍ୟରେ ସାମାନ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହିସବୁ ମ୍ୟାଚ୍ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୨୫୦, ନର୍ଥ ଓ ସାଉଥ୍ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୧୫୦ ଟଙ୍କା ରଖାଯାଇଛି। ପୁଣି ଏହି ସାଧାରଣ ଟିକେଟଗୁଡିକ ମଧ୍ୟ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ।

ହକି ଇଣ୍ଡିଆ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ଦେଇଛନ୍ତି। ବିଶ୍ୱର ଏହି ଶ୍ରେଷ୍ଠ ହକି ଇଭେଣ୍ଟ ପାଇଁ ସୋମବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ହେବ ବୋଲି ସେ ଘୋଷଣା କରିଥିଲେ। ଏହି ମେଗା ଇଭେଣ୍ଟରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ। ବହୁ ସଂଖ୍ୟାରେ ପ୍ରଶଂସକ ବିଶ୍ୱକପ୍ ଦେଖିବାକୁ ଆସି ହକିର ମଜା ନିଅନ୍ତୁ ଓ ନିଜ ଦେଶ ତଥା ହିରୋମାନଙ୍କୁ ଉତ୍ସାହିତ ତଥା ଚିୟର କରନ୍ତୁ ବୋଲି ସେ କହିଛନ୍ତି।

### ଟିକେଟ ଉପଲବ୍ଧ ହେବାକୁ ଥିବା ଆଉଟ୍‌ଲେଟ୍

**ଭୁବନେଶ୍ୱର**

**୧**– ସ୍ପୋର୍ଟ୍ସ ଏମ୍ପୋରିୟମ: ଅପୋଜିଟ୍ ପାଲ ହାଇଟ, ଜୟଦେବ ବିହାର
**୨**– ସିଷ୍ଟର ମୋବାଇଲ: ବିଏମ୍‌ସି ଭବାନୀ ମଲ, ଶହୀଦ ନଗର
**୩**–ସିଷ୍ଟର ମୋବାଇଲ: ପ୍ଲଟ ନଂ ୮୮/୭, ବାପୁଜୀ ନଗର
**୪**– ଏସ୍.ଏସ୍. ଫ୍ରୋଜେନ ୱାର୍ଲ୍ଡ: କାନନ ବିହାର, ଚନ୍ଦ୍ରଶେଖରପୁର
**୫**– ଭୂତନାଥ ମୋବାଇଲ ୱାର୍ଲ୍ଡ: ୮୭/୮, ବାପୁଜୀ ନଗର
**୬**–ବି ୨୧: ଇଣ୍ଡଷ୍ଟ୍ରିଆଲ ଏରିଆ, ଖାରବେଳ ନଗର
**୭**– ବି ୨୧: ଅପୋଜିଟ ବିଏମ୍‌ସି ଭବାନୀ ମଲ୍ ପ୍ରସ୍ଥାନ ଦ୍ୱାର, ଶହୀଦ ନଗର
**୮**– ଇନ୍ ଆଣ୍ଡ ଆଉଟ୍: ପ୍ଲଟ ନଂ. ୩୦୫, ଭାରତ ପେଟ୍ରୋଲିୟମ ପେଟ୍ରୋଲ ପମ୍ପ, ଡିଷ୍ଟ୍ରିକ୍ଟ ସେଣ୍ଟର
**୯**– ବଡିଲାଇନ୍ ସ୍ପୋର୍ଟ୍ସ: ୫୦୧, ଖାରବେଳ ନଗର, ଜନପଥ, ଫ୍ରୁଟ୍ସ ମାର୍କେଟ ସାମ୍ନା
**୧୦**– ସି ଡେକୋର୍ସ: ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର
**୧୧**–ବ୍ରିଉବେକ୍ସ ୭ ସ୍କାଏ ଆଇଟିଇଆର: ୧୧୯୯, ଜାଗମରା ସୁନ୍ଦରପଦା ରୋଡ ଖଣ୍ଡଗିରି
**୧୨**– ଏଫ୍‌ଏଚ୍‌୧୭ ସେଲୁନ: ୫୨୪– ୧୨୨, କାଳୀମନ୍ଦୀର ରୋଡ, ସତ୍ୟନଗର
**୧୩**– ଉଜଳା କାର ଫ୍ୟାସନ୍: ଖଣ୍ଡଗିରି ଛକ, ପାତ୍ରପଡ଼ା
**୧୪**– ଅଲିମ୍ପିକ ସ୍ପୋର୍ଟ୍ସ: ୪୨, ଜନପଥ ରୋଡ, ଶ୍ରୀଲେଦର ପାଖ, ଅଶୋକ ନଗର
**୧୫**– ରିଲାଏନ୍ସ ଫୁଡ୍ କୋର୍ଟ: ଶ୍ରୀୟା ଟକିଜ୍, ମାଷ୍ଟରକ୍ୟାଣ୍ଟିନ ଏରିଆ
**୧୬**– କ୍ଲାସିକ ବଟିକ୍ ଆଣ୍ଡ ବିଉଟି ସେଲୁନ: ଲକ୍ଷ୍ମୀ ନଗର
**୧୭**– ରିଲାଏନ୍ସ ଡିଜିଟାଲ: ରସୁଲଗଡ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ
**୧୮**– ଦି ହେୟାର ହାକର: ପ୍ଲଟ୍ ନଂ ୬୦୬/ ୩୭୫, ବମିଖାଲ, ଉତ୍କଳ ହୁଣ୍ଡାଇ ପାଖ

**କଟକ**

**୧୯**– ଅଲିମ୍ପିକ ସ୍ପୋର୍ଟ୍ସ: ରାଜାବଗିଚା
**୨୦**– ବ୍ଲାଷ୍ଟ: ରେକ୍ସ ପ୍ଲାଜା, ପଞ୍ଚମ ଫ୍ଲୋର, ଜୋବ୍ରା ରୋଡ, ଏଲ୍‌ଆଇସି କଲୋନୀ

# ଓଡ଼ିଶା ଏକାଦଶ ସିରିଜ ବିଜୟୀ

ରାଉରକେଲା ଅଫିସ, ୪।୧୧

**ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ପ୍ରଦର୍ଶନୀ ମ୍ୟାଚ୍**

ସ୍ଥାନୀୟ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରଦର୍ଶନୀ ହକି ମ୍ୟାଚ୍‌ରେ ଓଡ଼ିଶା ଏକାଦଶ ସଡନ୍ ଡେଥ୍ ମାଧ୍ୟମରେ ନ୍ୟୁ ସାଉଥ୍ ୱେଲ୍ସକୁ ୧–୦ରେ ପରାସ୍ତ କରିଛି। ଫଳରେ ଓଡ଼ିଶା ସିରିଜ ବିଜୟ ହାସଲ କରିଛି। ସୂଚନାଯୋଗ୍ୟ, ଗତ ୧ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଏକାଦଶ ୫–୧ ଗୋଲରେ ସାଉଥ୍‌କୁ ହରାଇଥିଲା। ପରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁ ସାଉଥ୍ ୱେଲ୍ସ ଓଡିଶାକୁ ୩–୨ରେ ହରାଇବାରୁ ସିରିଜ ଅମୀମାଂସିତ ରହିଲା। ଏଣୁ ପେନାଲ୍ଟି ଶୁଟ୍ ଆଉଟ୍‌ର ଆଶ୍ରୟ ନିଆଗଲା। ଏହା ମଧ୍ୟ ୪–୪ରେ ଅମୀମାଂସିତ ରହିବାରୁ ସଡନ ଡେଥ୍‌ର ଆଶ୍ରୟ ନିଆଯାଇଥିଲା। ଏଥିରେ ଓଡ଼ିଶା ଅଧିନାୟକ ରୋଶନ ମିଞ୍ଜ ଗୋଲସ୍କୋର କରି ଦଳକୁ ୫–୪ ଗୋଲରେ ଜିତାଇଥିଲେ। ନ୍ୟୁ ସାଉଥ୍ ୱେଲ୍ସ ଅଧିନାୟକ କର୍ଟ ଲୋଭେଟ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଓଡ଼ିଶା ଦଳର ଅଧିନାୟକ ରୋଶନ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ, ଆର୍‌ଡିଏ ଅଧ୍ୟକ୍ଷ ସାରଦା ନାୟକ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପଦ୍ମଶ୍ରୀ ଦିଲୀପ ତିର୍କୀ, ଜିଲାପାଳ ସୁରେନ୍ଦ୍ର ମୀନା, ଏଡିଏମ୍ ମୋନିଷା ବାନାର୍ଜୀ, ଆରଏମ୍‌ସି ଅଧ୍ୟକ୍ଷା ରଶ୍ମିତା ପଣ୍ଡା, ଆରଏସ୍‌ପି ସିଇଓ ଅଶ୍ୱିନୀ କୁମାର, ଡିଆର୍‌ଡିଏ ପ୍ରକଳ୍ପ ସଂଯୋଜକ ଭୂମେଶ ବେହେରା ଓ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ହକିକୁ ଜାତୀୟ ଖେଳର ମାନ୍ୟତା ପ୍ରଦାନ ନେଇ ତାଙ୍କ ଉଦ୍ୟମ ଅବ୍ୟାହତ ରହିଛି। ଓଡ଼ିଶା ଆଗାମୀ ଦିନରେ କ୍ରୀଡ଼ାର ଅନ୍ତର୍ଜାତୀୟ ହବ୍ ହେବାକୁ ଯାଉଛି। ଏ ନେଇ ସରକାର ଆନ୍ତରିକତାର ସହ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏବେ ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଥିବା ବେଳେ ଆଗାମୀ ଦିନରେ ଏଭଳି ଆହୁରି ଅନେକ ଖେଳ ଓ ପ୍ରତିଯୋଗିତା ଆୟୋଜନ କରିବାରେ ରାଜ୍ୟ ଅଗ୍ରଣୀ ଭୂମିକା ନିର୍ବାହ କରିବ। ସୁନ୍ଦରଗଡ଼ ଜିଲା ଆମ ଦେଶକୁ ବିଶ୍ୱସ୍ତରରେ ଗୌରବାନ୍ୱିତ କରିଛି। ଏଣୁ ହକିର ଉନ୍ନତି ନେଇ ସରକାର ଯୋଜନା କରିଛନ୍ତି। ରାଜ୍ୟରେ ଅଧିକ ଅଷ୍ଟ୍ରୋଟର୍ଫ ଖେଳପଡିଆ ନିର୍ମାଣ ଉପରେ ଦୃଷ୍ଟି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଡିଆକୁ ଆସି ଏକ ପେନାଲ୍ଟି ଶଟ୍ ମାରି ପଡିଆରେ ଉପସ୍ଥିତ ଭରପୂର ଗ୍ୟାଲେରି ଦର୍ଶକଙ୍କ ମନ ଜିଣିଥିଲେ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଖେଳ ଶେଷପର୍ଯ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ଆରମ୍ଭରୁ ଓଡ଼ିଶା ଏକାଦଶ ନ୍ୟୁ ସାଉଥ୍ ୱେଲ୍ସ ହକି ଟିମ୍‌କୁ ଚାପରେ ରଖିବାକୁ ଉଦ୍ୟମ କରିଥିଲା। ଏହି ଖେଳ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଶେଷରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଉଭୟ ଦଳକୁ କପ୍ ପ୍ରଦାନ କରିଥିଲେ।





ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ ବିପକ୍ଷରେ ସିରିଜ ବିଜୟୀ ଓଡ଼ିଶା ଦଳ ଟ୍ରଫି ସହ ।

# ଭାରତୀୟ ଇଞ୍ଜିନିୟରଙ୍କୁ ୟୁଏସ୍ କ୍ରିକେଟ ଦଳର ନେତୃତ୍ୱ

ନୂଆଦିଲ୍ଲୀ,୪।୧୧

ଭାରତୀୟ ସଫ୍ଟୱେର ଇଞ୍ଜିନିୟର ସୌରଭ ନେତ୍ରାକାଲକରଙ୍କ ଭାଗ୍ୟ ପରିବର୍ତ୍ତନ ହୋଇଯାଇଛି। ପୂର୍ବତନ ମୁମ୍ବାଇ ପେସର କର୍ନେଲ ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସ ଅଧ୍ୟୟନ ଲାଗି ସେ ଖେଳି ଛାଡ଼ିଥିଲେ। ଏହି ୨୭ ବର୍ଷୀୟ ବୋଲରଙ୍କୁ ଆମେରିକାର ଜାତୀୟ କ୍ରିକେଟ ଦଳର ନେତୃତ୍ୱ ମିଳିଛି। ୬ ଫୁଟ୍ ଉଚ୍ଚତା ବିଶିଷ୍ଟ ବୋଲର ଗତ ୧୯ ବର୍ଷରୁ କମ୍ ବିଶ୍ୱକପ୍, ୨୦୧୦ ଚାମ୍ପିୟନ ଭାରତୀୟ ଦଳ ଲାଗି ସର୍ବାଧିକ ଉଇକେଟ ନେଇଥିଲେ। ସେ ଏହି ସଂସ୍କରଣରେ ଇଂଲଣ୍ଡ ଦଳର ଭବିଷ୍ୟତ ଅଧିନାୟକ ଜୋ ରୁଟ ଓ ପାକିସ୍ତାନ ଓପନର ଅହମ୍ମଦ ଶେହଜାଦଙ୍କୁ ଆଉଟ କରିଥିଲେ। ଏହାର ୩ ବର୍ଷ ପରେ ସେ କ୍ୟାରିୟରର ଏକମାତ୍ର ରଣଜୀ ମ୍ୟାଚ୍ ମୁମ୍ବାଇ ପକ୍ଷରୁ ଖେଳିଥିଲେ। କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ସେ ୩ ଉଇକେଟ ନେଇଥିଲେ। କିନ୍ତୁ ସେ ତାଙ୍କ ଭବିଷ୍ୟତ ନେଇ ସନ୍ତୁଷ୍ଟ ନ ଥିଲେ। "ମୁଁ କ୍ରିକେଟରେ କ୍ୟାରିୟର କରିବା ପାଇଁ ୨ ବର୍ଷ ଦେଇଥିଲି। ମାତ୍ର ପରବର୍ତ୍ତୀ ସ୍ତରକୁ ଯିବାରେ ବିଫଳ ହୋଇଥିଲି" ବୋଲି ଆମେରିକୀୟ ସହର ସାନ ଫ୍ରାନ୍ସିସ୍କୋରୁ ଫୋନ ଯୋଗେ କହିଛନ୍ତି। ମୁମ୍ବାଇସ୍ଥିତ ସର୍ଦ୍ଦାର ପଟେଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜିଠାରେ ଇଞ୍ଜିନିୟରିଂ କରିଥିଲେ। ଏହାପରେ ଜିଆରଇ ଓ ଟୋଫେଲ ପରୀକ୍ଷା ଦେଇ କର୍ନେଲ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ପାଇଥିଲେ। ସେଠାରେ ସେ ପୁଣି କ୍ରିକେଟ ଖେଳିବା ଆରମ୍ଭ କରିଥିଲେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ମଣିଷ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଦୋକାନ ପୋଡ଼ି ଅଭିଯୋଗ



**ମାହାଙ୍ଗା,୪।୧୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ନୁର୍ତ୍ତାଙ୍ଗ ପଞ୍ଚାୟତସ୍ଥିତ ଯଁକୋଟି ଗ୍ରାମର ଏକ ଷ୍ଟେଶନାରୀ ଦୋକାନକୁ ଶନିବାର ରାତିରେ କେତେଜଣ ଦୁର୍ବୃତ୍ତ ପୋଡି ଦେଇଛନ୍ତି। ଏ ନେଇ ଦୋକାନ ମାଲିକ ମୁକ୍ତି ପ୍ରସାଦ ରାଉତ ରବିବାର ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତ ତାଙ୍କ ଦୋକାନକୁ ପେଟ୍ରୋଲ ଢାଳି ନିଆଁଲଗାଇ ଦେଇଥିଲେ। ଖବର ପାଇ କୁଆଁପାଳ ଦମକଳବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଦୁଇ ବଖରା ପାଉଁଶ

**ନରସିଂହପୁର,୪।୧୧(ସ୍ୱ.ପ୍ର.):** ନରସିଂହପୁର ବ୍ଲକ ଏକତାଳ ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ପ୍ରଫୁଲ୍ଲ ଦଳେଇଙ୍କ ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

# ବଢୁଛି ଜାଲ୍‌ନୋଟ୍ କାରବାର

**କଟକ ସଦର, ୪।୧୧(ଡି.ଏନ୍.ଏ.)**

କନ୍ଦରପୁର ଓ କିଶୋର ନଗର ଥାନା ଅଞ୍ଚଳରେ ଜାଲ୍‌ନୋଟ୍ କାରବାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଯାତ୍ରା ଓ ଅପେରା ପଡିଥିବା ଅଞ୍ଚଳରେ ଉଠାଦୋକାନୀମାନେ ବିଶେଷ କ୍ଷତିଗ୍ରସ୍ତ ହେଉଥିବା ଘଟଣା ପଦାକୁ ଆସିଛି। କିଛିଦିନ ତଳେ ପାରାବିଲ ଗଜଲକ୍ଷ୍ମୀ ଭସାଣିବେଳେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ୨୦୦, ୫୦୦ ଓ ୨୦୦୦ ଟଙ୍କିଆ ଜାଲ୍‌ନୋଟ୍ ଚଳାଇ ବିଭିନ୍ନ ସାମଗ୍ରୀ ରାତିବେଳା କିଣାକିଣି କରିଥିବା ଜଣାପଡିଥିଲା। ଏହାଛଡା ୧୫ ଦିନ ତଳେ ବିରିବାଟୀ ଡାକଘରେ ଜଣେ ଜମାକାରୀଙ୍କଠାରୁ ମଧ୍ୟ

**ସତର୍କ କଲା ପୋଲିସ**

୧୦୦ ଟଙ୍କିଆ ଜାଲ୍‌ନୋଟ୍ ଧରାପଡିଥିଲା। ତେଣୁ କିଶୋର ନଗର ପୋଲିସ ପକ୍ଷରୁ ଆଗାମୀ କାଳୀପୂଜା ଓ କାର୍ତ୍ତିକେଶ୍ୱର ମେଳଣ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆୟୋଜକମାନେ ଭସାଣି ସମୟରେ ଡାକବାଜି ଯନ୍ତ୍ର ଦ୍ୱାରା ଉଠାଦୋକାନୀମାନଙ୍କୁ ସତର୍କ କରାଇଦେବା ସହ ଅଚିହ୍ନା ବ୍ୟକ୍ତିମାନଙ୍କଠାରୁ ଉଚ୍ଚମୂଲ୍ୟର ନୋଟ୍ ନ ନେବା ପାଇଁ କୁହାଯାଇଛି। ଆବଶ୍ୟକ ପଡିଲେ କମ୍ ଜିନିଷ କିଣି ଉଚ୍ଚମୂଲ୍ୟର ନୋଟ୍ ନେବା ପାଇଁ ବାଧ୍ୟ କରୁଥିବା ବ୍ୟକ୍ତିମାନଙ୍କର ଫଟୋ ମୋବାଇଲରେ ଉଠାଇ ରଖିବା ସହ ଯାତ୍ରାରେ ମୁତୟନ ହୋଇଥିବା ପୋଲିସ କର୍ମଚାରୀଙ୍କ ସହଯୋଗ ନେବା ପାଇଁ ଥାନାଧିକାରୀ ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# ଆର୍‌ପି ଆବାସିକ ବିଜ୍ଞାନ କଲେଜ ବାର୍ଷିକୋତ୍ସବ




ଉତ୍ସବରେ ଅତିଥି ଜଣେ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

**ଟିଗିରିଆ,୪।୧୧ (ଡି.ଏନ୍.ଏ.):** ବଡ଼ମ୍ବା ବ୍ଲକ ଅଧୀନ ବିଧାରପୁରସ୍ଥିତ ଆର୍‌ପି ସ୍ନାତକ ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ୩ୟ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟ ସଭାପତି ସୁବାସ ଚନ୍ଦ୍ର ଡାଲୁଆ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ। ମୁଖ୍ୟ ଅତିଥି ରେଭେନ୍ସା ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ପୂର୍ବତନ ପ୍ରଫେସର ଡ. ସୁଧାଂଶୁ ଶେଖର ଷଡ଼ଙ୍ଗୀ ଯୋଗଦେଇ ବର୍ତ୍ତମାନ ଯୁଗରେ ବିଜ୍ଞାନ ପାଠର ବିଭିନ୍ନ ଉପକାରିତ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଆଇଆଇଟି ଅରଗୁଳ ଖୋର୍ଦ୍ଧାର ପ୍ରଫେସର ଡ. ତାରାକାନ୍ତ ନାୟକ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ଜେନା, ସଂଯୋଜକ ପଦ୍ମନାଭ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଉତ୍ସବରେ ସଂଯୋଜନା କରିଥିଲେ ଛାତ୍ରୀ ଆସେଶ୍ୱରୀ ଶତପଥୀ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ, ଜଣେ ଗିରଫ

**ଆଠଗଡ଼, ୪।୧୧ (ସ୍ୱ.ପ୍ର.):** ଆଠଗଡ଼ ଥାନା ଅଧୀନ ଭୁବନେଶ୍ୱର-ବଡ଼କେରା ରାଜ୍ୟ ରାଜପଥର ନଡୁଆପଡ଼ା ଗ୍ରାମ ନିକଟରେ ଶନିବାର ଜଣେ ଯୁବକ ବନ୍ଧୁକ ଦେଖାଇ ଲୁଟ୍ ଉଦ୍ୟମ କରୁଥିଲେ। ଏହି ସମୟରେ ଗ୍ରାମବାସୀ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ରବିବାର ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେହି ଯୁବକ ହେଲେ ଥାନା ଅଧୀନ ସମସରପୁର ଗ୍ରାମର ବନମାଳି ମହାରଣା(୨୭)। ତାଙ୍କ ସହ ଥିବା ଅନ୍ୟ ସହଯୋଗୀ ସେହି ଗ୍ରାମର କଳିଙ୍ଗକେଶରୀ ପ୍ରଧାନ(୨୭) ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ସୂଚନା ଅନୁସାରେ, ସମସରପୁର ଗ୍ରାମର ମୀନକେତନ ବାରିକ ଏକ ଅଟୋରିକ୍ସା ଯୋଗେ ଆଠଗଡ଼ରୁ ଘରକୁ ଫେରୁଥିଲେ। ଏତିକିବେଳେ କଳିଙ୍ଗ କେଶରୀ ଓ ବନମାଳି ତାଙ୍କୁ ଲୁଟ୍ କରିବାକୁ ଉଦ୍ୟମ କରି ଛପି ରହିଥିଲେ। ମୀନକେତନ ଅଟୋରିକ୍ସା ଯୋଗେ ଆଠଗଡ ଆଡୁ ଯାଉଥିଲା ବେଳେ ଏମାନେ ନଡୁଆପଡା ଜାମୁବଣିଠାରେ ବିପରୀତ ଦିଗରୁ ୨ଟି ସ୍କୁଟିରେ ଆସି ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରିବା ସହ ୧୦,୭୦୦ ଟଙ୍କା ଲୁଟି ନେଇଥିଲେ। ମୀନକେତନ ଚିତ୍କାର କରିବାରୁ ନିକଟରେ ଥିବା ଗ୍ରାମବାସୀ ଆସି ବନମାଳିଙ୍କୁ କାବୁ କରିଥିଲେ। ଏ ନେଇ ଏକ ମାମଲା (ନଂ-୨୩୦/୧୮)ରୁଜୁ ହୋଇଛି।

# ଧାନର ମାନ ନିର୍ଣ୍ଣୟ, ପି-ପାସ୍ ତାଲିମ ଶିବିର

**ଆଠଗଡ଼,୪।୧୧(ସ୍ୱ.ପ୍ର.):** ଖରିଫ ଋତୁରେ ଚାଷୀଙ୍କଠାରୁ ସେବା ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯିବ। ଏଥିନିମନ୍ତେ ଆଠଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ଧାନର ମାନ ନିର୍ଣ୍ଣୟ ଓ ପି-ପାସ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ଦାସ, ଆଠଗଡ଼ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ତୃପ୍ତୀକଲ୍ୟାଣ ସେଠୀ, ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁବ୍ରତ ଦଳେଇ, ଆଠଗଡ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉପଖଣ୍ଡ ଅଧୀନ ଆଠଗଡ, ଟିଗିରିଆ, ବଡମ୍ବା ଓ ନରସିଂହପୁରର ୭୨ ସେବା ସମବାୟ ସମିତି ସମ୍ପାଦକ ଉପସ୍ଥିତ ଥିଲେ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁହଁ ଉପରେ ଆରେ ହୁର
ପଛ ହୋଇଗଲେ ଦୂର୍ ଦୂର୍।**

ମୁହଁ ଉପରେ ଅନେକେ ଭଲେଇ ହୋଇ କଥା କହିଥାନ୍ତି। ଆପଣାର ଭାବ ଦେଖେଇ ହେବା ସହ ବଡ଼ ବଡ଼ କଥା କହିଥାନ୍ତି। ଏପରି କି ନେଇ ଆଣି ଥୋଇ ପାରିବାର ମିଛ ଆଶ୍ୱାସନା ଦେଇଥାନ୍ତି। ପରନ୍ତୁ ମୁହଁ ପଛରେ ନାନା ସମାଲୋଚନା କରିବା ସହ ବେଖାତିର କରିବାକୁ ପଛାଇ ନ ଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମହାକାଳ ଫଳ ବଡ଼ ସୁନ୍ଦର
ଭିତର ଦେଖିଲେ ପୋଡ଼ା ଅଙ୍ଗାର।**

ମହାକାଳ ଫଳ ଦେଖିବାକୁ କେତେ ସୁନ୍ଦର ଅଥଚ ଭିତରେ ପୋଡ଼ା ଅଙ୍ଗାର। ବାହ୍ୟସ୍ୱରୂପ ଦେଖି ଭିତରର ପ୍ରକୃତି ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ବ୍ୟକ୍ତିର ଆକୃତିରୁ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି ତାହା ଠଉରେଇବା ମଧ୍ୟ କାଠିକର ପାଠ ହୋଇଯାଇଥାଏ। ବାହାରେ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ତଥା ମିଷ୍ଟଭାଷୀ ବୋଲାଉଥିବା କିଛି ବ୍ୟକ୍ତି ଭିତରେ ଭିତରେ କପଟାଚରଣ କରୁଥିବା ଦେଖିବାକୁ ମିଳୁଥିବା ବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଆଠଗଡ଼,୪।୧୧(ସ୍ୱ.ପ୍ର.):** ରାଧାକୃଷ୍ଣପୁର ବିଜୁ ଯୁବବାହିନୀ ଆନୁକୂଲ୍ୟରେ ମୁଁହିରୋ, ମୁଁଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ସଂଗୀତ, ନୃତ୍ୟ, କ୍ରୀଡା ଆଦି କ୍ଷେତ୍ରର ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ପ୍ରୟାସ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଠଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମିନତୀ ଗାଗରାଇ, ସ୍ଥାନୀୟ ନେତା ଦୁଲାଲ ଦାସ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ବାହିନୀ ସଭ୍ୟ ଦୀପକ ପାଢୀ, ପ୍ରଦୀପ ସାହୁ, ନନ୍ଦଲାଲ ଜାରିକା, ଦୀପକ ବଳ, ସାଗର ବେହେରା ଓ ପରେଶ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାନିସାହିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବଡ଼ମ୍ବା, ୪।୧୧(ଡି.ଏନ୍.ଏ.):** ବଡ଼ମ୍ବା ବ୍ଲକ ଅଧୀନ ଜାନିସାହି ପଞ୍ଚାୟତରେ ରବିବାର ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ଶତାଧିକ ଦଳୀୟ ନେତୃବର୍ଗ ଯୋଗ ଦେଇଥିଲେ। ଜାନିସାହି ରାଧାଗୋବିନ୍ଦ ମନ୍ଦିରରୁ ପଦଯାତ୍ରା ବାହାରି ପଞ୍ଚାୟତର ବିଭିନ୍ନ ସାହି ପରିକ୍ରମା କରିଥିଲା। ଏହି ସମୟରେ ବିଧାୟକ ମିଶ୍ର ପଞ୍ଚାୟତ ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବାସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସମ୍ପାଦକ ପ୍ରଦୀପ୍ତ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ସରପଞ୍ଚ କ୍ଷେତ୍ରବସୀ ବିଶ୍ୱାଳ, ରଘୁପତି ମହାନ୍ତି, ବ୍ଲକ ଅଧ୍ୟକ୍ଷା ଅନସୂୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ପରମାନନ୍ଦ ସେଠୀ, ବ୍ଲକ ବିଜେଡି ଅବାହକ ସଞ୍ଜୀବ ସ୍ୱାଇଁ, ବିରଞ୍ଚି ଜେନା, ପ୍ୟାରୀମୋହନ ସ୍ୱାଇଁ ଓ ନବଘନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ରୁ ଛାଡ଼ଖାଇ ଯାତ୍ରା

**ନରସିଂହପୁର,୪।୧୧(ସ୍ୱ.ପ୍ର.):** ଆସନ୍ତା୨୪ରୁ ୩୦ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ହେବାକୁ ଥିବା ନରସିଂହପୁର ଅଞ୍ଚଳର ପ୍ରସିଦ୍ଧ ଗଣପର୍ବ ଛାଡଖାଇ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ଥାନା ପରିସରରେ ଆୟୋଜିତ ବୈଠକରେ ଯାତ୍ରା କମିଟିର ସ୍ଥାୟୀ ସଭାପତି ତଥା ତହସିଲଦାର ରାଜକିଶୋର ଜେନା, ସମ୍ପାଦକ ତଥା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ବିଡିଓ ପ୍ରଶାନ୍ତ କୁମାର ତରାଇ, କିଶୋର ଚନ୍ଦ୍ର ମିଶ୍ର, ଆଇନଜୀବୀ ନିର୍ମଳେନ୍ଦୁ ମିଶ୍ର, ନୀଳମଣି ସାହୁ ଓ ପାଇକପଡା ପାଟଣା ସରପଞ୍ଚ ବୀଣାପାଣି ବେହେରା ପ୍ରମୁଖ ଯୋଗଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ।

# CLASSIFIED DISPLAY

**ALL EDITION-B/W (Every Day)** | **For Booking Contact: 0674-2580385, 7894447131, 7894447148, 9437038266, 7894447166**

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା
ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି
ରୋଗରେ ଔଷଧ ନ ଲାଗିବ
କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଛି କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଇନ୍ତୁ, ଧୋକା ଦେଇନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି।
12A, Karolbag, New Delhi
8433378861
7379665376

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ। 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



■ ପାର୍କିଂ ଷ୍ଟାଣ୍ଡ ନିଲାମ କରି ଚୁପ୍ ବସିଛି ସିଏମ୍‌ସି

# ପାର୍କିଂସ୍ଥଳ ପାଲଟିଛି ଷ୍ଟ୍ରିଟ୍ ଫୁଡ ଜୋନ୍

**କଟକ ଅଫିସ, ୪।୧୧**

ସହରରେ ସାଧାରଣ ଲୋକଙ୍କ ଯାନବାହାନ ପାର୍କିଂ ପାଇଁ ମହାନଗର ନିଗମର ୨୪ଟି ପାର୍କିଂ ଷ୍ଟାଣ୍ଡ ରହିଛି। ଦିନକୁ ଦିନ ବଢିଚାଲିଥିବା ଗହଳିକୁ ନଜରରେ ରଖି ଏହି ୨୪ଟି ପାର୍କିଂ ଷ୍ଟାଣ୍ଡ ବ୍ୟତୀତ ଅନ୍ୟ ସ୍ଥାନରେ ନୂଆ ପାର୍କିଂ ଷ୍ଟାଣ୍ଡ ନିର୍ମାଣ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ଯୋଜନା କରୁଛି। ହେଲେ ବିଡମ୍ବନାର ବିଷୟ ହେଉଛି ସହର ମଧ୍ୟରେ ନିଲାମୀ ଦିଆଯାଇଥିବା ପାର୍କିଂ ଷ୍ଟାଣ୍ଡଗୁଡିକ ମଧ୍ୟରୁ କେତେକ ଷ୍ଟାଣ୍ଡ ଏବେ ଷ୍ଟ୍ରିଟ ଫୁଡ ଜୋନ୍‌ର ରୂପ ନେଲାଣି। କଟକ କଲେଜଛକସ୍ଥିତ ପୋଷ୍ଟ ଅଫିସକୁ ଲାଗିଥିବା ସିଏମସି ପାର୍କିଂଷ୍ଟାଣ୍ଡ ୧ ଲକ୍ଷ ୨୦ ହଜାର ଟଙ୍କାରେ ଏକ ବର୍ଷ ପାଇଁ ନିଲାମୀ ହୋଇଥିଲା। ହେଲେ ଏବେ ଏଠାରେ ଗାଡି ପାର୍କିଂ ବଦଳରେ ଫାଷ୍ଟଫୁଡ ଦୋକାନ ଖୋଲିଛି। ସେହିପରି ବମ୍ବେ ହୋଟେଲ ନିକଟରେ ଥିବା ପାର୍କିଂ ଷ୍ଟାଣ୍ଡରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। କଟକର ଅନ୍ୟତମ ଜନଗହଳିପୂର୍ଣ୍ଣ ସ୍ଥାନ ବକ୍ସିବାଟି ରୋଡଠାରେ ଥିବା ସିଏମ୍‌ସି ପାର୍କିଂ ଷ୍ଟାଣ୍ଡରେ ଉଠାଦୋକାନୀମାନେ ବ୍ୟବସାୟ ଚଳାଇଥିବା ଦେଖିବାକୁ ମିଳିଛି। ପାର୍କିଂଷ୍ଟାଣ୍ଡ ନିଲାମ କରିଦେଇ ସିଏମ୍‌ସି ଏବେ ଚୁପ୍ ବସିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସହରରେ ପାର୍କିଂଷ୍ଟାଣ୍ଡର ସୁବିଧା ପାଉ ନ ଥିବା ଯଦି କୌଣସି ବ୍ୟକ୍ତିର ନୋପାର୍କିଂ ଜୋନରେ ଥିବା ଗାଡିକୁ ଟ୍ରାଫିକ ପୋଲିସ ଜବତ କରିବ ତେବେ ଏଥିପାଇଁ ମହାନଗର ନିଗମ ହିଁ ଦାୟୀ ବୋଲି କହିଛନ୍ତି ସହରର ଜଣେ କର୍ମଜୀବୀ ମହିଳା ଶିଖା ଘୋଷ।

## ନିୟମକୁ ନିଲାମଧାରୀଙ୍କ ଅଣଦେଖା

ପାର୍କିଂ ଷ୍ଟାଣ୍ଡ ନିଲାମୀ ସମୟରେ ନିଲାମୀ ନେଉଥିବା ସଂସ୍ଥା ଏବଂ ବ୍ୟକ୍ତିଙ୍କୁ ସିଏମ୍‌ସିର କଡା ନିର୍ଦ୍ଦେଶ ଥାଏ କି ପାର୍କିଂ ଷ୍ଟାଣ୍ଡରେ ରେଟ୍ ଚାର୍ଟ ଲଗାଇବା, ସୁରକ୍ଷା କର୍ମୀ ନିୟୋଜିତ କରିବା, ଧାର୍ଯ୍ୟ ମୂଲ୍ୟ ଟିକେଟ ଲୋକଙ୍କୁ ଦେବା ଓ ପାର୍କିଂ ବଦଳରେ ଏହି ସ୍ଥାନକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର ନ କରିବା। ଏସବୁ ନିୟମ ଥିବା ସତ୍ତ୍ୱେ ନିଲାମୀ ପରେ ନିଲାମଧାରୀ ବ୍ୟକ୍ତି ଉକ୍ତ ନିୟମରେ ଅଣଦେଖା କରୁଥିବା ଘଟଣା ଅନେକ ସମୟରେ ସାମ୍ନାକୁ ଆସୁଛି ବୋଲି ସିଏମ୍‌ସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିକାଶ ବେହେରା କହିଛନ୍ତି। ହେଲେ ସହରର ପାର୍କିଂଷ୍ଟାଣ୍ଡଗୁଡିକରେ କ'ଣ ତ୍ରୁଟି ପରିଲକ୍ଷିତ ହେଉଛି ତାହାକୁ ଯାଞ୍ଚ କରିବା କାମ ସିଏମ୍‌ସି ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର। ତେଣୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନିୟମିତ ବ୍ୟବଧାନରେ ଏସବୁ ଯାଞ୍ଚ କରନ୍ତୁ। ତା'ହେଲେ ନିୟମ ଉଲ୍ଲଘଂନକାରୀଙ୍କ ଉପରେ ଅଙ୍କୁଶ ଲଗାଇବା ବହୁ ମାତ୍ରାରେ ସମ୍ଭବ ହୋଇପାରନ୍ତା। ଏ ସମ୍ପର୍କରେ କଲେଜ ଛକ ନିକଟ ପାର୍କିଂ ଷ୍ଟାଣ୍ଡ ନିଲାମ ନେଇଥିବା ନୃସିଂହ ଦେବପାତ୍ର କହିଛନ୍ତି, ପାର୍କିଂ ଷ୍ଟାଣ୍ଡ ନିଲାମୀ ନେବାବେଳେ ଯାହା ରାଶି ଆମେ ସିଏମ୍‌ସିକୁ ଦେଇଛୁ ତାହା ବର୍ଷକ ମଧ୍ୟରେ ପାର୍କିଂଷ୍ଟାଣ୍ଡରୁ ଯାନବାହାନରୁ ଆଦାୟ ହେବା ସହଜ ହେଉନି। ତେଣୁ ଏହିଭଳି କିଛି ଫାଷ୍ଟଫୁଡ ଦୋକାନୀ ଦୈନିକ ୩୦୦ରୁ ୫୦୦ ଟଙ୍କା ଦେଉଥିବାରୁ ସେବାଟରେ କିଛି ଭଲ ଆୟ ଆମର ହୋଇଯାଉଛି। ସହରରେ ଭିଡ ନିୟନ୍ତ୍ରଣ କରିବାକୁ ଅନେକ ସମୟରେ ସିଏମ୍‌ସି, କମିଶନରେଟ ଓ ଟ୍ରାଫିକ ପୋଲିସ ପକ୍ଷରୁ ଅନେକ ଆଲୋଚନା ହେଉଥିବାବେଳେ ପାର୍କିଂଷ୍ଟାଣ୍ଡ ନିଲାମଧାରୀଙ୍କ ଏଭଳି ଖାମଖିଆଲି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି।




# କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ସାଲେପୁର,୪।୧୧(ଡି.ଏନ.ଏ.)**

ସାଲେପୁର ବ୍ଲକ ନାଦୋଳ ପଞ୍ଚାୟତର ଭାତପଡ଼ାଠାରେ ଏକ କଲ୍ୟାଣ ମଣ୍ଡପ ରବିବାର ଉଦ୍‌ଘାଟିତ ହୋଇଛି। ବିଜେଡି ନେତା ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଟକ ଜିଲା ଯୋଜନାବୋର୍ଡ ସଭ୍ୟ ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଓ ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ସାଲେପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ୪୩ନଂ ଜୋନ ଜିଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ବିଜୁ ଜନତା ଦଳ ବ୍ଲକ୍ ସଭାପତି ଅନନ୍ତ ପ୍ରଧାନ, ନାଦୋଳ ସରପଞ୍ଚ ମନସ୍ମିତା ସ୍ୱାଇଁ, ନାଏବ ସରପଞ୍ଚ ଜୟନ୍ତ ରାଉତ ଓ ଶିଶିର ନାୟକ ଉପସ୍ଥିତ ଥିଲେ। ଉତ୍ସବକୁ ୱାର୍ଡସଭ୍ୟ ପ୍ରଦୀପ୍ତ ସାହୁ, ନିରଞ୍ଜନ ରାଉତ, ଲଳିତାରାଣୀ ସାହୁ, ସଞ୍ଜୁ ଭୋଇ, କୈଳାସ ସାହୁ, ତୁଳସୀ ଦେହୁରୀ, ଯୁବନେତା ମନୋରଞ୍ଜନ ସ୍ୱାଇଁ, ବିଜୁ ଯୁବବାହିନୀର ପଞ୍ଚାୟତ ସଭାପତି ବିନୋଦ ବିହାରୀ ସାହୁ, ପଞ୍ଚାୟତ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ଫକରୁଲ୍ ଅମିନ୍, ପ୍ରଶାନ୍ତ ବେହୁରା, ଅରୁଣ ରଥ, ଦେବେନ୍ଦ୍ର ବେହୁରା, ସୁଧାକର ସେଠୀ, ସରୋଜ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବାସୁଦେବପୁର ସରପଞ୍ଚ ଉପନିର୍ବାଚନ ଡିସେମ୍ବର ୬ରେ

**ମାହାଙ୍ଗା, ୪।୧୧ (ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ବାସୁଦେବପୁର ପଞ୍ଚାୟତର ସରପଞ୍ଚ ପଦବୀ ନିମନ୍ତେ ଡିସେମ୍ବର ୬ରେ ଉପନିର୍ବାଚନ ହେବ। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ପଞ୍ଚାୟତର ସରପଞ୍ଚ ରତ୍ନାକର ବେହେରାଙ୍କ ଗତ ମାର୍ଚ୍ଚ ୧୭ ତାରିଖ ଦିନ ହୃଦ୍ ଘାତରେ ମୃତ୍ୟୁ ଘଟିଥିଲା। ସେହିଦିନଠାରୁ ପଞ୍ଚାୟତର ସରପଞ୍ଚ ପଦବୀ ଖାଲି ପଡ଼ିଛି। ଏହି ପଞ୍ଚାୟତରେ ସରପଞ୍ଚ ପଦବୀ ଉପନିର୍ବାଚନ ନେଇ ଅକ୍ଟୋବର ୨୯ ତାରିଖଠାରୁ ଆଚରଣବିଧି ଲାଗୁ ହୋଇଛି। ଆସନ୍ତା ୮ ଓ ୯ ତାରିଖରେ ପ୍ରାର୍ଥୀପତ୍ର ଦାଖଲ କରାଯିବ। ୧୩ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୫ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ। ଡିସେମ୍ବର ୬ରେ ନିର୍ବାଚନ କରାଯାଇ ୭ରେ ବ୍ଲକ କାର୍ଯ୍ୟାଳୟରେ ବୃତ୍ତାନ୍ତ ଗଣତି ହେବ। ଡିସେମ୍ବର ୧୦ରେ ବିଧିବଦ୍ଧ ଭାବେ ଫଳାଫଳ ପ୍ରକାଶ କରାଯିବ ବୋଲି ବ୍ଲକ ଜିପିଓ ସବିତା ଜେନା ସୂଚନା ଦେଇଛନ୍ତି।

## ଭିକାରୀ ବଳଙ୍କ ଶ୍ରାଦ୍ଧ ଉତ୍ସବ

**ସାଲେପୁର,୪।୧୧(ଡି.ଏନ.ଏ.):** ସାଲେପୁରର ମାଛୁଆତିଠାରେ 'ଆମେ ସବୁ ସାଲେପୁର' ଅନୁଷ୍ଠାନ ପକ୍ଷରୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା କବି ସମ୍ବିତ୍ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ଗାଳ୍ପିକ ଡ. ଗିରିଶ ଚନ୍ଦ୍ର ସାହୁ, ପ୍ରସନ୍ନ ମିଶ୍ର, ସନ୍ତୋଷ ମହାପାତ୍ର, ଅକ୍ଷୟ ଦାଶ, ଦୟାନିଧି ସାହୁ, ବିଷ୍ଣୁଚରଣ ମିଶ୍ର, ବିଭୂତି ଭୂଷଣ ଦାସ, ଚିତ୍ତରଞ୍ଜନ ଶତପଥୀ ଓ ବିଭୂତି ଭୂଷଣ ପାତ୍ର ପ୍ରମୁଖ ଯୋଗଦେଇ ଭିକାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନୁଷ୍ଠାନ ପକ୍ଷରୁ କଣ୍ଠଶିଳ୍ପୀ କିଶୋର ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ଉପସଭାପତି ସୁଧୀର ଶତପଥୀ, ଦିଲୀପ୍ ବରାଳ, ଦେବୀପ୍ରସାଦ ଦାସ, ବିଦ୍ୟୁଭୂଷଣ ପ୍ରଧାନ, ରାଜୀବ ଜେନା, ଧୀରେନ୍ଦ୍ର ପଣ୍ଡା, ଇତିଶ୍ରୀ ଦାସ, ଡ. ଜୟନ୍ତୀ ମିଶ୍ର, ପ୍ରଣତି ସାହୁ ଓ ରଞ୍ଜିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍କୀ ମହାବିଦ୍ୟାଳୟର ପୁରାତନ ଛାତ୍ର ସମ୍ମିଳନୀ

**ବାଙ୍କୀ,୪।୧୧(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ସମ୍ମିଳନୀ ଦୃଶ୍ୟଶ୍ରାବ ଗୃହଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ଉମେଶ ଚନ୍ଦ୍ର ମିଶ୍ର ସଭପତିତ୍ୱ କରି ଏପରି ସମ୍ମିଳନୀ ଦୀର୍ଘ ଦିନପରେ ଅନୁଷ୍ଠିତ ହୋଇଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ ସ୍ୱାଗତ ଭାଷଣ ଦେବା ସହ ପୁରାତନ ଛାତ୍ରୀଛାତ୍ର ଏହି ମହାବିଦ୍ୟାଳୟର ସମ୍ପତ୍ତିବୋଲି ବର୍ଣ୍ଣନା କରିଥିଲେ। ସଭାକୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପରିଚାଳନା କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମିଶ୍ର ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ପୁରାତନ ଛାତ୍ର ବଳଭଦ୍ର ପଣ୍ଡା ଯୋଗଦେଇ ସମସ୍ତଙ୍କ ସହଯୋଗରେ ମହାବିଦ୍ୟାଳୟକୁ ଉନ୍ନତି ପଥରେ ଅଗେଇନେବା ପାଇଁ ଆହ୍ୱାନ ଦେଇଥିଲେ। ସଂସଦର ସମ୍ପାଦକ ଶରତ ଚନ୍ଦ୍ର ବାରିକ୍ ପୁରାତନ ଛାତ୍ର ସଂସଦ ପାଇଁ ପାଣ୍ଠି ସଂଗ୍ରହ ଓ ମୁଖପତ୍ର ପ୍ରକାଶନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କମଳାକାନ୍ତ ପ୍ରହରାଜ, ଆଇନଜୀବୀ ଯଯାତି କେଶରୀ ପଟ୍ଟନାୟକ, ବିରଞ୍ଚି ନାରାୟଣ ଦାସ୍, ଶରତ ଚନ୍ଦ୍ର ମହାପାତ୍ର, ସମରେନ୍ଦ୍ର ମହାପାତ୍ର, ସୌମେନ୍ଦ୍ର ମିଶ୍ର, ବୃନ୍ଦାବନ ପ୍ରଧାନ ପ୍ରମୁଖ ପୁରାତନ ଛାତ୍ର ସଂସଦ ଗଠନକୁ ସ୍ୱାଗତ କରିଥିଲେ। ଡ.ନିବାସିନୀ ପଣ୍ଡା, ସନ୍ତୋଷ କୁମାର ରଣା, ବ୍ରଜକିଶୋର ମହାପାତ୍ର, ଡା. କୈଳାସ ଚନ୍ଦ୍ର ରଥ, ସ୍ୱପ୍ନା ଆଚାର୍ଯ୍ୟ, ଧର୍ମପ୍ରସାଦ ମଙ୍ଗରାଜ, ଗାୟତ୍ରୀ ନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ, ବିଭୂପ୍ରସାଦ ସାମଲ୍, ଡା. ଶରତ ଚନ୍ଦ୍ର ସ୍ୱାଇଁ, ସଂଗ୍ରାମ ବିଭୂତି ରାୟ ଓ ବଙ୍କି ଶୁଧାଂଶୁ ଶେଖର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମତ ଉପସ୍ଥାପନ କରିଥିଲେ। ଶେଷରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋକୁଳାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



@ ଟୁନା



@ ସିଦ୍ଧାର୍ଥ



@ ବିଶ୍ୱ



@ ଲକ୍ଷ୍ମୀପ୍ରିୟା



@ ରଞ୍ଜନ



@ ରିଙ୍କୁପିଙ୍କୁ



@ ନବଜ୍ୟୋତି



@ ପ୍ରସାଦ କୁମାର

# ମାନସିକ ବିକାରଗ୍ରସ୍ତଙ୍କ ସେବାରେ ସ୍ମୃତିରଞ୍ଜନ



ସ୍ମୃତିରଞ୍ଜନ ଜଣେ ମାନସିକ ବିକାରଗ୍ରସ୍ତଙ୍କୁ ବସ୍ତ୍ର ପିନ୍ଧାଉଛନ୍ତି।

**ସାଲେପୁର,୪।୧୧(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ବେତେଇ ଗ୍ରାମର ସ୍ମୃତିରଞ୍ଜନ ସାହୁ ଉଚ୍ଚ ଶିକ୍ଷିତ ହେବାପରେ ଏବେ ସମାଜସେବା କରିବାକୁ ଆଗଭର ହୋଇଛନ୍ତି। ସମାଜରେ ଅବହେଳିତ ଅବସ୍ଥାରେ ବୁଲୁଥିବା ମାନସିକ ବିକାରଗ୍ରସ୍ତଙ୍କ ସେବା କରିବାକୁ ସେ ବେଶ୍ ପସନ୍ଦ କରୁଛନ୍ତି। ଏଥିସହ ଅଞ୍ଚଳର ଗରିବ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପାଠ ପଢ଼ାଉଛନ୍ତି। ସାଲେପୁର ସହର ଏବଂ ଆଖପାଖ ଅଞ୍ଚଳରେ ବୁଲୁଥିବା ମାନସିକ ବିକାରଗ୍ରସ୍ତଙ୍କୁ ସେ ଦେଖିଲେ ଆପଣାଇ ନେଉଛନ୍ତି। ସେମାନେ ଯେତେବେଳେ ଚିରା ଛିଣ୍ଡାଡ୍ରେସ୍ ପିନ୍ଧି ଦାଢ଼ି ନିଶ ଛାଡି ବୁଲୁଛନ୍ତି, ସେଠି ସ୍ମୃତିରଞ୍ଜନ ପହଞ୍ଚି ସେମାନଙ୍କୁ ସଫାସୁତରା କରୁଛନ୍ତି। ତାଙ୍କ ସହ ସାଥି ରାହୁଲ ରତନ ସାହୁ, ଯଶୋବନ୍ତ ସାହୁ, ସନ୍ଦୀପ ସ୍ୱାଇଁ, ତୃପ୍ତିରଞ୍ଜନ ସାହୁ ସାମିଲ ହୋଇ ସାଲେପୁରଠାରୁ ପାଗା ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ବୁଲୁଥିବା ମାନସିକ ବିକାରଗ୍ରସ୍ତଙ୍କ ସେବା କରୁଛନ୍ତି। ଏ ସମ୍ପର୍କରେ ସ୍ମୃତିରଞ୍ଜନ କହିଛନ୍ତି, ଅବହେଳିତ ଲୋକଙ୍କ ସେବା କରିବାକୁ ମୁଁ ସଙ୍କଳ୍ପ କରିଛି। ଏଭଳି ଲୋକଙ୍କ ଦୁଃଖକୁ ସହି ପାରୁ ନ ଥିବାରୁ ନିଜ ଜୀବନକୁ ସେମାନଙ୍କ ସେବାରେ ଉତ୍ସର୍ଗ କରିଦେବେ ବୋଲି କହିଥିଲେ।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ

## ପାର୍କିଂ ଷ୍ଟାଣ୍ଡ ନିଲାମ କରି ଚୁପ୍ ବସିଛି ସିଏମ୍ସି

# ପାର୍କିଂସ୍ଥଳ ପାଲଟିଛି ଷ୍ଟ୍ରିଟ୍ ଫୁଡ ଜୋନ୍

**କଟକ ଅଫିସ, ୪।୧୧**

ସହରରେ ସାଧାରଣ ଲୋକଙ୍କ ଯାନବାହାନ ପାର୍କିଂ ପାଇଁ ମହାନଗର ନିଗମର ୨୪ଟି ପାର୍କିଂ ଷ୍ଟାଣ୍ଡ ରହିଛି। ଦିନକୁ ଦିନ ବଢ଼ିଚାଲିଥିବା ଗହଳିକୁ ନଜରରେ ରଖି ଏହି ୨୪ଟି ପାର୍କିଂ ଷ୍ଟାଣ୍ଡ ବ୍ୟତୀତ ଅନ୍ୟ ସ୍ଥାନରେ ନୂଆ ପାର୍କିଂ ଷ୍ଟାଣ୍ଡ ନିର୍ମାଣ ପାଇଁ କଟକ ମହାନଗର ନିଗମ(ସିଏମ୍ସି) ଯୋଜନା କରୁଛି। ହେଲେ ବିଡମ୍ବନାର ବିଷୟ ହେଉଛି ସହର ମଧ୍ୟରେ ନିଲାମୀ ଦିଆଯାଇଥିବା ପାର୍କିଂ ଷ୍ଟାଣ୍ଡଗୁଡିକ ମଧ୍ୟରୁ କେତେକ ଷ୍ଟାଣ୍ଡ ଏବେ ଷ୍ଟ୍ରିଟ ଫୁଡ ଜୋନ୍ର ରୂପ ନେଲାଣି। କଟକ କଲେଜଛକସ୍ଥିତ ପୋଷ୍ଟ ଅଫିସକୁ ଲାଗିଥିବା ସିଏମସି ପାର୍କିଂଷ୍ଟାଣ୍ଡ ୧ ଲକ୍ଷ ୨୦ ହଜାର ଟଙ୍କାରେ ଏକ ବର୍ଷ ପାଇଁ ନିଲାମୀ ହୋଇଥିଲା। ହେଲେ ଏବେ ଏଠାରେ ଗାଡି ପାର୍କିଂ ବଦଳରେ ଫାଷ୍ଟଫୁଡ ଦୋକାନ ଖୋଲିଛି। ସେହିପରି ବମ୍ବେ ହୋଟେଲ ନିକଟରେ ଥିବା ପାର୍କିଂ ଷ୍ଟାଣ୍ଡରେ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। କଟକର ଅନ୍ୟତମ ଜନଗହଳିପୂର୍ଣ୍ଣ ସ୍ଥାନ ବକ୍ସିବଜାର ରୋଡଠାରେ ଥିବା ସିଏମ୍ସି ପାର୍କିଂ ଷ୍ଟାଣ୍ଡରେ ଉଠାଦୋକାନୀମାନେ ବ୍ୟବସାୟ ଚଳାଇଥିବା ଦେଖିବାକୁ ମିଳିଛି। ପାର୍କିଂଷ୍ଟାଣ୍ଡ ନିଲାମ କରିଦେଇ ସିଏମ୍ସି ଏବେ ଚୁପ୍ ବସିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସହରରେ ପାର୍କିଂଷ୍ଟାଣ୍ଡର ସୁବିଧା ପାଉ ନ ଥିବା ଯଦି କୌଣସି ବ୍ୟକ୍ତିର ନୋପାର୍କିଂ ଜୋନରେ ଥିବା ଗାଡିକୁ ଟ୍ରାଫିକ ପୋଲିସ ଜବତ କରିବ ତେବେ ଏଥିପାଇଁ ମହାନଗର ନିଗମ ହିଁ ଦାୟୀ ବୋଲି କହିଛନ୍ତି ସହରର ଜଣେ କର୍ମଜୀବୀ ମହିଳା ଶିଖା ଘୋଷ। ପାର୍କିଂ ଷ୍ଟାଣ୍ଡ

### ନିୟମକୁ ଅଣଦେଖା କରୁଛନ୍ତି ନିଲାମଧାରୀ

ନିଲାମୀ ସମୟରେ ନିଲାମୀ ନେଉଥିବା ସଂସ୍ଥା ଏବଂ ବ୍ୟକ୍ତିଙ୍କୁ ସିଏମ୍ସିର କଡା ନିର୍ଦ୍ଦେଶ ଥାଏ କି ପାର୍କିଂ ଷ୍ଟାଣ୍ଡରେ ରେଟ୍ ଚାର୍ଟ ଲଗାଇବା, ସୁରକ୍ଷା କର୍ମୀ ନିୟୋଜିତ କରିବା, ଧାର୍ଯ୍ୟ ମୂଲ୍ୟ ଟିକେଟ ଲୋକଙ୍କୁ ଦେବା ଓ ପାର୍କିଂ ବଦଳରେ ଏହି ସ୍ଥାନକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର ନ କରିବା। ଏସବୁ ନିୟମ ଥିବା ସତ୍ତ୍ୱେ ନିଲାମୀ ପରେ ନିଲାମଧାରୀ ବ୍ୟକ୍ତି ଉକ୍ତ ନିୟମରେ ଅଣଦେଖା କରୁଥିବା ଘଟଣା ଅନେକ ସମୟରେ ସାମ୍ନାକୁ ଆସୁଛି ବୋଲି ସିଏମ୍ସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ବିକାଶ ବେହେରା କହିଛନ୍ତି। ହେଲେ ସହରର ପାର୍କିଂଷ୍ଟାଣ୍ଡଗୁଡିକରେ କ'ଣ ତ୍ରୁଟି ପରିଲକ୍ଷିତ ହେଉଛି ତାହାକୁ ଯାଞ୍ଚ କରିବା କାମ ସିଏମ୍ସି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର। ତେଣୁ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ ନିୟମିତ ବ୍ୟବଧାନରେ ଏସବୁ ଯାଞ୍ଚ କରନ୍ତୁ। ତା'ହେଲେ ନିୟମ ଉଲ୍ଲଘଂନକାରୀଙ୍କ ଉପରେ ଅଙ୍କୁଶ ଲଗାଇବା ବହୁ ମାତ୍ରାରେ ସମ୍ଭବ ହୋଇପାରନ୍ତା। ଏ ସମ୍ପର୍କରେ କଲେଜ ଛକ ନିକଟ ପାର୍କିଂ ଷ୍ଟାଣ୍ଡ ନିଲାମ ନେଇଥିବା ନୃସିଂହ ଦେବପାତ୍ର କହିଛନ୍ତି, ପାର୍କିଂ ଷ୍ଟାଣ୍ଡ ନିଲାମୀ ନେବାବେଳେ ଯାହା ରାଶି ଆମେ ସିଏମ୍ସିକୁ ଦେଇଛୁ ତାହା ବର୍ଷକ ମଧ୍ୟରେ ପାର୍କିଂଷ୍ଟାଣ୍ଡରୁ ଯାନବାହାନରୁ ଆଦାୟ ହେବା ସହଜ ହେଉନି। ତେଣୁ ଏହିଭଳି କିଛି ଫାଷ୍ଟଫୁଡ ଦୋକାନୀ ଦୈନିକ ୩୦୦ରୁ ୫୦୦ ଟଙ୍କା ଦେଉଥିବାରୁ ସେବାଟରେ କିଛି ଭଲ ଆୟ ଆମର ହୋଇଯାଉଛି। ସହରରେ ଭିଡ ନିୟନ୍ତ୍ରଣ କରିବାକୁ ଅନେକ ସମୟରେ ସିଏମ୍ସି, କମିଶନରେଟ ଓ ଟ୍ରାଫିକ ପୋଲିସ ପକ୍ଷରୁ ଅନେକ ଆଲୋଚନା ହେଉଥିବାବେଳେ ପାର୍କିଂଷ୍ଟାଣ୍ଡ ନିଲାମଧାରୀଙ୍କ ଏଭଳି ଖାମଖିଆଲି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ସିଏମ୍ସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି।

## ଆଜି କ'ଣ କେଉଁଠି

କଟକ
- ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ଜଗତ୍ପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ଆୟୁର୍ବେଦ ପ୍ରବର୍ତ୍ତକ ଧନ୍ୱନ୍ତରିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ଜାତୀୟ ଆଲୋଚନାଚକ୍ର, କର୍ମବୀର ଗୌରୀଶଙ୍କର ଟାଉନ ହଲ୍, ଅପରାହ୍ନ ୫ଟା।
- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ପଣ୍ଡିତ ଗୋଦାବରିଶ ମିଶ୍ରଙ୍କ ସ୍ମୃତି ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

## ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଚାନ୍ଦିନୀଚୌକ ଛକ ଠାରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

**କଟକ ଅଫିସ, ୪।୧୧**

ଓଡିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଦୀର୍ଘଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବା ପାଇଁ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦାୟୀ କରିଛି ଭାଜପା। ଏନେଇ ଭାଜପାର ଶତାଧିକ କର୍ମୀ ରବିବାର ସନ୍ଧ୍ୟାରେ କଟକ ହାଇକୋର୍ଟ ଛକରୁ ମଶାଲ ଶୋଭାଯାତ୍ରାରେ ବାହାରି ଚାନ୍ଦିନୀଚୌକ ଛକଠାରେ ପହଞ୍ଚିଥିଲେ। ସେଠାରେ ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ମହାନ୍ତି କହିଛନ୍ତି, ଆନ୍ଦୋଳନରତ ଆଇନଜୀବୀଙ୍କୁ ଆଲୋଚନା କରିବାକୁ ସରକାର ସୁଯୋଗ ନ ଦେଇ ବିଜେଡି ଲିଗାଲ ସେଲ ଜରିଆରେ ଏକତରଫା ଦମନ କରିବାକୁ ଚେଷ୍ଟା କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ଗଣତାନ୍ତ୍ରିକ ସାମ୍ବିଧାନିକ ବିଧିବ୍ୟବସ୍ଥା ଭୁଶୁଡିପଡିବା ସହ ତାହା ପରୋକ୍ଷରେ ରାଜ୍ୟରେ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିଛି ବୋଲି ମହାନ୍ତି କହିଛନ୍ତି।

## ନୂଆଖାଇ ଭେଟ୍ଘାଟ୍
## ଗୋଟିଏ ମଞ୍ଚରେ ବିଜେଡି, କଂଗ୍ରେସ ନେତା

**କଟକ ଅଫିସ, ୪।୧୧:** ମର୍କତନଗରସ୍ଥିତ ରାଉସିନା ମଣ୍ଡପଠାରେ ନୂଆଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜୟମାଲା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ଏବଂ ଝାରସୁଗୁଡା ବିଧାୟକ ନବକିଶୋର ଦାସ ଯୋଗଦେଇଥିଲେ। ବିଧାୟକ ଦାସ ବିଜେଡିରେ ଯୋଗଦେବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳିସ୍ଥଳେ ରବିବାର ଗୋଟିଏ ମଞ୍ଚରେ ବିଜେଡି ନେତାମାନଙ୍କ ସହ ତାଙ୍କୁ ଦେଖି ଲୋକେ ପୁଣି ସେହି ଚର୍ଚ୍ଚା କରିଥିଲେ। ଏହି ଅବସରରେ ବହୁ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଟକ ସହରରେ ରହୁଥିବା ବହୁ ପଶ୍ଚିମ ଓଡିଶାବାସୀ ଯୋଗଦେଇଥିଲେ।

## ବିଜେଡି କର୍ପୋରେଟରଙ୍କ ବିରୋଧରେ ଜାତିଆଣ ଆକ୍ଷେପ ଅଭିଯୋଗ

**କଟକ ଅଫିସ, ୪।୧୧**

କଟକ ମହାନଗର ନିଗମ(ସିଏମ୍ସି)ର ୫୬ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ସଞ୍ଜୟ ବରାଳଙ୍କ ନାଁରେ ଆସିଛି ଜାତିଆଣ ଆକ୍ଷେପ ଅଭିଯୋଗ। ଉକ୍ତ ୱାର୍ଡ ଅଧୀନ ବଙ୍ଗଳାପଡିଆରେ ରହୁଥିବା ଯୁବକ ପ୍ରିୟାଂଶୁ ବେହେରା ସ୍ଥାନୀୟ ୪୮ ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୂର୍ବରୁ ଚିଠି ଲେଖିଥିଲେ। ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ମିଳିଥିବାରୁ ପ୍ରିୟାଂଶୁଙ୍କୁ ରବିବାର ସଦର ଭାଜପା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ହେଲେ ବଙ୍ଗଳାପଡିଆରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଜେଡି କର୍ପୋରେଟର ବରାଳ ପହଞ୍ଚି ଉପସ୍ଥିତ ମହିଳାମାନଙ୍କ ଜାତିକୁ ନେଇ କଡ଼ାଭାଷା ପ୍ରୟୋଗ କରିଥିଲେ ବୋଲି କଟକ ସଦର ଭାଜପା ଯୁବନେତା ଭବାନୀ ଶଙ୍କର ନାୟକ ଅଭିଯୋଗ କରିଛନ୍ତି। ଏନେଇ ସୋମବାର ଥାନାରେ ଅଭିଯୋଗ କରାଯିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯିବ ବୋଲି ନାୟକ କହିଛନ୍ତି। ତେବେ ଏଭଳି ଅଭିଯୋଗକୁ କର୍ପୋରେଟର ବରାଳ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଘଟଣାକୁ ଅତିରଞ୍ଜିତ କରାଯାଉଛି। ସାମାନ୍ୟ କଥାକୁ ନେଇ ଯୁକ୍ତିତର୍କ ହୋଇଛି। ହେଲେ କାହାରିକୁ ଜାତିଆଣ ଆକ୍ଷେପ ଭଳି କିଛି କଥା କହିନାହିଁ।

## ୫ ବାଇକ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୪।୧୧:** ବାଇକ୍ ଚୋରି କରିବା ଅଭିଯୋଗରେ ମର୍କତ ନଗର ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ବକ୍ସିବଜାର ଅଞ୍ଚଳର ଏସ୍.କେ. ସଞ୍ଜୁ(୨୩)। ପୋଲିସ ତାଙ୍କଠାରୁ ୫ଟି ଚୋରି ବାଇକ ଜବତ କରିଛି। ଅଭିଯୋଗ ଅନୁଯାୟୀ, ମଙ୍ଗଳାବାଗ ଥାନା ଅନ୍ତର୍ଗତ ରାଣୀହାଟ ମାଳିସାହି ଅଞ୍ଚଳର ପ୍ରସନ୍ନ ଦାସ ଗତ ୨୫ ତାରିଖରେ ମର୍କତନଗର ଅଞ୍ଚଳକୁ ଯାଇଥିଲେ। ସେ ତାଙ୍କ ବାଇକ୍କୁ ସ୍ଥାନୀୟ ଅଞ୍ଚଳରେ ପାର୍କିଂ କରି ସାଙ୍ଗ ଘରକୁ ଯାଇଥିଲେ। କିଛି ସମୟ ପରେ ଆସି ଦେଖିବାରୁ ସେଠାରେ ତାଙ୍କ ବାଇକ ନ ଥିଲା। ଫଳରେ ବାଇକ୍ ଚୋରି ହୋଇଯାଇଥିବା ନେଇ ସେ ମର୍କତନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୬୩/୧୮) ରୁଜୁ କରିଥିଲା। ତଦନ୍ତ କରି ପୋଲିସ ସଞ୍ଜୁଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଉକ୍ତ ବାଇକ ଜବତ କରିଥିଲା। ପଚରାଉଚରା ପରେ ସେ ଆଉ ୪ଟି ବାଇକ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଚୋରି ବାଇକଗୁଡିକୁ ଭିନ୍ନ ଭିନ୍ନ ସ୍ଥାନରେ ରଖିଥିବାବେଳେ ପୋଲିସ ସେଗୁଡିକ ଜବତ କରିଛି।

## ଦୀପାବଳିରେ ଜୀବଜନ୍ତୁଙ୍କ ସୁରକ୍ଷା ଚିନ୍ତା

**କଟକ ଅଫିସ, ୪।୧୧**

ବିଭିନ୍ନ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ଦୀପାବଳିରେ ଜୀବଜନ୍ତୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାଣ ଫୁଟିବା ସମୟରେ ହେଉଥିବା ଉଚ୍ଚ ଶବ୍ଦ ଯୋଗୁ ଆଖପାଖରେ ରହୁଥିବା ଜୀବଜନ୍ତୁ ଭୟଭୀତ ହୁଅନ୍ତି। ଏହାକୁ ନେଇ ଏବେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରୟାଶ କରିଛି ପିପୁଲ ଫର ଆନିମଲ ସଙ୍ଗଠନ। ରବିବାର ଅପରାହ୍ନରେ ଏ ନେଇ କଟକ ରେଳଷ୍ଟେଶନ ପାଖରେ ସଙ୍ଗଠନର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଆନିମଲ ଫ୍ରେଣ୍ଡଲି ଦୀପାବଳି ପାଳନ ପାଇଁ ପ୍ଲାକାର୍ଡ ଜରିଆରେ ସଙ୍ଗଠନର ସଦସ୍ୟ ଅଭିପ୍ସା ମିଶ୍ର ଏବଂ ସ୍ନେକ ରେସକ୍ୟୁ ଏକ୍ସପର୍ଟ ଶୁଭେନ୍ଦୁ ସ୍ୱାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ଯଦି ଜୋର ଶବ୍ଦ କରୁଥିବା ବାଣ ଫୁଟାଇବାକୁ ଚାହୁଁଛନ୍ତି ତା'ହେଲେ ଆଖପାଖରେ ରହୁଥିବା ଗୃହପାଳିତ ପଶୁମାନଙ୍କୁ ଏହାଠାରୁ ଦୂରେଇ ରଖନ୍ତୁ। ବାଣ ଫୁଟିବାବେଳେ ଯଦି କୌଣସି ପଶୁପକ୍ଷୀ ଆଘାତପ୍ରାପ୍ତ ହେଉଛନ୍ତି ତେବେ ସେମାନଙ୍କ ଚିକିତ୍ସା ପାଇଁ ପ୍ରୟାସ କରନ୍ତୁ ବୋଲି ସଙ୍ଗଠନର କର୍ମକର୍ତ୍ତାମାନେ କହିଛନ୍ତି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଟାଙ୍ଗୀ(କଟକ)୪।୧୧(ଡି.ଏନ୍.ଏ.)**

କୋଟସାହି ପଞ୍ଚାୟତ ଅଧୀନ ଟାଙ୍ଗୀ ଗ୍ରାମରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରାର ଆରମ୍ଭ ହୋଇଥିଲା। ପଞ୍ଚାୟତ ବିଜେଡି ସଭାପତି ବାବାଜୀ ଚରଣ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପଦଯାତ୍ରାରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ତାପସ କୁମାର ସାହୁ, ସୁବୋଧ କୁମାର ସାମଲ, କନ୍ହେଇପୁର ସମିତି ସଭ୍ୟ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ବାବୁଲି ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ସୁକୁମାର ମହାରଣା, ବେବିନା ସାହୁ, ନିହାର ରଞ୍ଜନ ମଲ୍ଲିକ, ହରମୋହନ ନାୟକ, ଗଗନ ରଞ୍ଜନ ମଲ୍ଲିକ, ଯତିନ୍ ସାହୁ, ଶାରଦା ପ୍ରସନ୍ନ ମହାନ୍ତି ଓ ରଘୁନାଥ ସ୍ୱାଇଁଙ୍କ ସମେତ ଶତାଧିକ ସଦସ୍ୟ ପଦଯାତ୍ରାରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ।






@ ଟୁନା



@ ସିଦ୍ଧାର୍ଥ



@ ବିଶ୍ୱ



@ ଲକ୍ଷ୍ମୀପ୍ରିୟା



@ ରଞ୍ଜନ



@ ରିଙ୍କୁପିଙ୍କୁ



@ ନବଜ୍ୟୋତି



@ ପ୍ରସାଦ କୁମାର



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ■ ଚିଲିକା ରାଜନୀତି ଚଳଚଞ୍ଚଳ

# ବିଭିନ୍ନ ଦଳର ନେତା ଗାଁମୁହାଁ

**ଖୋର୍ଦ୍ଧା ଅଫିସ,୪।୧୧**

ଲୋକସଭା ଓ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ଖୋର୍ଦ୍ଧା ଜିଲାର ଚିଲିକା ନିର୍ବାଚନମଣ୍ଡଳୀ ରାଜନୀତି ସେତେ ଅଧିକ ସରଗରମ ହେଉଛି। ରବିବାର ୩ ପ୍ରମୁଖ ଦଳ ପକ୍ଷରୁ ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ, ପଦଯାତ୍ରା ପରି କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ଏଠାରେ ବିଜେଡି, କଂଗ୍ରେସ ଓ ଭାଜପା ଦଳର ନେତାମାନେ ଗାଁ ମୁହାଁ ହୋଇ କର୍ମୀ ଓ ଭୋଟରଙ୍କୁ ମିଠା କଥା କହି ମନ ଜିଣିବାକୁ କସରତ ଜାରି ରଖିଛନ୍ତି। ତେବେ ସଭା ସମିତି, କର୍ମୀ ସମ୍ମିଳନୀ କରିବାରେ ବିଜେଡି ଦଳ ଆଗୁଆ ରହିଛି। ଏଭଳିସ୍ଥଳେ କଂଗ୍ରେସ, ବିଜେଡି ଓ ଭାଜପାରେ ଲାଗି ରହିଥିବା ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିଛି। ଭୋଟରଙ୍କ ସମସ୍ୟା କେହି ବୁଝିବାକୁ ତତ୍ପର ନୁହଁନ୍ତି। କେବଳ ଟିକେଟ ହାତେଇ ବିଧାୟକ ପଦରେ କିପରି ଆସୀନ ହେବେ ବୋଲି ସେନେଇ ଲଢ଼େଇ ଚାଲିଛି ବୋଲି କିଛି ଭୋଟର ନା ଗୋପନ ରଖି ପ୍ରକାଶ କରିଛନ୍ତି। ଏଠାରେ ଭୋଟର ନୂଆମୁହଁ ଖୋଜୁଥିବା ଚର୍ଚ୍ଚା ଚାଲିଛି। ଭାଜପା ଦଳର ଦଖଲରେ ରହିଛି ଚିଲିକା ନିର୍ବାଚନମଣ୍ଡଳୀ। ଏଠାରେ ୨୦୦୪ରେ ବିଧାୟକ ହୋଇଥିଲେ। ପୁଣି ୨୦୧୪ରୁ ବିଧାୟକ ଭାବେ କାର୍ଯ୍ୟ କରୁଛନ୍ତି। ତେବେ ବିଭୂତିଙ୍କ ଅସୁସ୍ଥତା ଯୋଗୁ ପୁତୁରା ତଥା ଦଳର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସଙ୍ଗଠନକୁ ଆଗକୁ ବଢ଼ାଉଥିଲେ। ଏଭଳିସ୍ଥଳେ ଆଗାମୀ ନିର୍ବାଚନ ପାଇଁ ତାଙ୍କର ବିକଳ୍ପ ପୃଥ୍ୱୀରାଜ ବୋଲି ବାଣପୁର ବ୍ଲକ ଗମ୍ଭାରିମୁଣ୍ଡାଠାରେ ରବିବାର ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଭୂତି ଘୋଷଣା କରିଛନ୍ତି। ଅସୁସ୍ଥତା ସତ୍ତ୍ୱେ ସେ ପୁତୁରା ପାଇଁ ପ୍ରଚାରରେ ମଙ୍ଗୁଆଳ ସାଜିବେ ବୋଲି ଘୋଷଣା କରିବା ପରେ କର୍ମୀମାନଙ୍କୁ ନିର୍ବାଚନରେ କେତେଦୂର ବିଭୂତି ପୁତୁରାଙ୍କୁ ସହଯୋଗ କରୁଛନ୍ତି ଦେଖିବାର ରହିଲା। ବିଭୂତିଙ୍କ ଗ୍ରାସ ରୁଟରେ ଭଲ ସଙ୍ଗଠନ ରହିଥିବାରୁ ତାଙ୍କର ସହଯୋଗ ନ ମିଳିଲେ ଭାଜପାକୁ ଆସନ ଫେରି ପାଇବା କାଠିକର ପାଠ ହୋଇପଡିବ। ଏଠାରେ ଭାଜପା ପାଇଁ ଲଲାଟେନ୍ଦୁ ଶତପଥୀ ଚ୍ୟାଲେଞ୍ଜ କରୁଛନ୍ତି। ଯିଏକି ସ୍ୱାଧୀନ ପ୍ରାର୍ଥୀ ହୋଇ ଭାଜପା ଭୋଟ ଭାଗ ଭାଗ କରିବାର ରହିଛି। ଅନ୍ୟପକ୍ଷେ କିଛି ବର୍ଷର ନୀରବତା ପରେ ଡ. ଦେବେନ୍ଦ୍ର ମାନସିଂହ କଂଗ୍ରେସ ସଙ୍ଗଠନକୁ ମଜବୁତ ପାଇଁ କର୍ମୀ ସମ୍ମିଳନୀ ଚାଲୁ ରଖିଛନ୍ତି। ରବିବାର ବାଣପୁରସ୍ଥିତ ରଙ୍କନାଥ ଦେବଙ୍କ ପୀଠରେ ଦେବେନ୍ଦ୍ରନାଥ ମାନସିଂହ କଂଗ୍ରେସ କର୍ମୀ ସମ୍ମିଳନୀ କରି ଭୋଟରଙ୍କ ମନ ଜିଣିବାକୁ ବିଭିନ୍ନ ପ୍ରକାରର କର୍ଣ୍ଣମନ୍ତ୍ର ଦେଇଛନ୍ତି। ତେବେ କଂଗ୍ରେସ ଦଳରୁ ପ୍ରଦୀପ ସ୍ୱାଇଁ ଅନୁରୂପ ଭାବେ ସଙ୍ଗଠନ ଜାରି ରଖିଛନ୍ତି। ଯାହାକି ଦେବେନ୍ଦ୍ରଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଅନ୍ୟପକ୍ଷେ ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତରେ ଚିଲିକା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ରବିବାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ଗ୍ରାମର ଆରାଧ୍ୟା ଦେବୀ ମା' ମେଘାମ୍ବରୀଙ୍କ ମନ୍ଦିରଠାରୁ ବାହାରି ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରଘୁ ଏଠାରେ ସକ୍ରିୟ ହୋଇ ପ୍ରତିଦିନ ସଭା ସମିତି କରି ସମସ୍ତଙ୍କଠାରୁ ଆଗରେ ଅଛନ୍ତି। ତେବେ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ମାନସ ମଙ୍ଗରାଜ ବିଜେଡିରେ ମିଶି ବିଧାୟକ ପ୍ରାର୍ଥୀ ହେବାକୁ ଅନୁରୂପ ଭାବେ ସଙ୍ଗଠନ କରୁଥିବାରୁ ରଘୁଙ୍କ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି।

### ନୂଆ ମୁହଁ ଖୋଜୁଛନ୍ତି ଭୋଟର



ଗମ୍ଭାରିମୁଣ୍ଡାଠାରେ ଭାଜପା ପକ୍ଷରୁ କର୍ମୀ ସମ୍ମିଳନୀ।






## ପୁସ୍ତକ ଉନ୍ମୋଚନ ଉତ୍ସବ



**ଜଟଣୀ,୪।୧୧(ଡି.ଏନ.ଏ.):** ଜଟଣୀ ସାହିତ୍ୟ ସଂସଦ ପରିସରରେ କବି ସୁରେଶ ଚନ୍ଦ୍ର ରଥଙ୍କ ସ୍ୱରଚିତ କବିତା ସଙ୍କଳନ 'ସ୍ମୃତି ଅନୁଭୂତି' ରବିବାର ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରାଧାପକ ଡ. ପ୍ରମୋଦ କୁମାର ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସନ୍ତୋଷ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ପୁସ୍ତକ ଉନ୍ମୋଚନ କରିବା ସହ ଅଭିଭାଷଣ ପ୍ରଦାନ କରିଥିଲେ। ସ୍ୱସ୍ତିଦା ପାଳ ଏହି ପୁସ୍ତକକୁ ସମୀକ୍ଷା କରିଥିଲେ। ସାହିତ୍ୟ ସଂସଦର ସଭାପତି ଶ୍ୟାମ ସୁନ୍ଦର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ କବିତା ପାଠୋତ୍ସବ ମଧ ଅନୁଷ୍ଠିତ ହୋଇଥିଲା। ପଦ୍ମନାଭ ପାଣିଗ୍ରାହୀ ଓ ବିପିନ ବିହାରୀ ବେହେରା ଏହାକୁ ସଂଯୋଜନା କରିଥିଲେ। ୩୬ ଜଣ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସମ୍ପାଦକ ସତ୍ୟବାଦୀ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂସଦର ସଦସ୍ୟ ପ୍ରମୋଦ ମହାନ୍ତି, ସୁଶାନ୍ତ କୁମାର ରାଉତ, ଜନାର୍ଦ୍ଦନ ରଥ, ସୁରେନ୍ଦ୍ର କୁମାର ମିଶ୍ର, ସାଧୁ ଚରଣ ମହାନ୍ତି, ସୀତାକାନ୍ତ ଶତପଥୀ, ଡ. ସ୍ନିଗ୍ଧା ସ୍ୱାଇଁ, କୌମୁଦୀ ଦାଶ, ପ୍ରହ୍ଲାଦ ସାହୁ, ସୁଦର୍ଶନ ସାହୁ, ଶରତ ଚନ୍ଦ୍ର ଦାଶ, ଉର୍ମିଳା ରଥ, ଶକୁନ୍ତଳା ରଥ, ରଶ୍ମିତା ନାୟକ, ଭକ୍ତବନ୍ଧୁ ଚୌଧୁରୀ, ଜବାହରଲାଲ ସୁବୁଦ୍ଧି, ଜ୍ଞାନ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ■ ସିପିଆଇ ବୋଲଗଡ଼-ବେଗୁନିଆ ମିଳିତ କ୍ୟାଡର କନ୍‌ଭେନ୍‌ଶନ

# ଭାଜପା ସରକାରକୁ ବିରୋଧ

**ବୋଲଗଡ଼, ୪।୧୧(ଡି.ଏନ.ଏ.)**

ସିପିଆଇର ବୋଲଗଡ଼-ବେଗୁନିଆ ଉଭୟ ବ୍ଲକ୍‌ର ଏକ ମିଳିତ କ୍ୟାଡର୍ କନ୍‌ଭେନଶନ୍ ରବିବାର ପିଚୁକୁଳିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିପିଆଇ ନେତା ଅମିୟ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପାର୍ଟିର ଦିବଂଗତ ନେତାମାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। ସିପିଆଇ ଜାତୀୟ ପରିଷଦ ସଭ୍ୟ ରାମକୃଷ୍ଣ ପଣ୍ଡା ଯୋଗଦେଇ କେନ୍ଦ୍ରରେ ଭାଜପା ଶାସିତ ସରକାରଙ୍କୁ ବିରୋଧ ଓ ତୀବ୍ର ସମାଲୋଚନା କରିଥିଲେ। ଗତ ସାଢେ ୪ ବର୍ଷର ଭାଜପା ଶାସନ ମଧ୍ୟରେ ଗ୍ୟାସ୍, ପେଟ୍ରୋଲ୍ ଓ ଡିଜେଲ୍ ଦରବୃଦ୍ଧି ଓ କୃଷିଋଣ ଛାଡ଼ ପ୍ରସଙ୍ଗ ଉପରେ ସେ କହିଥିଲେ। ଡାକ୍ତରଙ୍କ ଅଭାବ ଓ ନିଯୁକ୍ତି ନେଇ ବରିଷ୍ଠ ନେତା ବସନ୍ତ ପାଇକରାୟ ମତ ରଖିଥିଲେ। ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ଉତ୍କଳ ମହିଳା ସମିତି ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ, ପିଚୁକୁଳି କୃଷିସେବା ସମବାୟ ସମିତି ସଭାପତି ବିଜୟ କୁମାର ଗୁମାନସିଂହ, ବେଗୁନିଆ ଜୋନ ସମ୍ପାଦକ ଲକ୍ଷ୍ମଣ ସେଠୀ, ବୋଲଗଡ଼ ଜୋନ ସମ୍ପାଦକ ବିନୋଦ ବରାଡ଼, ଖୋର୍ଦ୍ଧା ଜିଲା ସିପିଆଇ ସମ୍ପାଦକ ନୃସିଂହ ବେହେରା, ସିପିଆଇ ନେତା ଅଜୟ ମଙ୍ଗରାଜ, ପ୍ରଦୀପ ବାରିକ, ବସନ୍ତ ସେଠୀ, ହରିବନ୍ଧୁ ଦଳାଇ ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସମାଲୋଚନା କରିଥିଲେ। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ କ୍ୟାଡର ନେତା ଯୋଗଦେଇଥିଲେ। ବୋଲଗଡ଼ ଓ ବେଗୁନିଆ ବ୍ଲକସ୍ଥ ୨୮ଟି ଶାଖାର ସିପିଆଇ ସମ୍ମିଳନୀ ଆସନ୍ତା ୩୦ ତାରିଖ ସୁଦ୍ଧା ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଆଗାମୀ ସାଧାରଣ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ସିପିଆଇ ପକ୍ଷରୁ ବିଧାୟକ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା।

## ■ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

# ପାରିବାରିକ ବିଶୃଙ୍ଖଳାରୁ ମୁକ୍ତ ପାଇଁ ପ୍ରୟାସ

**ବେଗୁନିଆ,୪।୧୧ (ଡି.ଏନ.ଏ.)**

ପାଶ୍ଚାତ୍ୟ ସଭ୍ୟତାରେ ଏବେ ବହୁ ଲୋକେ ନିଶା ସେବନକୁ ନିତିଦିନିଆ ଅଭ୍ୟାସରେ ପରିଣତ କଲେଣି। ବିଶେଷକରି ଯୁବ ପିଢିମାନେ ସର୍ବାଧିକ ବୋଲି ଦେଖିବାକୁ ମିଳୁଛି। ସେବନ ଦ୍ୱାରା ସମାଜରେ ଅଶାନ୍ତିର ବାତାବରଣ ଦେଖା ଦେବା ସହ ଶରୀର ରୋଗଗ୍ରସ୍ତ ହେଉଛି। ବିଶେଷକରି ପରିବାରରେ ନାନା ବିଶୃଙ୍ଖଳା ଦେଖାଦେଉଛି। ଏଥିସହ ସୁନ୍ଦର ପରିବାର ଗଠନରେ ମଦ ବାଧକ ସାଜୁଛି। ଏବେ ସଚେତନ ହେବାର ବେଳ ଆସିଛି। ସମସ୍ତେ ଆସନ୍ତୁ ମହାତ୍ମା ଗାନ୍ଧୀଙ୍କ ନୀତିକୁ ଅନୁକରଣ କରିବା। ନିଶା ମୁକ୍ତ ସୁସ୍ଥ ସମାଜ ଗଠନ କରିବା ସହ ପାରିବାରିକ ବିଶୃଙ୍ଖଳାରୁ ମୁକ୍ତ ହେବା। ଏଭଳି ମହତ ବାର୍ତ୍ତା ନେଇ କେତେଜଣ ବୁଦ୍ଧିଜୀବୀ ରବିବାର ପୂର୍ବାହ୍ନରେ ସଚେତନ ଶୋଭାଯାତ୍ରାରେ ବାହାରିଥିଲେ। ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ କୁମାର ରଥଙ୍କ ସମେତ ଶିବ କୁମାର ମୁନି, ଆକାଶ ନାୟକ ଆଦି ବହୁ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ଜାତୀୟ ପତାକାକୁ ଉଡାଇ ସେମାନେ ବେଗୁନିଆ ବଜାର ଓ ଗ୍ରାମାଞ୍ଚଳ ବୁଲି ପ୍ରଭାତ ଫେରି କାର୍ଯ୍ୟକ୍ରମ କରିଥିଲେ। ଜନସାଧାରଣଙ୍କୁ ଭେଟି ନିଶା ସେବନରୁ ଦୂରେଇ ରହିବା ସହ ଆମ ପରିବାରକୁ ବିଶୃଙ୍ଖଳା ମୁହଁରୁ ମୁକ୍ତ ରଖିବାକୁ ପ୍ରୟାସ କରିବା ନିହାତି ଆବଶ୍ୟକ ବୋଲି ସଚେତନତା ସୃଷ୍ଟି କରାଯାଇଥିଲା।

## ■ ସହର ପରିକ୍ରମା କଲା ଓଲି

# ସୃଷ୍ଟି କଲା ହକି ସଚେତନତା

**ଖୋର୍ଦ୍ଧା ଅଫିସ, ୪।୧୧**

ବିଶ୍ୱକପ୍ ହକି ପାଇଁ ଶୁଭ ମନାସୀ ସାଙ୍କେତିକ ଚିହ୍ନ ଓଲିର ଉଦ୍‌ଘାଟନ ଉତ୍ସବ ଖୋର୍ଦ୍ଧା ଜିଲା ସଦର ମହକୁମାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁରଜିତ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଲି ଅପରାହ୍ନ ୨ଟା ୫୦ ମିନିଟ୍‌ରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଖୋର୍ଦ୍ଧା ସହର ପରିକ୍ରମା କରି ସାରୁଅ, ବାଘମାରୀ, ବେଗୁନିଆ, ବୋଲଗଡ଼ ଅଞ୍ଚଳରେ ସଚେତନତା ସୃଷ୍ଟି କରି ନୟାଗଡ଼ ଅଭିମୁଖେ ଯାତ୍ରା କରିଛି। ଏହି ଶୋଭାଯାତ୍ରାରେ ଟାଙ୍ଗିଆପଡା ଅଞ୍ଚଳର ପାଇକମାନେ ସମରକଳା ପ୍ରଦର୍ଶନ କରିଥିଲେ। ଉଲ୍ଲେଖଥାଉ କି, ସାଙ୍କେତିକ ଚିହ୍ନ ଓଲିର ଜିଲା ପରିକ୍ରମାର ଉଦ୍ଦେଶ୍ୟ ଲୋକମାନଙ୍କ ମଧ୍ୟରେ ହକି ପାଇଁ ଆଗ୍ରହ ସୃଷ୍ଟି କରିବା। ପ୍ରକାଶଥାଉ କି, ଓଲି ରବିବାର ଜିଲା ସଦର ମହକୁମାରେ ସଚେତନତା ସୃଷ୍ଟି କରିବ ବୋଲି ଜିଲା କ୍ରୀଡ଼ା ବିଭାଗର ଅଧିକାରୀ ଗଣମାଧ୍ୟମକୁ ଜଣାଇଥିଲେ। ପରେ କାର୍ଯ୍ୟକ୍ରମ ବାତିଲ ହେଲା, ସୋମବାର ହେବ ବୋଲି ପ୍ରକାଶ କରିଥିଲେ। କିନ୍ତୁ ରବିବାର ଅପରାହ୍ନ ସାଢ଼େ ୧ ଟାରେ କାର୍ଯ୍ୟକ୍ରମ ହେବ ବୋଲି ପୁଣି କ୍ରୀଡା ବିଭାଗ ପକ୍ଷରୁ ସୂଚନା ଦିଆଗଲା। ହେଲେ ଅପରାହ୍ନ ୨ଟା ୪୦ ସୁଦ୍ଧା କାର୍ଯ୍ୟକ୍ରମ ଆରମ୍ଭ ହୋଇପାରି ନ ଥିଲା। ବିଳମ୍ବରେ କାର୍ଯ୍ୟକ୍ରମ ଆରମ୍ଭ ହେବାରୁ ପ୍ରସ୍ତୁତି ମୁତାବକ ସଚେତନତା ସୃଷ୍ଟି କରାଯାଇପାରି ନ ଥିଲା।



'ଓଲି' ଖୋର୍ଦ୍ଧା ସହର ପରିକ୍ରମା କରୁଛି।



@ ଚୁନା



@ ସିଦ୍ଧାର୍ଥ



@ ବିଶ୍ୱ



@ ଲକ୍ଷ୍ମୀପ୍ରିୟା



@ ରଞ୍ଜନ



@ ରିଙ୍କୁପିଙ୍କୁ



@ ନବଜ୍ୟୋତି



@ ପ୍ରସାଦ କୁମାର



ମଣିଷ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
- ସ୍ୱାମୀ ବିବେକାନନ୍ଦ



## ଆଜି କ'ଣ କେଉଁଠି

ସାକ୍ଷୀଗୋପାଳ

- ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପନ, ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ଅପରାହ୍ନ ୨ଟା।

## ଓଡ଼ିଆରେ ନାମଫଳକ ଲେଖିବାକୁ ସଚେତନତା ଶୋଭାଯାତ୍ରା



**ପୁରୀ ଅଫିସ,୪।୧୧:** ପୁରୀ ସର୍କିଟ ହାଉସ୍‌ରେ ପ୍ରଥମଥର ବସିଥିଲା କ୍ୟାବିନେଟ ବୈଠକ। ଓଡ଼ିଆ ଭାଷା, ସଂସ୍କୃତିର ବିକାଶ ଲାଗି ନିଆଯାଇଥିଲା ବହୁବିଧ ପଦକ୍ଷେପ। ସମସ୍ତ ସରକାରୀ ଅନୁଷ୍ଠାନ ଏବଂ ବେସରକାରୀ କାର୍ଯ୍ୟାଳୟର ନାମଫଳକ ଏପ୍ରିଲ ୧ରୁ ଓଡ଼ିଆରେ ଲେଖିବାକୁ ବାଧ୍ୟତାମୂଳକ କରାଯାଇଥିଲା। ଏହାକୁ ଯେଉଁମାନେ ଅବମାନନା କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ମଧ ନିଷ୍ପତ୍ତି ନିଆଯାଇଥିଲା। ଏଥିଲାଗି ରାଜ୍ୟ ସରକାର ଦଣ୍ଡବିଧାନର ମଧ ବ୍ୟବସ୍ଥା କରିଛନ୍ତି। ଶ୍ରୀକ୍ଷେତ୍ର ମାଟିରେ ରାଜ୍ୟ ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ଏଯାଏ ପୁରୀ ଜିଲାରେ କାର୍ଯ୍ୟକାରୀ ହୋଇପାରି ନାହିଁ। ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବେସରକାରୀ ପ୍ରତିଷ୍ଠାନ ଆଗରେ ଝୁଲୁଛି ଇଂଲିଶ ନାମଫଳକ। ପ୍ରଶାସନ ମଧ ହାତବାନ୍ଧି ବସିଛି। ଏହାକୁ ନେଇ ତୀବ୍ର ଉଦ୍‌ବେଗ ପ୍ରକାଶ କରିଛି ଉତ୍କଳ ସମ୍ମିଳନୀ ପୁରୀ ଜିଲା ଶାଖା। ଏ ସଂକ୍ରାନ୍ତରେ ପୁଣି ଲୋକଙ୍କୁ ସଚେତନ କରିବା ଲାଗି ସମ୍ମିଳନୀ ଉଦ୍ୟମ କରିଛି। ରବିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଛି। ସମ୍ମିଳନୀ ପୁରୀ ଜିଲା ସଭାପତି ଭୀମସେନ ମହାପାତ୍ର ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

# ଶ୍ରୀଜଗନ୍ନାଥ ହେଉଛନ୍ତି ରସାନନ୍ଦ

ପୁରୀ ଅଫିସ, ୪।୧୧

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ନଭେମ୍ବର ମାସ ଆଲୋଚନାଚକ୍ର ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ନରେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଆଲୋଚ୍ୟ ବିଷୟ ଥିଲା 'ରାସ ପରମ୍ପରାରେ ଶ୍ରୀଜଗନ୍ନାଥ'। ଏଥିରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରି ଡ. ଉମେଶ ଚନ୍ଦ୍ର ଚିହ୍ନରା କହିଥିଲେ, ଦ୍ୱାପର ଯୁଗର ସ୍ମୃତିରେ ଆଷାଢ ଓ ଶ୍ରାବଣରେ ଶ୍ରୀଜଗନ୍ନାଥଙ୍କ ବର୍ଷାକାଳୀନ ରାସ, କାର୍ତ୍ତିକରେ ଶରତ ରାସ ଏବଂ ଫାଲଗୁନ ମାସରେ ବସନ୍ତ ରାସ ବା ଦୋଳୋତ୍ସବ ଅନୁଷ୍ଠିତ ହୋଇଥାଏ। ଭଗବାନ ଶ୍ରୀଜଗନ୍ନାଥ ହେଉଛନ୍ତି ରସାନନ୍ଦ। ତାଙ୍କଠାରେ ଦ୍ୱାପରଯୁଗୀୟ ମାଧୁର୍ଯ୍ୟଲୀଳା ସମ୍ପାଦିତ ହୁଏ ବୋଲି ଚିହ୍ନରା କହିଛନ୍ତି। ଏହି ଆଲୋଚନାଚକ୍ରରେ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ସତ୍ୟନାରାୟଣ ମିଶ୍ର, ନାରାୟଣ ନନ୍ଦ, ଡ. ବିଜୟନାରାୟଣ ରାମାନୁଜ ଦାସ, ଅଧ୍ୟାପକ ସୁନୀଲ କୁମାର ରଥ, ନବକିଶୋର ସାହୁ, ଅନାମ ଚନ୍ଦ୍ର ସାହୁ, ରଘୁନାଥ ମହାପାତ୍ର, ପ୍ରମୋଦ କୁମାର ଦଳେଇ, ଜୟକୃଷ୍ଣ ଦାଶ, ନୃସିଂହ ଚରଣ ସାହୁ, ବିନୋଦ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ବାସୁଦେବ ସାହୁ, ଶରତ କୁମାର ସାହୁ, ବିଜୟଲକ୍ଷ୍ମୀ ଦାଶ, ରଞ୍ଜିତା ମହାପାତ୍ର, ଚାରୁଲତା ମିଶ୍ର, ସୁନୀଲ କୁମାର ମିଶ୍ର, ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପରିଷଦର କର୍ମକର୍ତ୍ତା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁହଁ ଉପରେ ଆରେ ହୁର**
**ପଛ ହୋଇଗଲେ ଦୂର୍ ଦୂର୍ ।**

ମୁହଁ ଉପରେ ଅନେକେ ଭଲେଇ ହୋଇ କଥା କହିଥାନ୍ତି। ଆପଣାର ଭାବ ଦେଖେଇ ହେବା ସହ ବଡ଼ ବଡ଼ କଥା କହିଥାନ୍ତି। ଏପରି କି ନେଇ ଆଣି ଥୋଇ ପାରିବାର ମିଛ ଆଶ୍ୱାସନା ଦେଇଥାନ୍ତି। ପରନ୍ତୁ ମୁହଁ ପଛରେ ନାନା ସମାଲୋଚନା କରିବା ସହ ବେଖାତିର କରିବାକୁ ପଛାଇ ନ ଥାନ୍ତି। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମହାକାଳ ଫଳ ବଡ଼ ସୁନ୍ଦର**
**ଭିତର ଦେଖିଲେ ପୋଡ଼ା ଅଙ୍ଗାର ।**

ମହାକାଳ ଫଳ ଦେଖିବାକୁ କେତେ ସୁନ୍ଦର ଅଥଚ ଭିତରେ ପୋଡ଼ା ଅଙ୍ଗାର । ବାହ୍ୟସ୍ୱରୂପ ଦେଖି ଭିତରର ପ୍ରକୃତି ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ବ୍ୟକ୍ତିର ଆକୃତିରୁ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି ତାହା ଠଉରେଇବା ମଧ କାଠିକର ପାଠ ହୋଇଯାଇଥାଏ। ବାହାରେ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ତଥା ମିଷ୍ଟଭାଷୀ ବୋଲାଉଥିବା କିଛି ବ୍ୟକ୍ତି ଭିତରେ ଭିତରେ କପଟାଚରଣ କରୁଥିବା ଦେଖିବାକୁ ମିଳୁଥିବା ବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### କଟକଣାକୁ ବେଖାତିର

# ନିଷିଦ୍ଧାଞ୍ଚଳରେ ଚକ୍କର କାଟିଲା ଟ୍ରଲର

ପୁରୀ ଅଫିସ,୪।୧୧



ପୁରୀ ସମୁଦ୍ରରେ ବେଆଇନ ଭାବେ ଏକ ଟ୍ରଲର ଯାତାୟାତ କରୁଛି।

ନଭେମ୍ବର ପହିଲାରୁ ମେ ୩୧ ପର୍ଯ୍ୟନ୍ତ ସମୁଦ୍ର କୂଳଠାରୁ ଭିତରକୁ ୫ କିମି ମଧରେ ଟ୍ରଲର ଓ ଯନ୍ତ୍ରଚାଳିତ ବୋଟ ଚଳାଚଳକୁ ବାରଣ କରାଯାଇଛି। ବର୍ତ୍ତମାନ ଅଲିଭରିଡ୍‌ଲେ କଇଁଛଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥିବାରୁ ବନ ବିଭାଗ ପକ୍ଷରୁ ଏହି କଟକଣା ଲଗାଯାଇଛି। ହେଲେ କଟକଣା ଲଗାଇ ଚୁପ୍ ବସିଛି ବନ ବିଭାଗ। ରବିବାର ଅପରାହ୍ନ ୫ଟାରେ ପୁରୀ ସମୁଦ୍ର ବେଳାଭୂମିଠାରୁ ମାତ୍ର ୫୦୦ ମିଟର ମଧରେ ନିଷିଦ୍ଧାଞ୍ଚଳରେ ଏକ ବଡ଼ ଟ୍ରଲର ଚକ୍କର କାଟୁଥିଲା। ଛୋଟ ଜାହାଜ ଭଳି ଦେଖାଯାଉଥିବା ଉକ୍ତ ଟ୍ରଲରଟି ଲଙ୍ଗର ପକାଇ ରହିବା ଭଳି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କିଛି ସମୟ ରହିଥିଲା। ଏହାକୁ ଦେଖିବାକୁ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। କିଛି ଲୋକ ଫଟୋ ମଧ ଉଠାଇଥିଲେ। ଏହା ଜାଣିବା ପରେ ଟ୍ରଲରଟି ସେଠାରୁ ଭିତରକୁ ପଳାଇ ଯାଇଥିଲା। ଅନେକ ସମୟରେ ଏହି କଟକଣାକୁ ବେଖାତିର କରି ନିଷିଦ୍ଧାଞ୍ଚଳରେ ମାଛ ମରାଯାଉଛି। ପୁରୀ ବେଳାଭୂମିର ଅତି ନିକଟରେ ଏକାଧିକ ଟ୍ରଲର ଯାତାୟାତ କରୁଛନ୍ତି। ଅନ୍ୟପକ୍ଷରେ ଜଙ୍ଗଲ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ସାମୁଦ୍ରିକ ପାଟ୍ରୋଲିଂ ଆରମ୍ଭ ହୋଇ ନ ଥିବା ଜଣାପଡିଛି।

## ଅସ୍ତରଙ୍ଗରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

କାକଟପୁର, ୪।୧୧(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକ ବିଜେଡି ପକ୍ଷରୁ ରବିବାର ପାଟଳଦା ଏବଂ ଛୁରିଅନା ପଞ୍ଚାୟତ ଅଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ସମିତିସଭ୍ୟ ଦିବାକର ଛାଟୋଇ, ବ୍ଲକ ବିଜେଡି ସଭାପତି ସାଇ ରଞ୍ଜନ ପ୍ରଧାନ, ପ୍ରକାଶ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ୧୦୦୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ କର୍ମୀ ଯୋଗଦେଇଥିଲେ। ଛୁରିଅନା ପଞ୍ଚାୟତର କଣମଣ ଗ୍ରାମଠାରୁ ପଦଯାତ୍ରା ଆରମ୍ଭ କରି ପଞ୍ଚାୟତର ୭ଟି ଗ୍ରାମ ପରିଭ୍ରମଣ କରିଥିଲେ। ପଦଯାତ୍ରାରେ ନେତା ଓ କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ବିଜେଡି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ ଶାନ୍ତି ପୋଷ୍ଟର ପ୍ରତିଯୋଗିତା

ପୁରୀ ଅଫିସ,୪।୧୧

ଲାୟନ୍ସ କ୍ଲବ ପୁରୀ ପକ୍ଷରୁ ସ୍ଥାନୀୟ ପୁରୀ କ୍ଲବଠାରେ ରବିବାର ଶାନ୍ତି ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ କାନ୍‌ଭାସ ଓ ରଙ୍ଗତୂଳୀରେ ସେମାନଙ୍କ ପୋଷ୍ଟର ପ୍ରସ୍ତୁତ କରିଥିଲେ। ଏଥିରେ ବାଲୁକାଶିଳ୍ପୀ ସୁଦାମ ପ୍ରଧାନ ଓ ଦୁର୍ଗାମାଧବ ଆଚାର୍ଯ୍ୟ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତା ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବ୍ ସଭାପତି ଶିବ ନାରାୟଣ ସେନାପତି, ସମ୍ପାଦକ ଅନିଲ ଦାଶ, ଭାସ୍କର ପାତ୍ର ଓ ମହମ୍ମଦ ମଞ୍ଜୁରୁଲ୍ଲା ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଥାନା ଆଗରେ ଚାଷୀଙ୍କ ଧାରଣା

**ବ୍ରହ୍ମଗିରି, ୪।୧୧(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କହଳପଦା ସେବା ସମବାୟ ସମିତି ଲିଃରେ ବୀମାରାଶି ପାଇବାରୁ ବଞ୍ଚିତ ହୋଇଥିବା କେତେକ ଚାଷୀ ବ୍ରହ୍ମଗିରି ଥାନା ସମ୍ମୁଖରେ ରବିବାର ଧାରଣାରେ ବସିଥିଲେ। ଗତ ୨ ଦିନ ତଳେ ବୀମାରାଶି ପାଇବାରୁ ବଞ୍ଚିତ ହୋଇଥିବା ଜଣେ ଚାଷୀ ଉକ୍ତ ସମିତିର ସମ୍ପାଦକଙ୍କୁ ପଚାରିବାରେ ସେ ଚାଷୀଙ୍କ ଉପରେ କ୍ଷୁବ୍ଧ ହୋଇ ଅନ୍ୟ ଲୋକଙ୍କ ମାଧ୍ୟମରେ ଗଣ୍ଡଗୋଳ ସୃଷ୍ଟି କରାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ପ୍ରାୟ ଶତାଧିକ ଚାଷୀ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଶୀଘ୍ର ମାମଲା ରୁଜୁ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ହଟିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

# CLASSIFIED DISPLAY

ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
ଆମ ଉପଦେଶ ଆପଣଙ୍କର ଜୀବନର ଦଶା ଓ ଦିଶା ବଦଳେଇ ଦେଇ ପାରିବ
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବସରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

FINANCE
Ramco Group ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
Tower-A, 7th Floor, Global Technology Park, Marathali, Bangalore-560037
7750060109
7750060137
Email Id- ramcogroup283@gmail.com

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଦୀପାବଳି ଧମାକା
ମୁଦ୍ରା ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
7078300382
7078299164
SCO-106, Second Floor, Vishal Tower, Connaught Place, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
8570062731
9996602452

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ୍ ଦେଇ ମାତ୍ର ତିନି ଦିନରେ ଶିକ୍ଷାଋଣ, ବ୍ୟବସାୟ ଋଣ ଏବଂ ସୁନାଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ:
3 Salt Lake, Sector-5, KOLKATA-700091
9874247647

Adhar Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
12A, Karolbag,New Delhi
8433378861
7379665376

HIGH SPEED UPKARAN
ଶୁଭ ଦୀପାବଳୀ ଅବସରରେ କମ୍ପାନୀର ଅଫରରେ ଘରେ ବସି ଅନ୍‌ଲାଇନ୍ ଉପକରଣ ପାଇଁ ଆବେଦନ କରି ଅନେକ ଲାଭ ଉଠାନ୍ତୁ ।
ଆଡଭାନ୍ସ-୪୦ ଲକ୍ଷ + ଭଡା-୩୫୦୦୦/- + ଦରମା-୨୫୦୦୦/-
ପ୍ରଥମ ୫୦ଜଣ କଲରଙ୍କୁ ହେଲ୍‌ଥ ଇନ୍‌ସୁରାନ୍ସ ଫ୍ରୀ ।
Office No.413, Commercial Complex, Paschim Vihar, New Delhi-64
07454843836
07060557597

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ପ୍ରତିଷ୍ଠିତ କମ୍ପାନୀରୁ ଘରେ ବସି ମାର୍କସିଟ୍, ପର୍ସନାଲ, ପ୍ରପୋର୍ଟି, ପ୍ରୋଜେକ୍ଟ ଏବଂ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ମହିଳା ଓ ଗରିବ ବେରୋଜଗାର ମାନଙ୍କୁ ବିଶେଷ ରିହାତି ।
କଳାହାଣ୍ଡି 09720689785
କଟକ 08394076727
ଭୁବନେଶ୍ୱର 09758895205
14/2, Laxmi Nagar, New Delhi

(ଦୀପାବଳି ଋଣ ଧମାକା)
KUBER FINANCE
ସରକାରୀ ଜନଧନ ଯୋଜନା ଅଧୀନରେ ସବୁ ପ୍ରକାରର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ 50,000ରୁ 1 କୋଟି ପର୍ଯ୍ୟନ୍ତ । 1% ସୁଧ, 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ।
Call Now:
8295564405
7496890187
Shaldoha, Mahushmuriya, East Singhbhum, Baharagora Jharkhand - 832301

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



■ ଏସ୍‌ସିଏସ୍ କଲେଜ ଦିବ୍ୟାଙ୍ଗ କୋଟା କେଳେଙ୍କାରୀ

# ଜାଲ୍ ପ୍ରମାଣପତ୍ରରେ ନାମ ଲେଖାଇଛନ୍ତି ୧୭ ଛାତ୍ରୀଛାତ୍ର

**ପୁରୀ ଅଫିସ,୪।୧୧**

■ ୨୦୧୭ ଶିକ୍ଷାବର୍ଷରୁ ପଢୁଛନ୍ତି
■ ବଡ଼ ର୍‍ୟାକେଟ କାର୍ଯ୍ୟ କରୁଥିବା ସନ୍ଦେହ
■ ମୁହଁ ଖୋଲୁନାହାନ୍ତି କଲେଜ କର୍ତ୍ତୃପକ୍ଷ

ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ଏସ୍‌ସିଏସ୍)ରେ ପୁଣି ଏକ କେଳେଙ୍କାରୀ ପଦାକୁ ଆସିଛି। ଚଳିତ ଶିକ୍ଷାବର୍ଷରେ ଯୁକ୍ତ୩ରେ ଜାଲ୍ ପ୍ରମାଣପତ୍ର ଦେଇ ଦିବ୍ୟାଙ୍ଗ କୋଟାରେ ନାମ ଲେଖାଇଥିବା କର୍ତ୍ତୃପକ୍ଷ ଜାଣିବା ପରେ ତାହାକୁ ରଦ୍ଦ କରିଦେଇଛନ୍ତି। ଘଟଣାକୁ ନେଇ ଅଧିକ ଖୋଳତାଡ଼ ଚାଲିଥିବାବେଳେ ୨୦୧୭ ଶିକ୍ଷାବର୍ଷରେ ନକଲି ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ୧୭ଜଣ ନାମ ଲେଖାଇଥିବା ଜଣାପଡିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ (ସିଡିଏମଓ)ରୁ ହସ୍ତଗତ ତଥ୍ୟରୁ ଏହି ଜାଲ୍ କାରବାର ଧରାପଡିଛି। ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ପିଲାଙ୍କ ଭବିଷ୍ୟତ ପ୍ରସଙ୍ଗ ହୋଇଥିବାରୁ କଲେଜ କର୍ତ୍ତୃପକ୍ଷ ମୁହଁ ଖୋଲୁନାହାନ୍ତି।

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ରିପୋର୍ଟ (ଚିଠି ନଂ.୫୯୫୩/ତା-୨୯।୯।୧୮)ରେ ଦର୍ଶାଯାଇଛି ଯେ, ୧୯ଟି ସାର୍ଟିଫିକେଟ ଯାଞ୍ଚ ଲାଗି ଆସିଥିଲା। ସେଥିରୁ ୨ଟିକୁ ବାଦ୍ ଦେଲେ ୧୭ଟି ନକଲି। ଏନେଇ ସିଡିଏମ୍‌ଓ ଭାସ୍କର ସାମନ୍ତରାୟ କୁହନ୍ତି, ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନରେ ଏହି ତଥ୍ୟ ମାଗିଥିଲେ। ସାର୍ଟିଫିକେଟ ଯାଞ୍ଚବେଳେ ସେଥିଲେ ଭୁଲ୍ ତଥ୍ୟ ଦିଆଯାଇଥିବା ପ୍ରମାଣିତ ହୋଇଥିଲା।

ଗତ କିଛି ବର୍ଷ ଧରି ଏସ୍‌ସିଏସ୍ କଲେଜରେ ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ଛାତ୍ରୀଛାତ୍ରମାନେ ନାମଲେଖାଉଥିବା ଅଭିଯୋଗ ହୋଇ ଆସୁଥିଲା। ମାତ୍ର କଲେଜ କର୍ତ୍ତୃପକ୍ଷ ଏହାକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲେ। ଏ ସଂକ୍ରାନ୍ତରେ କେବଳ 'ଧରିତ୍ରୀ'ରେ ଖବର ପରିବେଷଣ ପରେ ଖୋଳତାଡ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ନାମଲେଖାରେ ଏଭଳି ଚଞ୍ଚକତା କରାଯାଇଥିବା ଜଣାପଡିଥିଲା। କର୍ତ୍ତୃପକ୍ଷ ନାମ ଲେଖାଇଥିବା ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ନାମଲେଖାକୁ ରଦ୍ଦ କରିଛନ୍ତି। ତେବେ ଗତବର୍ଷ ନାମଲେଖା ଜାଲିଆତି ଅଭିଯୋଗ ସମ୍ପର୍କରେ କିଛି କହିବାକୁ ମନା କରିଛନ୍ତି କଲେଜ ଅଧକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର। ଏହା ପଛରେ ଏକ ର୍‍ୟାକେଟ କାମ କରୁଥିବା ଓ ଏଥିରେ କଲେଜର କେତେଜଣ ଅଧ୍ୟାପକ ଏବଂ କର୍ମଚାରୀଙ୍କ ସମ୍ପୃକ୍ତି ଥିବା କେତେକ ଛାତ୍ର ସଂଗଠନ ମୁହଁ ଖୋଲିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଏବିଭିପି ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟି ଦାବି କରିଛନ୍ତି। କଲେଜର ଜଣେ ବରିଷ୍ଠ ଅଧ୍ୟାପକ କହିଛନ୍ତି ଯେ, ଦୀର୍ଘଦିନ ହେବ ଏହି ଜାଲିଆତି ଚାଲିଆସୁଥିଲା। ଏବାବଦକୁ ଜଣେ ପିଲା ପିଛା ୩୦ରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିଲା। ସମ୍ପୃକ୍ତ ଥିବା ମିଡିଏଟର ଓ କଲେଜର କେତେଜଣ କର୍ମଚାରୀ ଭାଗବାଣ୍ଟି ନେଉଥିଲେ। ଠିକ୍ ତଦନ୍ତ ହେଲେ ସବୁକିଛି ପଦାକୁ ଆସିବ ବୋଲି ସେ କହିଛନ୍ତି।

## ଅର୍ଜୁନ ସାମଲଙ୍କୁ ପଣ୍ଡିତ କାଶୀନାଥ ପୂଜାପଣ୍ଡା ସ୍ମୃତି ସମ୍ମାନ

**ପୁରୀ ଅଫିସ,୪।୧୧**

**ନବମ ସଙ୍ଗୀତ ଶ୍ରଦ୍ଧାଞ୍ଜଳି**

ଓଡ଼ିଶୀ ସଙ୍ଗୀତର ପ୍ରବାଦ ପୁରୁଷ ପଣ୍ଡିତ କାଶୀନାଥ ପୂଜାପଣ୍ଡାଙ୍କ ସ୍ମୃତିରେ ନବମ ସଙ୍ଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କାଶୀନାଥ ପୂଜାପଣ୍ଡା ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହରିହର ମିଶ୍ର ମୁଖ୍ୟଅତିଥି, ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ପୂର୍ବତନ କାଉନ୍‌ସିଲର ଭକ୍ତଚରଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ କୈବଲ୍ୟକଣ୍ଠ ଅର୍ଜୁନ ଚରଣ ସାମଲଙ୍କୁ ସଙ୍ଗୀତ କ୍ଷେତ୍ରରେ ଆଜୀବନ ସାଧନା ନିମନ୍ତେ 'ପଣ୍ଡିତ କାଶୀନାଥ ପୂଜାପଣ୍ଡା ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିଭଳି ବିଶିଷ୍ଟ ସିତାର ବାଦକ କଲିକତାର ଅସୀମ ଚୌଧୁରୀ ଏବଂ ଓଡ଼ିଶୀ କଣ୍ଠଶିଳ୍ପୀ କାର୍ତ୍ତିକ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତି ସଂସଦ ସମ୍ପାଦକ ସତ୍ୟନାରାୟଣ ଗୁରୁ, ଆବାହକ ହାଡ଼ିବନ୍ଧୁ ପୂଜାପଣ୍ଡା, ଉପସଭାପତି ଶିବନାରାୟଣ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଡ. କୈଳାସ ଚନ୍ଦ୍ର ଟିକାୟତରାୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ସଙ୍ଗୀତ ପରିଷଦ ପକ୍ଷରୁ କବି ଗୋପାଳକୃଷ୍ଣଙ୍କ ରଚନାରୁ ସମବେତ ଓଡ଼ିଶୀ ଗାୟନ ଏବଂ କବିସୂର୍ଯ୍ୟଙ୍କ ରଚନାରୁ ଚମ୍ପୂ ଲୀଳାନିଧି ହେ ପରିବେଷଣ କରିଥିଲେ। ପରେ ବର୍ଷୀୟାନ କଣ୍ଠଶିଳ୍ପୀ ପ୍ରମୋଦା ମିଶ୍ର ମୀରା ଭଜନ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏଥିରେ ଅସୀମ ଚୌଧୁରୀଙ୍କ ସିତାର ବାଦନ ଏବଂ ଅର୍କେନ୍ଦୁ ମିତ୍ରଙ୍କ ତବଲା ସଙ୍ଗତରେ ଯୁଗଳବନ୍ଦୀ ଆକର୍ଷଣ ସାଜିଥିଲା।

## ପୁରୀ ହିଂସା: ଆଉ ୨ ଗିରଫ
## ଗିରଫଦାରି ସଂଖ୍ୟା ୧୧୫ ଛୁଇଁଲା

**ପୁରୀ ଅଫିସ,୪।୧୧**

ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ଘଟିଥିବା ପୁରୀ ହିଂସାରେ ଗିରଫଦାରି ସଂଖ୍ୟା ୧୧୫ ଛୁଇଁଛି। ପୂର୍ବରୁ ପୋଲିସ ୧୧୩ ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଆଉ ୨ ଜଣ ଧରାପଡିଛନ୍ତି। ସେମାନେ ହେଲେ ଗୋପୀନାଥପୁରର ମନମୋହନ ସାହୁ ଓ ବାଲିସାହି ବରାହୀ ଲେନ୍‌ର ସନ୍ତୋଷ ପାତ୍ର। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନାରେ ରୁଜୁ କେସ୍ ନଂ.୮୫/୧୮ରେ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧ କରି ଶ୍ରୀଜଗନ୍ନାଥ ସେନା ଗତ ମାସ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ବାସଭବନ ଆଦି ଭଙ୍ଗାରୁଜା ହୋଇଥିଲା।

ବ୍ରହ୍ମଗିରି ବ୍ଲକରେ ବାଲ୍ୟବିବାହ ନିରୋଧ କର୍ମଶାଳା

## ଶପଥ ନେଲେ ୫ଶହ ମହିଳା, ଛାତ୍ରୀଛାତ୍ର

**ବ୍ରହ୍ମଗିରି, ୪।୧୧(ଡି.ଏନ୍.ଏ.)**

ବ୍ରହ୍ମଗିରିରେ ଶିଶୁ ସୁରକ୍ଷା ସହିତ ବାଲ୍ୟବିବାହ ପ୍ରଥାକୁ ରୋକିବା ପାଇଁ ବ୍ରହ୍ମଗିରି ସୁରକ୍ଷା ସମିତି ଅଧ୍ୟକ୍ଷ ରମାଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଗିରି ବ୍ଲକରୁ ଶିଶୁକନ୍ୟା ମାନଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସୁଦୂର ଝାନ୍‌ସୀ, ମଧ୍ୟପ୍ରଦେଶ, ବିହାର, ରାଜସ୍ଥାନ ଆଦି ଅଞ୍ଚଳକୁ ଚାଲାଣ କରାଯାଉଥିବା ଜଣାପଡିଛି, ଯାହା ଜିଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି। ବ୍ରହ୍ମଗିରି ବ୍ଲକରେ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଏହି ବ୍ଲକ ଅନ୍ତର୍ଗତ ବଡବେଣାକୁଦି ବାତ୍ୟା ଆଶ୍ରୟସ୍ଥଳୀଠାରେ ବାଲ୍ୟବିବାହ ନିରୋଧ ଓ ଶିଶୁ ଅଧିକାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ବାଲ୍ୟବିବାହକୁ କିପରି ରୋକାଯାଇପାରିବ ଓ ସରକାରୀସ୍ତରରେ କି କି ବିଧିବ୍ୟବସ୍ଥା ରହିଅଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ ବାଲ୍ୟବିବାହ ପାଇଁ ରହିଥିବା ଦଣ୍ଡବିଧାନ ବିଷୟରେ ଅବଗତ କରାଇଥିଲେ। ଶିଶୁ ମଙ୍ଗଳ କମିଟି ସଦସ୍ୟା ସୁଚେତା ଦାଶ ଓ ଦୀପ୍ତି ଦାଶ ଶିଶୁମାନଙ୍କ ଯତ୍ନରେ ମା' ଓ ବାପାମାନଙ୍କର ଭୂମିକା ନେଇ ସଚେତନ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ବୈଦ୍ୟନାଥ ମିଶ୍ର, ଅରକ୍ଷିତ ପ୍ରଧାନ, ଶୁଭନାରାୟଣ ଶତପଥୀ ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ନିରୋଧ ସମ୍ପର୍କରେ ମତ ରଖିଥିଲେ।

## ଲକ୍ଷ୍ମୀପୂଜା ଭସାଣିକୁ ନେଇ ଗୋଷ୍ଠୀ ସଂଘର୍ଷ

**ପୁରୀ ଅଫିସ,୪।୧୧**

**ଟେକା ପଥର ମାଡ଼ରେ ୬ ଗୁରୁତର**

ଚନ୍ଦନପୁର ଥାନା ଅନ୍ତର୍ଗତ ହନ୍ତୁକ ପଞ୍ଚାୟତର ଖଜୁରୀଗୋରଡ ଓ କଉପାଳ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ରବିବାର ସଂଘର୍ଷ ଘଟିଛି। ଟେକାପଥର ମାଡ ମାଡ଼ରେ ଦୁଇ ପକ୍ଷର ୬ଜଣ ଆହତ ହୋଇଛନ୍ତି। ଲକ୍ଷ୍ମୀପୂଜା ଭସାଣିକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ କହିଛି। ଉଭୟ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୂଚନାନୁସାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପୂର୍ବରୁ ଦୁଇ ଗ୍ରାମ ମଧ୍ୟରେ ଅନେକଥର ଗଣ୍ଡଗୋଳ ଘଟିଛି। ରବିବାର ଅପରାହ୍ନରେ ଲକ୍ଷ୍ମୀପୂଜା ଭସାଣି ସମୟରେ ପୁଣି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇ ପରସ୍ପରକୁ ଟେକାପଥର ମାଡ଼ କରିଥିଲେ। ଚନ୍ଦନପୁର ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିଲା।

## ବ୍ରତଧାରୀଙ୍କ ମୁଣ୍ଡରେ ପଡ଼ିଲା ନଡ଼ିଆ

### ୨ ହସ୍ପିଟାଲରେ, ଆଜି ଘରକୁ ଫେରିବେ ସୁଲୋଚନା

**ପୁରୀ ଅଫିସ,୪।୧୧**

ରେଲ୍‌ୱେ କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳରେ ରହୁଥିବା ଜଣେ ହବିଷିଆଳିଙ୍କ ମୁଣ୍ଡରେ ନଡ଼ିଆ ପଡିଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଫୁଲିଯାଇଛି। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ହବିଷିଆଳି ହେଲେ ନୟାଗଡ଼ ଜିଲାର ନେତ୍ରମଣି ବେହେରା (୫୩)। ରବିବାର ଅପରାହ୍ନ ପ୍ରାୟ ସାଢେ ୫ଟା ସମୟରେ ଅନ୍ୟ ହବିଷିଆଳିଙ୍କ ସହ ବସି ନେତ୍ରମଣୀ ମହାପ୍ରସାଦ ସେବନ କରୁଥିଲେ। କଲ୍ୟାଣ ମଣ୍ଡପ ପରିସରରେ ଥିବା ନଡ଼ିଆ ଗଛରୁ ଗୋଟିଏ ଶୁଖିଲା ନଡ଼ିଆ ନେତ୍ରମଣିଙ୍କ ମୁଣ୍ଡ ଉପରେ ପଡିଥିଲା। ସଙ୍ଗେସଙ୍ଗେ ଆମ୍ବୁଲାନ୍ସରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

**ହବିଷିଆଳି ଆଶ୍ରୟସ୍ଥଳରୁ...**



ଆହତ ନେତ୍ରମଣି ବେହେରା।

ଅନ୍ୟପକ୍ଷରେ ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପ ଆଶ୍ରୟସ୍ଥଳରେ ରହୁଥିବା ଖୋର୍ଦ୍ଧା ଜିଲା ସିକୋର ନିଆସୀ ଦେବୀ (୮୦) ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେ ଅତ୍ୟନ୍ତ ଦୁର୍ବଳ ହୋଇପଡିଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ଏହି ଆଶ୍ରୟସ୍ଥଳରେ ରହୁଥିବା ଖୋର୍ଦ୍ଧା ଜିଲା ଚନ୍ଦ୍ରଶେଖରପୁରର ସୁଲୋଚନା ପ୍ରଧାନ ପାରିବାରିକ ସମସ୍ୟା ଯୋଗୁ ଘରକୁ ଫେରିଯିବେ। ସେ ରବିବାର ଫେରିଯିବାର ଥିଲା। କିନ୍ତୁ ଆବଶ୍ୟକ କାଗଜପତ୍ର ହୋଇ ନ ଥିବାରୁ ସେ ସୋମବାର ଘରକୁ ଫେରିଯିବେ ବୋଲି ଜଣାପଡିଛି।






@ ଟୁନା



@ ସିଦ୍ଧାର୍ଥ



@ ବିଶ୍ୱ



@ ଲକ୍ଷ୍ମୀପ୍ରିୟା



@ ରଞ୍ଜନ



@ ରିଙ୍କୁପିଙ୍କୁ



@ ନବଜ୍ୟୋତି



@ ପ୍ରସାଦ କୁମାର